R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

ଏକତ୍ରିଂଶତମ ବର୍ଷ

ସଂଖ୍ୟା : ୦୫

ତିଥି: ଏକାଦଶୀ

୦୬ ଅକ୍ଟୋବର ୨୦୨୬, ମଙ୍ଗଳବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

06 October 2026, Tuesday

Bhubaneswar | Balasore | Angul | Berhampur | Sambalpur

### ସୁପ୍ରିମ୍‌କୋର୍ଟରେ ସିଇସି ମାମଲାର ଶୁଣାଣି

## ପରିବର୍ତ୍ତିତ ଫର୍ମ-୬କୁ ଅନୁମୋଦନ କରିନାହୁଁ : ସିଜେଆଇ





ନୂଆଦିଲ୍ଲୀ, ୫।୧୦ : ନୂଆ ଭୋଟରଙ୍କ ପଞ୍ଜୀକରଣ ପାଇଁ ଆବଶ୍ୟକ ଫର୍ମ-୬ରେ ନିର୍ବାଚନ କମିଶନ ପକ୍ଷରୁ କରାଯାଇଥିବା ପରିବର୍ତ୍ତନ ସମ୍ପର୍କିତ ମାମଲାକୁ ଗୁରୁତ୍ୱର ସହ ଯାଞ୍ଚ କରିବେ ସୁପ୍ରିମକୋର୍ଟ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ସ୍ପଷ୍ଟ କରିଛନ୍ତି ଯେ, କଥିତ 'ପରିବର୍ତ୍ତିତ' ଫର୍ମ-୬କୁ ସୁପ୍ରିମକୋର୍ଟ ଅନୁମୋଦନ କରିନାହାନ୍ତି। ସୁପ୍ରିମ୍‌କୋର୍ଟଙ୍କ ଏହି ମନ୍ତବ୍ୟ ପରେ ନିର୍ବାଚନ କମିଶନଙ୍କ ଲାଗି ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି।

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ନିଜେ ନିଜେ ନିର୍ବାଚନ କମିଶନର ସମସ୍ତ କ୍ଷମତା ପ୍ରୟୋଗ କରୁଛନ୍ତି କି ନାହିଁ, ତାହା ଯାଞ୍ଚ ଦାବି କରି ଦାଖଲ ହୋଇଥିବା ଆବେଦନର ଶୁଣାଣି ସମୟରେ ପ୍ରଧାନ ବିଚାରପତି ଏହି ମନ୍ତବ୍ୟ ଦେଇଛନ୍ତି। ତେବେ ସୁପ୍ରିମ୍‌କୋର୍ଟ ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ନିଲମ୍ବିତ ଲାଗି ଏକତରଫା ଅନ୍ତରୀଣ ନିର୍ଦ୍ଦେଶ ଦେବାକୁ ମନା କରିଦେଇଛନ୍ତି। ସୁପ୍ରିମ୍‌କୋର୍ଟରେ ଆଜି ଏହି ମାମଲା ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଓ ଜଷ୍ଟିସ୍ ଭି ମୋହନାଙ୍କୁ ନେଇ ଶୁଣାଣି ହୋଇଥିଲା। ସୁପ୍ରିମ୍‌କୋର୍ଟ ମଧ୍ୟ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନଙ୍କୁ ନୋଟିସ୍ ଦେଇଛନ୍ତି।

❒ **ଅନ୍ତରୀଣ ନିଲମ୍ବନ ଆଦେଶ ଦେବାକୁ ମନା କଲେ**

ପ୍ରଧାନ ବିଚାରପତି କହିଛନ୍ତି, ଫର୍ମ-୬ ସମ୍ପର୍କରେ ସୁପ୍ରିମକୋର୍ଟ ଏପର୍ଯ୍ୟନ୍ତ କୌଣସି ରାୟ ଦେଇନାହାନ୍ତି। ମାମଲା ସମ୍ପର୍କିତ ରେକର୍ଡ (୯ ପୃଷ୍ଠାରେ)

### ପୁନଃବିକଶିତ ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡିଓ'ର ଲୋକାର୍ପଣ

## ମୌଳିକ କାହାଣୀ, ଇତିହାସକୁ ନେଇ ସିନେମା ହେଉ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୫।୧୦ (ସବ୍ୟୁ) : ଓଡ଼ିଆ ସିନେମାର ଗୌରବଜ୍ଜ୍ୱଳ ଅତୀତକୁ ପୁନର୍ଜୀବିତ କରିବା ଏବଂ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜଧାନୀ ଭୁବନେଶ୍ୱରରେ ନବକଳେବର ପ୍ରାପ୍ତ ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡ଼ିଓ'ର ଆଜି ଭବ୍ୟ ଲୋକାର୍ପଣ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁନଃବିକଶିତ ଓ ନବୀକୃତ ବିଶ୍ୱସ୍ତରୀୟ ଷ୍ଟୁଡ଼ିଓକୁ ଲୋକାର୍ପିତ କରିଛନ୍ତି।

ଏହା ସହିତ ସିନେମା ଐତିହ୍ୟର ସୁରକ୍ଷା ପାଇଁ କଳିଙ୍ଗ ଷ୍ଟୁଡିଓରେ ନିର୍ମିତ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଣିକି ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବୈଷୟିକ କାର୍ଯ୍ୟ ପାଇଁ ଆଉ ଅନ୍ୟ ରାଜ୍ୟମୁହାଁ ହେବାକୁ ପଡ଼ିବ ନାହିଁ। ଏଥିରେ ଅନେକ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଇଛି। ଆଗାମୀ ଦିନରେ ଆହୁରି ଅନେକ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ ନୂତନ କଳିଙ୍ଗ ଷ୍ଟୁଡ଼ିଓ ବଦଳୁଥିବା ସମୟ ଏବଂ ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଆଖି ଆଗରେ ରଖି କଳିଙ୍ଗ ଷ୍ଟୁଡ଼ିଓକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଇକୋସିଷ୍ଟମ ଭାବେ ବିକଶିତ କରାଯାଇଛି। ଏଠାରେ ଇନ୍‌ଡୋର୍ ଶୁଟିଂ ଫ୍ଲୋର୍, ସୋ-ହାଉସ୍, କ୍ରୋମା ଫ୍ଲୋର୍, ଟେକ୍-ଜୋନ୍, ସାଉଣ୍ଡ (୯ ପୃଷ୍ଠାରେ)

### ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ

## ୧୫ରେ ନିର୍ବାଚନ, ୧୬ରେ ଶପଥ



ଭୁବନେଶ୍ୱର, ୫।୧୦ (ସବ୍ୟୁ): ଦୀର୍ଘ ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଛି । ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବିଗୁଲ ବାଜିଲା ପରେ କଲେଜ କ୍ୟାମ୍ପସ୍ ଏବେ ସରଗରମ ହୋଇଛି । ଚଳିତ ମାସ ୧୫ ତାରିଖରେ ନିର୍ବାଚନ ଓ ୧୬ ତାରିଖରେ ଶପଥ ଗ୍ରହଣ ଉତ୍ସବ ପାଳନ ହେବ ।ଏନେଇ ଆସନ୍ତା ୭ ତାରିଖରେ କଲେଜମାନଙ୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଘୋଷଣା କରିଛନ୍ତି ।

- ⏭ ବାଜିଲା ବିଗୁଲ, ସରଗରମ କଲେଜ କ୍ୟାମ୍ପସ
- ⏭ କ୍ୟାମ୍ପସ ନିର୍ବାଚନ ପ୍ରଚାରରେ କଡ଼ା ନିୟମ
- ⏭ ପ୍ରିଣ୍ଟେଡ୍ ପୋଷ୍ଟର, ପାମ୍ପଲେଟ ମନା, ହାତ ତିଆରି କାର୍ଡ ବାଣ୍ଟିବେ
- ⏭ ଯୁକ୍ତ/ଯୁକ୍ତ ୩ ଛାତ୍ରଛାତ୍ରୀଙ୍କ ବୟସ ୧୭ରୁ ୨୨ ବର୍ଷ
- ⏭ ପିଜି ଛାତ୍ରଛାତ୍ରୀଙ୍କ ସର୍ବାଧିକ ବୟସ ୨୫ ବର୍ଷ ହୋଇଥିବ
- ⏭ ପ୍ରାର୍ଥୀଙ୍କର କୌଣସି ବିଷୟରେ ଏକାଡେମିକ୍ ବ୍ୟାକ୍ ନଥିବ
- ⏭ ଅତିକମ୍‌ରେ ୭୫% ଉପସ୍ଥାନ ଥିବା ଆବଶ୍ୟକ
- ⏭ ହିଂସା ବିରୋଧରେ ଶୂନ୍ୟ ସହନଶୀଳତା ନୀତି

କ୍ୟାମ୍ପସରେ ପ୍ରାର୍ଥୀଙ୍କ ପ୍ରଚାର ଲାଗି ନିର୍ଦ୍ଦିଷ୍ଟ ଗାଇଡଲାଇନ୍ ରହିଛି। ଯୁକ୍ତ କିମ୍ବା ଯୁକ୍ତ ୩ ଛାତ୍ରଛାତ୍ରୀଙ୍କ ବୟସ ୧୭ରୁ ୨୨ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । ସେହିପରି ପିଜି ଛାତ୍ରଛାତ୍ରୀଙ୍କ ସର୍ବାଧିକ ବୟସ ୨୫ ବର୍ଷ ହୋଇଥିବା ଦରକାର। ପ୍ରାର୍ଥୀଙ୍କର କୌଣସି ବିଷୟରେ ଏକାଡେମିକ୍ ବ୍ୟାକ୍ ନଥିବା ସହ, ଅତିକମରେ ୭୫ ପ୍ରତିଶତ କ୍ଲାସ୍ ଉପସ୍ଥାନ ରହିବା ଆବଶ୍ୟକ ।

ଏଥର ପ୍ରାର୍ଥୀ ପ୍ରିଣ୍ଟେଡ୍ ପୋଷ୍ଟର, ପାମ୍ପଲେଟ୍ ବ୍ୟବହାର କରିପାରିବେ ନାହିଁ । କେବଳ ହାତରେ ତିଆରି ପୋଷ୍ଟର ବ୍ୟବହାର କରିପାରିବେ । କଲେଜ କର୍ତ୍ତୃପକ୍ଷ ଅନୁମତି ଦେଇଥିବା ସ୍ଥାନରେ ଲଗାଇପାରିବେ ପୋଷ୍ଟର। କ୍ୟାମ୍ପସ ବାହାରେ ଶୋଭାଯାତ୍ରା, ବୈଠକ କିମ୍ବା କ୍ୟାମ୍ପେନ୍ କରିବା ମନା। ଶୋଭାଯାତ୍ରା କି ବୈଠକ ପାଇଁ ଆଗୁଆ କଲେଜ କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଲିଖିତ ଅନୁମତି ନେବାକୁ ହେବ । ସେହିପରି କଲେଜ କିମ୍ବା ବିଶ୍ୱବିଦ୍ୟାଳୟର କୌଣସି ସମ୍ପତ୍ତି ନଷ୍ଟ କରିପାରିବେ ନାହିଁ । ଜଣେ ପ୍ରାର୍ଥୀ ଗୋଟିଏ ପଦ ପାଇଁ କେବଳ ଥରେ ନିର୍ବାଚନ ଲଢ଼ିପାରିବେ। (୯ ପୃଷ୍ଠାରେ)






ଇତିହାସ

# ଆଦିତ୍ୟ ଓ ୟାମୀ ଛାଡୁଛନ୍ତି ମୁମ୍ବାଇ



ତ ଦମ୍ପତି ଅଭିନେତ୍ରୀ ୟାମୀ ଗୌତମ ଓ ଚଳଚ୍ଚିତ୍ର ମୁମ୍ବାଇ ଛାଡ଼ି ହିମାଚଳ କୁ ନିଷ୍ପତ୍ତି ନେଇଥିବା ରିପୋର୍ଟ ପ୍ରକାଶ ପାଇଛି । ବୃତ୍ତିଗତ କାର୍ଯ୍ୟ ବ୍ୟତୀତ ନିଜର ବ୍ୟକ୍ତିଗତ ଓ ପାରିବାରିକ ଜୀବନ ାମର ନିଆରୁ ଦୂରରେ ରଖିବା ଲକ୍ଷରେ ଏହି ଦମ୍ପତି ହିମାଚଳ ପ୍ରଦେଶର ମଣ୍ଡିଠାରେ ରହିବାକୁ ବାଛିଛନ୍ତି । ତେବେ ଫିଲ୍ମ ଓ ବିଭିନ୍ନ ପ୍ରୋଜେକ୍ଟ କାମ ପାଇଁ ଯଦିଓ ସେମାନେ ମୁମ୍ବାଇ ଗସ୍ତ ଜାରି ରଖିବେ, ହେଲେ ନିଜର ସ୍ଥାୟୀ ଠିକଣା ଭାବେ ହିମାଚଳକୁ ବାଛିଛନ୍ତ ହିମାଚଳ ପ୍ରଦେଶ ସହ ୟାମୀଙ୍କର ନିବିଡ଼ ସମ୍ପର୍କ ରହିଛି, କାରଣ ସେ ବିଳାସପୁରରେ ଜନ୍ମଗ୍ରହଣ କରିଥିଲେ ଏବଂ ଚଣ୍ଡୀଗଡ଼ରେ ବଢ଼ିଥିଲେ । ତାଙ୍କର ସମ୍ପର୍କ ଏହି ରାଜ୍ୟ ସହ ଗଭୀର ଭାବେ ଯୋଡ଼ିହୋଇ ରହିଛି । ମଣ୍ଡିର ଗୋହରଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଆଦିତ୍ୟଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା । ଅନ୍ୟପଟେ ନୂଆଦିଲ୍ଲୀର ଏକ କାଶ୍ମୀରୀ ପଣ୍ଡିତ ପରିବାରରେ ଜନ୍ମିତ ଓ ବଢ଼ିଥିବା ଆଦିତ୍ୟ ୨୦୦୬ରୁ ମୁମ୍ବାଇରେ କାର୍ଯ୍ୟରତ ଥିଲେ ବି, ସେ ୟାମୀଙ୍କ ନିଷ୍ପତ୍ତିରେ ରାଜି ବୋଲି ଆଲୋଚନା ହେଉଛି । ଏହା ପୂର୍ବରୁ ମଧ୍ୟ ଅନେକ ସେଲିବ୍ରିଟି ମୁମ୍ବାଇ ଛାଡି ନିଜର ସ୍ଥାୟୀ ବାସିନ୍ଦା ଭାବେ ଅନ୍ୟ ସ୍ଥାନକୁ ବାଛିଛନ୍ତି । ନିକଟରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ ହୋଇଥିବା ଏହି ଦମ୍ପତି ମେ ୨୦୨୪ରେ ପୁତ୍ରସନ୍ତାନ 'ବେଦବିଦ୍'ଙ୍କୁ ସ୍ୱାଗତ କରିଥିଲେ ।



# କୁକୁରକୁ କମାଣ୍ଡୋ ଟ୍ରେନିଂ



ଦେଶରେ କ୍ରମାଗତ ଭାବେ ହ୍ରାସ ପାଉଥିବା ଜନ୍ମହାରକୁ ଦୃଷ୍ଟିରେ ରଖି ସିଙ୍ଗାପୁର ସରକାର ନିଜ କର୍ମଚାରୀଙ୍କ ପାଇଁ 'ଫାର୍ଷ୍ଟଡେଟ୍' ନାମକ ଏକ ବିଶେଷ ଡେଟିଂ ସେବା ଆରମ୍ଭ କରିଛନ୍ତି । ସାଧାରଣ ଡେଟିଂ ଆପ୍ ଗୁଡ଼ିକ ଭଳି ଏଥିରେ ବହୁସଂଖ୍ୟକ ପ୍ରୋଫାଇଲ୍ ସ୍ୱାଇପ୍ କରିବାର ଆବଶ୍ୟକତା ନାହିଁ । ବରଂ ଏକ ଆଲଗୋରିଦମ୍ ବ୍ୟବହାରକାରୀଙ୍କ ପସନ୍ଦ, ଅଭ୍ୟାସ ଓ ରୁଚିର ବିଶ୍ଳେଷଣ କରି ମ୍ୟାଚ୍ ପ୍ରସ୍ତାବ ଦେଇଥାଏ । ଏଥିପାଇଁ ଅଂଶଗ୍ରହଣକାରୀମାନଙ୍କୁ ନିଜ ଜୀବନଶୈଳୀ ଓ ପସନ୍ଦ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିଥାଏ । ଯାହାକୁ ୨୦୧୨ ନୋବେଲ ପୁରସ୍କାର ବିଜେତା ଗଣିତଜ୍ଞ ଲୋଏଡ୍ ସାପଲିଙ୍କ ଦ୍ୱାରା ବିକଶିତ 'ଗେଲ୍-ସାପଲି ଆଲଗୋରିଦମ୍' ମାଧ୍ୟମରେ ବିଶ୍ଳେଷଣ କରାଯାଏ । କର୍ମଚାରୀମାନେ ନିଜର 'ନ୍ୟାସନାଲ୍ ଡିଜିଟାଲ୍ ଆଇଡେଣ୍ଟିଟି' ଜରିଆରେ ଲଗ୍-ଇନ୍ କରି ଗୋଟିଏ ସମୟରେ କେବଳ ଜଣେ ହିଁ ସମ୍ଭାବ୍ୟ ସାଥୀଙ୍କ ପ୍ରୋଫାଇଲ୍ ପାଇଥାନ୍ତି । ଉଲ୍ଲେଖଯୋଗ୍ୟ ଯେ, ୨୦୨୫ ମସିହାରେ ସିଙ୍ଗାପୁରରେ ପ୍ରଥମ ଥର ପାଇଁ ବାର୍ଷିକ ଜନ୍ମସଂଖ୍ୟା ୩୦,୦୦୦ରୁ କମ୍ ରହିଥିବା ବେଳେ ମୃତ୍ୟୁସଂଖ୍ୟା ପ୍ରାୟ ୨୬,୫୦୦ ଥିଲା । ଏହି ପରିସ୍ଥିତିକୁ ସୁଧାରିବା ପାଇଁ ପ୍ରାଥମିକ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଥି ବା ଏହି ସେବାରେ ୨୧ ରୁ ୩୫ ବର୍ଷ ବୟସର ସରକାରୀ କର୍ମଚାରୀମାନେ ଅଂଶଗ୍ରହଣ କରିପାରିବେ ।

# ସିଙ୍ଗାପୁର ସରକାର ଦେଉଛନ୍ତି ଡେଟିଂ ସେବା

ଚୀନ୍‌ର ବେଜିଂ ଚିଡ଼ିଆଖାନାରେ ପୋକମାନଙ୍କ ବଂଶବୃଦ୍ଧି ନିୟନ୍ତ୍ରଣ କରିବା ପାଇଁ ପର୍ଯ୍ୟଟକମାନଙ୍କୁ ନେଇ 'ପେଷ୍ଟ ୱାରିଅର୍ସ' ନାମକ ଏକ ଅନନ୍ୟ ପ୍ରତିଯୋଗିତା ଆରମ୍ଭ କରାଯାଇଛି । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନଙ୍କୁ ଗ୍ଲୋବ୍ସ, ଚପଷ୍ଟିକ୍ସ ଏବଂ କଣ୍ଟେନର ଦିଆଯାଉଛି । ଯାହା ମାଧ୍ୟମରେ ସେମାନେ ଗଛରୁ ପୋକ ସଂଗ୍ରହ କରୁଛନ୍ତି । ପ୍ରତିଦିନ ଅପରାହ୍ନରେ ସଂଗ୍ରହ କରାଯାଇଥିବା ପୋକଗୁଡ଼ିକର ଓଜନ କରାଯାଉଥିବାବେଳେ ସବୁଠାରୁ ଅଧିକ ଓଜନର ପୋକ ଧରୁଥିବା ବିଜେତାଙ୍କୁ ୧୦ଟି ମାଗଣା ଚିଡ଼ିଆଖାନା ଟିକେଟ୍ ପ୍ରଦାନ କରାଯାଉଛି । ପ୍ରତିଯୋଗିତାର ପ୍ରଥମ ତିନି ଦିନ ମଧ୍ୟରେ ୧୮ କିଲୋଗ୍ରାମରୁ ଅଧିକ ପୋକ ସଂଗ୍ରହ କରାଯାଇସାରିଛି । ଏହି ପୋକଗୁଡ଼ିକ ୩୦୦ରୁ ଅଧିକ ପ୍ରଜାତିର ଉଦ୍ଭିଦକୁ ନଷ୍ଟ କରିପାରନ୍ତି ଏବଂ ଚଳିତ ବର୍ଷ ଅନୁକୂଳ ପାଣିପାଗ ହେତୁ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଚିଡ଼ିଆଖାନା କର୍ତ୍ତୃପକ୍ଷ ଗଛରୁ ଜାଲ ହଟାଇବା, କୀଟନାଶକ ପ୍ରୟୋଗ କରିବା ସହ ପୋକଙ୍କ ବଂଶ ହ୍ରାସ କରିବା ପାଇଁ ପ୍ରାୟ ୧.୧ ବିଲିୟନ 'ପାରାସାଇଟିକ୍ ୱାସପ୍' (ପରଜୀବୀ ବିଷାକ୍ତ ପୋକ) ଛାଡ଼ିଛନ୍ତି ।

# ପୋକ ଧରିବା ପ୍ରତିଯୋଗିତା



ସୋସିଆଲ କୋଟ୍ସ











ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳିଙ୍ଗ ଷ୍ଟୁଡ଼ିଓର ସ୍ନୋ ହାଉସ, ମ୍ୟୁଜିୟମ ଓ ବିଭିନ୍ନ ସୁଟିଂ ସେଟ୍ ପରିଦର୍ଶନ କରୁଛନ୍ତି

## ଆଞ୍ଚଳିକ ଭୂ-ସମ୍ପତ୍ତି ସୁରକ୍ଷା ପରିଷଦର ପକ୍ଷରୁ
# ଶ୍ରୀଜଗନ୍ନାଥଙ୍କ ଜମି ସୁରକ୍ଷା ଓ ସଠିକ୍ ରେକର୍ଡ ପ୍ରସ୍ତୁତି ଦାବି

ପୁରୀ, (ସବ୍ୟୁ): ରାଜ୍ୟ ସରକାରଙ୍କ ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ଉଦ୍ଦେଶ୍ୟରେ ଜମି ପରିଚାଳନା ନିୟମ ୨୦୨୬ ପ୍ରଣୟନ ପାଇଛି । ଯାହାକୁ କଡ଼ା ବିରୋଧ କରିଛି ଆଞ୍ଚଳିକ ଭୂ-ସମ୍ପତ୍ତି ସୁରକ୍ଷା ପରିଷଦ । ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ନୂତନ ନିୟମ ଅନୁଯାୟୀ ରାଜ୍ୟରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର ର ସମସ୍ତ ଭୂସମ୍ପତ୍ତି ପାଇଁ ଲାଗୁ ହେବ । କିନ୍ତୁ ନୂତନ ନିୟମ ସର୍ତ୍ତାବଳୀ ରେ ଏହା ଉଲ୍ଲେଖ ରହିଛି ଯେ ଖୋର୍ଦ୍ଧା ଜିଲ୍ଲାର ଏଖରାଯାତ ମାହାଲ( ଇଷ୍ଟେଟ୍) ଓ ପୁରୀ ଜିଲ୍ଲାର ସତେଇଶି ହଜାରୀ ମାହାଲ ପାଇଁ ପ୍ରଯୁଜ୍ୟ ହେବ ନାହିଁ। ଏଥି ପୂର୍ବରୁ ରାଜ୍ୟ ସରକାର ଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ବିକ୍ରି ପାଇଁ ୟୁନିଫର୍ମ ପଲିସି ୨୦୦୩ ନିୟମ ଲାଗୁ ହୋଇଥିଲା । ଯେଉଁଥିରେ ସତେଇଶି ହଜାରୀ ମାହାଲ ଓ ୧୩୦ ଗୋଟି ମୌଜା ଓ ଏଖରାଯାତ ମାହାଲ ୧୩୧ ଗୋଟି ମୌଜା କୁ ସମ୍ପୃକ୍ତ କରା ଯାଇ ନ ଥିଲା । ଏହି ସତେଇଶି ହଜାରୀ ମାହାଲ ରେ ପୁରୀ ସଦର ସମଙ୍ଗ ରା , ବାଟଗାଁ , ଅଳିକିଆ, ଆଦି ଅନେକ ମୌଜା ର ଭୂସମ୍ପତ୍ତି ଅନ୍ତର୍ଭୁକ୍ତ ଅଛି । ତେବେ ନୂତନ ନିୟମ ଦ୍ୱାରା ବାର୍ଯ ବର୍ଷ ଧରି ରହି ଆସି ଥିବା ବ୍ୟକ୍ତି ବିଶେଷ ମାନେ ଅଥଚ ହଇରାଣ ସମ୍ମୁଖୀନ ହେଉଛନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ଦେବୋତ୍ତର ଓ ଏଷ୍ଟେଟ୍ ସମ୍ପତ୍ତିର ସୁରକ୍ଷା, ସଠିକ୍ ରେକର୍ଡ ପ୍ରସ୍ତୁତି ଏବଂ ବେଆଇନ ହସ୍ତାନ୍ତର ରୋକିବା ନେଇ ଆଞ୍ଚଳିକ ଭୂ-ସମ୍ପତ୍ତି ସୁରକ୍ଷା ପରିଷଦ ପକ୍ଷରୁ ଦାବି କରାଯାଇଛି।

ପରିଷଦ ପକ୍ଷରୁ ସ୍ଥାନୀୟ ଯୁଥ ମଣ୍ଡଳ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ଶଶୀଭୂଷଣ ଶତପଥୀ କହିଛନ୍ତି ଯେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମା ସମ୍ପର୍କରେ ବିଭିନ୍ନ ସମୟର ଐତିହାସିକ ରେକର୍ଡ, ରେକର୍ଡ ଅଫ୍ ରାଇଟ୍ସ ଓ ସେଟଲମେଣ୍ଟ ରେକର୍ଡର ଯାଞ୍ଚ କରାଯିବା ଆବଶ୍ୟକ। ବିଶେଷକରି ପୁରୁଣା ରେକର୍ଡରେ ମହାପ୍ରଭୁଙ୍କ ନାମରେ ଥିବା ସମ୍ପତ୍ତି ପରବର୍ତ୍ତୀ ରେକର୍ଡରେ କିପରି ପରିବର୍ତ୍ତିତ ହେଲା, ତାହାର ତଦନ୍ତ ହେବା ଉଚିତ ବୋଲି ପରିଷଦ ଦାବି କରି ଛନ୍ତି। ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି, ୧୮୫୮ ମସିହା ପୂର୍ବରୁ ଶ୍ରୀଜଗନ୍ନାଥ ମନ୍ଦିରର ସମ୍ପତ୍ତି ପରିଚାଳନା ସହ ଜଡ଼ିତ ବ୍ୟବସ୍ଥା ରହିଥିଲା। ପରବର୍ତ୍ତୀ ସମୟର ବିଭିନ୍ନ ସେଟେଲମେଣ୍ଟ ଓ ରାଜସ୍ୱ ରେକର୍ଡରେ ମନ୍ଦିର ସମ୍ପତ୍ତିର ସ୍ଥିତି ଉଲ୍ଲେଖ ହୋଇଛି। ୧୯୨୭-୨୮ ମସିହାର ରେକର୍ଡ ସମେତ ପୁରୁଣା ଦଲିଲଗୁଡ଼ିକୁ ଆଧାର କରି ବର୍ତ୍ତମାନର ରେକର୍ଡ ସହ ତୁଳନା କରିବାକୁ ପରିଷଦ ଗୁରୁତ୍ୱାରୋପ କରିଛି।

ଏଥିସହ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ 'ଶ୍ରୀଜଗନ୍ନାଥ ମହାପ୍ରଭୁ ଭୂମି ପରିଚାଳନା ନିୟମ, ୨୦୨୬' ପ୍ରଣୟନ କରାଯାଇଥିବା ପ୍ରସଙ୍ଗକୁ ପରିଷଦ ସ୍ୱାଗତ କରିଛି। ନୂତନ ବ୍ୟବସ୍ଥାରେ ମହାପ୍ରଭୁଙ୍କ ଜମିର ସଠିକ୍ ଚିହ୍ନଟ, ଯାଞ୍ଚ, ସୁରକ୍ଷା ଓ ପରିଚାଳନା ନିଶ୍ଚିତ କରିବା ସହ ବିବାଦୀୟ ରେକର୍ଡର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପରିଷଦ ଦାବି କରିଛି।

# ଦୁଇଟି ହତ୍ୟା ମାମଲାରେ ୧୧ଜଣଙ୍କୁ ଆଜୀବନ

ଭୁବନେଶ୍ୱର, (ସବ୍ୟୁ) : ଦୁଇଟି ଥାନା ଅଞ୍ଚଳର ଦୁଇଟି ହତ୍ୟା ମାମଲାରେ ୧୧ଜଣଙ୍କୁ ଆଜୀବନ ଜେଲ୍‌ଦଣ୍ଡ ଶୁଣାଇଛନ୍ତି କୋର୍ଟ । ଚନ୍ଦକା ଥାନା ଅଞ୍ଚଳରେ ସୁଶାନ୍ତ କୁମାର ଟୁଡୁ ହତ୍ୟା କରିଥିବା ରାଜେନ୍ଦ୍ର ହାଁସଦା ଓ ମୋହନ ମାରାଣ୍ଡି ଓ ବାଲିପାଟଣା ଥାନା ଅଞ୍ଚଳରେ ଅକ୍ଷୟ କୁମାର ମାଝୀଙ୍କୁ ହତ୍ୟା କରିଥିବା ମୁଖ୍ୟ ଅଭିଯୁକ୍ତ ଦିଲୁ କୁମାର ଭୋଇ ସମେତ ୮ ଜଣଙ୍କୁ ଆଜୀବନ ଜେଲ୍‌ଦଣ୍ଡାଦେଶ ଦେଇଛନ୍ତି କୋର୍ଟ ।

୨୦୨୪ ମସିହା ଜୁନ୍ ୧୧ ତାରିଖ ସକାଳେ ହତ୍ୟାର ଶିକାର ହୋଇଥିବା ସୁଶାନ୍ତ କୁମାର ଟୁଡୁ ତାଙ୍କ ଦୁଇ ସାଙ୍ଗ ରାଜେନ୍ଦ୍ର ଏବଂ ମୋହନଙ୍କ ସହ ନିଜ ସ୍କୁଟିରେ ବୁଡଙ୍ଗଗଡକୁ ଦେଶୀମଦ ପିଇବାକୁ ଯାଇଥିଲେ । ମଧ୍ୟାହ୍ନରେ ଫେରିବା ବେଳେ ବାଟରେ ପଞ୍ଚମାଣିଆ ଜଙ୍ଗଲ ନିକଟରେ ସ୍କୁଟିର ତେଲ ସରିଯିବାରୁ ଗାଡି ଅଟକି ଯାଇଥିଲା । ଏହି କଥାକୁ ନେଇ ସୁଶାନ୍ତ ଏବଂ ତାଙ୍କ ରାଜେନ୍ଦ୍ରଙ୍କ ମଧ୍ୟରେ ପ୍ରବଳ ବଚସା ହେଲା । ରାଜେନ୍ଦ୍ର ରାଗିଯାଇ ହଠାତ୍ ଏକ ଗାମୁଛାରେ ସୁଶାନ୍ତଙ୍କ ବେକକୁ ଜୋର୍‌ରେ ଚିପି ଦେଲା । ଫଳରେ ସୁଶାନ୍ତ ତଳେ ପଡିଯାଇ ଚେତାଶୂନ୍ୟ ହୋଇଯାଇଥିଲା । ଯାହାକି ସେହିଠାରେ ତା'ର ମୃତ୍ୟୁ ହୋଇଥିଲା । ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ରାଜେନ୍ଦ୍ର ଓ ମୋହନ ଶବକୁ ଜଙ୍ଗଲର ଏକ ବୁଦାମୂଳକୁ ଯାଇ ଲୁଚାଇ ଦେଇ ଗାଁକୁ ଫେରିଆସିଥିଲେ । ୨୦୨୪ ମସିହା ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟାବେଳେ ଗାର୍ଗି ଫର୍ଟିଲାଇଜର ଦୋକାନ ନିକଟରେ ଦିଲୁ ଭୋଇ ସମେତ ୮ ଜଣ ସଂଘବଦ୍ଧ ଭାବେ ଅକ୍ଷୟ କୁମାର ମାଝୀଙ୍କୁ ଆକ୍ରମଣ କରିଥିଲେ । ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଅକ୍ଷୟଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେଇଥିଲେ । ଚିକିତ୍ସାଧୀନ ଅବସ୍ଥାଧନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଅକ୍ଷୟଙ୍କ ସ୍ତ୍ରୀ ଶ୍ରାବଣୀ ମାଝୀ ବାଲିପାଟଣା ଥାନାରେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ ଦିଲୁ ସମେତ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ ହେବା ପରେ ଶୁଣାଣି ଆରମ୍ଭ ହୋଇଥିଲା । ୧୦ଜଣ ସାକ୍ଷୀ ଓ ପ୍ରାସଙ୍ଗିକ ଦସ୍ତାବିଜ୍ ଆଧାରରେ କୋର୍ଟ ସୋମବାର ଦିଲ୍ଲୀ ସମେତ ୮ ଜଣଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ଏଥିସହ ୨୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଜରିମାନାଅନାଦେୟ ଦେଲେ ୬ମାସ ଅତିରିକ୍ତ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ କୋର୍ଟ କହିଭଛନ୍ତି ।

## ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ
# ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି

ଭୁବନେଶ୍ୱର, (ସବ୍ୟୁ): ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିଧାନସଭା ପାର୍ଶ୍ୱସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏବଂ ଅନ୍ୟ ବିଶିଷ୍ଟ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଲେ ଯେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ଆତ୍ମବଳୀ ଦେଇଥିବା ଦେଶପ୍ରେମୀମାନଙ୍କ ମଧ୍ୟରେ ସର୍ବ କନିଷ୍ଠ ବାର ବର୍ଷର ବାଳକ ବାଜି ରାଉତ ଅତ୍ୟାଚାରୀ ରାଜା ଓ ବ୍ରିଟିଶ୍ ଶାସକ କବଳରୁ ନିଷ୍ପେଷିତ ଜନତା ଓ ମାଟି ମା'ର ସୁରକ୍ଷା ପାଇଁ ବ୍ରିଟିଶ୍ ସୈନ୍ୟଙ୍କୁ ସାହସିକତାର ସହ ସାମ୍ନା କରି ପ୍ରାଣବଳୀ ଦେଇଥିଲେ । ବାଜି



ରାଉତଙ୍କ ଆତ୍ମବଳୀଦାନ ସମଗ୍ର ଦେଶକୁ ମାତୃଭୂମିର ସେବା ଓ ସ୍ୱାଧୀନତା ପାଇଁ ସଂଗ୍ରାମ କରିବାକୁ ପ୍ରେରଣା ଦେଇଥିଲା । ମୁଖ୍ୟମନ୍ତ୍ରୀ କହିଲେ ଯେ ନିର୍ଭୀକତା, ଦେଶପ୍ରେମ ଓ ସାହସିକତାପୂର୍ଣ୍ଣ ଶହୀଦ ବାଜି ରାଉତଙ୍କ ଜୀବନୀ ହେଉଛି ଆଜିର ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ପାଇଁ ସବୁଠାରୁ ବଡ ପ୍ରେରଣା । ଓଡିଶା ସରକାର ରାଜ୍ୟର ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବାର ନୂଆ ଧାରା ଆରମ୍ଭ କରିଛନ୍ତି । ଗତବର୍ଷ ଶହୀଦ ବାଜି ରାଉତଙ୍କ ନୀଳକଣ୍ଠପୁର ଗ୍ରାମରେ ତାଙ୍କର ଜନ୍ମ ଦିବସକୁ ରାଜ୍ୟସ୍ତରୀୟ ଉତ୍ସବ ଭାବେ ପାଳନ କରାଯାଇଥିଲା । ଶହୀଦଙ୍କ ଗ୍ରାମକୁ ଆଦର୍ଶ ଗ୍ରାମ ରୂପେ ଘୋଷଣା କରାଯାଇଛି ଏବଂ ବାଜି ରାଉତଙ୍କ ସ୍ମୃତିରେ ଢେଙ୍କାନାଳଠାରେ ୧୨୦ କୋଟି ଟଙ୍କା ବ୍ୟୟରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି । ଓଡ଼ିଶାର ବରପୁତ୍ର ଓ ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ମହାନ ଦେଶଭକ୍ତ ମାନଙ୍କ ସ୍ମୃତିଚାରଣ କରି ସେମାନଙ୍କ ଅବଦାନକୁ ସ୍ମରଣ କରିବା ପାଇଁ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ସଞ୍ଜୟ କୁମାର ବିଶ୍ୱାଳ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।




# ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଜାତୀୟ ପୋଷଣ ମାସ ପାଳିତ

ଭୁବନେଶ୍ୱର, (ସବ୍ୟୁ): ଆର୍ସେଲରମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଏହାର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଜାତୀୟ ପୋଷଣ ମାସ ପାଳିତ ହୋଇଯାଇଛି । ପାରାଦ୍ୱୀପରେ, ବିଶେଷ ଭାବେ ମହିଳା ଓ କିଶୋରୀମାନଙ୍କ ମଧ୍ୟରେ ପୋଷଣ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ପାଇଁ ନୂଆଗଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଚକ୍ରଧରପୁର ଅଙ୍ଗନୱାଡ଼ି କେନ୍ଦ୍ରରେ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶାର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରାଜେଶ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଡାକ୍ତର ମିଶ୍ର ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ସାମଗ୍ରିକ ସ୍ୱାସ୍ଥ୍ୟ, ଶାରୀରିକ ବିକାଶ ଏବଂ କଲ୍ୟାଣ ପାଇଁ ଆବଶ୍ୟକୀୟ ପୋଷକ ତତ୍ତ୍ୱରେ ଭରପୂର ଏକ ସନ୍ତୁଳିତ ଆହାର ଗ୍ରହଣ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ଏଏନ୍‌ଏମ୍ କର୍ମଚାରୀ, କିଶୋରୀ ଏବଂ ନିକଟବର୍ତ୍ତୀ ଗ୍ରାମର



ମହିଳାମାନଙ୍କୁ ମିଶାଇ ୨୦୦ ରୁ ଅଧିକ ଜଣ ଅଂଶଗ୍ରହଣ କରିଥିଲେ ।

ସେହିଭଳି ଏକ ସଚେତନତା ଅଧିବେଶନ କଳମାଙ୍ଗ ଏବଂ ସାଗାସାହି ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ମଧ୍ୟ ଆୟୋଜନ କରାଯାଇଥିଲା, ଏଠାରେ ଏଏମ୍/ ଏନ୍‌ଏସ୍ ଇଣ୍ଡିଆ, କଳମାଙ୍ଗର ସିଏସଆର ଡିସପେନସାରିର ଚିକିତ୍ସା ଅଧିକାରୀ ଡାକ୍ତର ଅନିଲ ମାହତୋ ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ମୋବାଇଲ୍ ମେଡିକାଲ୍ ୟୁନିଟ୍ ଡାକ୍ତର ଶ୍ରୀକାନ୍ତ ରଥ ଉପସ୍ଥିତ ଲୋକମାନଙ୍କୁ ସମ୍ବୋଧିତ କରି ସନ୍ତୁଳିତ ପୁଷ୍ଟିକର ଏବଂ ସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସର ସୁଫଳ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଉପସ୍ଥିତ ଲୋକମାନେ କୁପୋଷଣ ଚକ୍ରକୁ ଭାଙ୍ଗିବା ଏବଂ ଏକ ସୁସ୍ଥ ଭବିଷ୍ୟତ ଗଠନ ଦିଗରେ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ ।

ଠାକୁରାଣୀ ଖଣି ଅଞ୍ଚଳର ଡାଲକି ଗ୍ରାମସ୍ଥିତ ମୁଣ୍ଡା ସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ସ୍ୱାସ୍ଥ୍ୟକର ଖାଦ୍ୟପେୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ଗୋଷ୍ଠୀ କଲ୍ୟାଣ ପାଇଁ ପୋଷଣ ଖାଦ୍ୟର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଜାତୀୟ ପୋଷଣ ମାସ ପାଳନ କରାଯାଇଥିଲା ।

## ହତ୍ୟା ଆସାମୀଙ୍କୁ ଆଜୀବନ କାରାଦଣ୍ଡ

ବାଲିପାଟଣା, (ସବ୍ୟୁ) :ବହୁ ଚର୍ଚ୍ଚିତ ଅକ୍ଷୟ ମାଝୀ ହତ୍ୟା ଘଟଣାରେ ଆସାମୀ ମାନଙ୍କୁ ସୋମବାର ଦିନ ଭୁବନେଶ୍ୱର ଜିଲ୍ଲା ସେସନ୍ସ ଜଜ କୋର୍ଟ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହିତ ୨୦ହଜାର ଟଙ୍କା ଜୋରିମାନା ଆଦେଶ ପ୍ରଦାନ କରିଛନ୍ତି ।ଅର୍ଥ ଅନାଦୟେ ଆହୁରି ୬ ମାସ ପାଇଁ ସଶ୍ରମ କାରାବାସ ଭୋଗିବାକୁ ପଡିବ ବୋଲି ଆଦେଶ ହୋଇଛି । ଗତ ୨୦୨୪ମସିହା ମାର୍ଚ୍ଚ ୨୩ ସନ୍ଧ୍ୟାପ୍ରାୟ ପ୍ରାୟ ୭ଟା ରେ ନୂଆସାହି ବଜାର ନିକଟରେ ଦିଲୁ ଭୋଇ ଏବଂ ତାର ୮ଜଣ ସହଯୋଗୀ ସଙ୍ଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରି ଅକ୍ଷୟଙ୍କ ମୁଣ୍ଡକୁ ପଥରରେ ଛେଚି ପଳାଇଥିଲେ । ତାଙ୍କର ଡାକ୍ତରଖାନାରେ ମୃତ୍ୟୁ ହେବାରୁ ଅଭିଯୋଗ ପାଇ ଥାନାଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ତଦନ୍ତ ଦାୟିତ୍ୱ ନେଇ ଆସାମୀମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ ।

## ସିନେମା ନିର୍ଦ୍ଦେଶକ ମୁରଲୀଧରନଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,(ସବ୍ୟୁ): ପ୍ରଖ୍ୟାତ ସିନେମା ନିର୍ଦ୍ଦେଶକ ଏସକେ ମୁରଲୀ ଧରନଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ରାଜଧାନୀର ଏକ ହୋଟେଲରୁ ପୋଲିସ ତାଙ୍କ ଶବ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗ ବିହାର ଅଞ୍ଚଳର ଏକ ହୋଟେଲରେ ରହୁଥିଲେ, ନିର୍ଦ୍ଦେଶକ ଏସକେ ମୁରଲୀଧରନ। କେଉଁ ପରିସ୍ଥିତିରେ କିପରି ମୃତ୍ୟୁ ହେଲା ତାହା ଜଣାପଡିନଥିବା ବେଳେ ପୋଲିସ୍ ଶବ ଜବତ କରିଛି। ସେହି ହୋଟେଲରେ ସେ କେତେ ଦିନ ହେବ କାହିଁକି ରହୁଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଖବର ପାଇ ପୋଲିସ ଶବ ଜବତ କରିବା ପରେ ପରିବାର ଲୋକଙ୍କୁ ଖବର ଦେଇଛି। ଏହି ସନ୍ଦେହଜନକ ମୃତ୍ୟୁକୁ ନେଇ ଓଲିଉଡରେ ଚର୍ଚ୍ଚା ହେଲାଣି। କାରଣ ଓଲିଉଡରେ ବହୁ ପ୍ରଶଂସିତ ସିନେମାର ନିର୍ଦ୍ଦେଶକ ଭାବେ କାମ କରି ସୁନାମ ଅର୍ଜନ କରିଥିଲେ। ପରିବାର ଲୋକେ ପହଞ୍ଚିବା ପରେ କିଛି ତଥ୍ୟ ମିଳିବ ବୋଲି ପୋଲିସ କହିଛି।

BCET GROUP OF INSTITUTIONS

1) BALASORE COLLEGE OF ENGINEERING & TECHNOLOGY (BCET)
(Approved by AICTE, New Delhi and Affiliated to BPUT, Odisha)
SERGARH, BALASORE - 756060, ODISHA
MOB-9437961413, 9937976424 Website : www.bcetodisha.ac.in, Mail Id : principal@bcetodisha.ac.in, bcetbalasore@yahoo.com
B.Tech.Programme in : ET, CS, ME, EE, & Civil / PG Programme (M.Tech.) in HPTE

2) NITYANANDA COLLEGE OF PHARMACY (NCP)
(Approved by AICTE and PCI New Delhi and Affiliated to BPUT, Rourkela, OSBP, BBSR)
Sergarh, Balasore, Odisha, Pin - 756060, Email : ncpbalasore@gmail.com,
Web : www.ncpbalasore.org, Ph -06782-236605/606, Mob-9439901187, 9178489665
Course offered : B.Pharm, D.Pharm, M.Pharm

3) CENTRE FOR BUSINESS & INFORMATION SCIENCE (CBIS)
SERGARH, BALASORE-756060., Phone No. : 06782-236045, 9437961413, 9937976424 (M)
Course offered : MBA & MCA

4) BHADRAK ENGINEERING SCHOOL & TECHNOLOGY (BEST)
(Approved by AICTE, New Delhi and Affilated to SCTE & VT, Odisha)
AT/PO-ASURALI, DIST-BHADRAK-756137, Odisha
Phone No. : 06784-266108, 266100, 9439900105, 9040924647, 8917587168
Email : bestbhadrak@gmail.com, Website : www.bestbhadrak.org.
Diploma Programme in : EE, ME, ET, Civil & CS

5) BCET HIGHER SECONDARY SCHOOL (BHSS)
A Day- Cum - Residential +2 Science College
Sergarh, Balasore, Odisha, Pin - 756060,
Email : bhssbalasore@gmail.com, Mob - 8763312005, 9938303731

6) BCET_INDUSTRIAL TRAINING INSTITUTE (BCET_ITI)
TS-2/1, INDUSTRIAL ESTATE, ANGARGADIA, BALASORE - 756001 Mob , 9437727360
Course offered : FITTER & ELECTRICIAN

7) SUBRATA INDUSTRIAL TRAINING INSTITUTE (SITI)
Mangalpur, Dist:Jajpur, Pin: 755011, Phone No. : 9437303436
Course offered : FITTER, ELECTRICIAN & COPA

8) NITYANANDA INDUSTRIAL TRAINING INSTITUTE (NITI)
DHAMNAGAR, BHADRAK-756117, Phone No. : 9437976420
Course offered : FITTER & ELECTRICIAN

9) ST. XAVIER'S HIGH SCHOOL
(A CBSE Pattern, English Medium School)
Krushnakanta Vihar, Mangalpur, Jajpur-755011,
Course offered : Mont-I to Std-VIII, Phone No. : 9437303436, 9658036785, 9439922982,7789054763.
Email- stxaviersmangalpur@gmail.com, stxaviersmangalpurjajpur@rediffmail.com.

10) NITYANANDA INSTITUTE OF MEDICAL SCIENCE
(Under Fakir Mohan Educational & Charitable Trust)
Sergarh, Balasore-756060, Odisha, Email : nimsbalasore@gmail.com, Mob - 9078559569
Course offered : B.Sc Nursing & GNM

Mr. M.K. Biswal
Chairman

## ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ
# ଧନେଶ୍ୱର ରଥଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ, ୫ ସାଧକଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ

କଟକ, (ସ୍ୱପ୍ର): କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୨ତମ ପୁଣ୍ୟ ତିଥିରେ ପୂଜ୍ୟପୂଜ୍ୟ ସମାରୋହ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ ହୋଇଥିଲା । ଧନେଶ୍ୱର ରଥ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଆୟୋଜିତ ସତୀର୍ଥ ସମାରୋହରେ ଶ୍ରୀମନ୍ଦିର ଛତିଶା ନିଯୋଗର ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଦାଶ ବେନ୍‌ହୁର, ବିଶିଷ୍ଟ କଣ୍ଠଶିଳ୍ପୀ ତୃପ୍ତି ଦାସ, ବିଶିଷ୍ଟ ସମାଜସେବୀ ସୁଜାତା ପଟ୍ଟନାୟକ ଏବଂ ଭାରତୀୟ କ୍ରିକେଟ ତାରକା ବସନ୍ତ ମହାନ୍ତିଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୬ ରେ ସମ୍ମାନିତ କରାଯାଇଥିଲା । ପ୍ରତ୍ୟେକଙ୍କୁ ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ, ଉପଢୌକନ ଏବଂ ୨୫ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧିତ ଅତିଥିମାନେ ଶିକ୍ଷା ସହିତ ଆଧ୍ୟାତ୍ମିକତା କୁ ପ୍ରାଧାନ୍ୟ ଦେଇଥିବା ଏହି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ନିଜକୁ ଭାଗ୍ୟବାନ୍ ମନେ କରିବା ଉଚିତ ବୋଲି କହିବା ସହ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।

ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗଦେଇ କାଶୀ



ସୁମେରୁ ପୀଠାଧୀଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନରେନ୍ଦ୍ରାନନ୍ଦ ସରସ୍ୱତୀ ସନାତନୀ ହିନ୍ଦୁ ଧର୍ମର ମହାନ ପରମ୍ପରା ଓ ବେଦର ଶ୍ରେଷ୍ଠତା ଉପରେ ଆଲୋକପାତ କରି ଏହା ବିଶ୍ୱରେ ଏକତା, ଶାନ୍ତି, ସମୃଦ୍ଧି, ସଦ୍‌ଭାବନା ଏବଂ ବସୁଧୈବ କୁଟୁମ୍ବକମ୍ ର ବାର୍ତ୍ତା ପ୍ରଚାର କରୁଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଶ୍ରୀଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ବାବା ସତ୍ୟାନନ୍ଦ ଦାସ କହିଲେ ପିତମାତାଙ୍କୁ ଭକ୍ତି ଓ ସମ୍ମାନ ସନ୍ତାନକୁ ଯଶସ୍ୱୀ କରେ । ଧନେଶ୍ୱର ରଥଙ୍କ ମହାନ ବିଭୂତି ତାଙ୍କର ପରିବାର ଓ ଡ୍ରିମ୍‌ସର ଜୟଯାତ୍ରାକୁ ସଫଳ କରିବ । ଧନେଶ୍ୱର ରଥ ଫାଉଣ୍ଡେସନ୍ ଅଧ୍ୟକ୍ଷ ଇଂ ଲଳିତ ମୋହନ ମିଶ୍ର ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥି କାଶୀପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ନରେନ୍ଦ୍ରାନନ୍ଦ ସରସ୍ୱତୀ ଓ ବାବା ସତ୍ୟାନନ୍ଦ ଦାସଙ୍କୁ ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସ୍ମରଣିକା ଅମୃତ ଅନୁଭବ ଉନ୍ମୋଚନ ହୋଇଥିଲା । ସନ୍ଥ ବ୍ରିଜଭୂଷଣ ତ୍ରିପାଠୀ, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଉପ କୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ଇଂ ପ୍ରଭାକର ସ୍ୱାଇଁ, ଇଂ ଅଶୋକ କୁମାର ବାସା, ଡ. ବିଜୟାନନ୍ଦ ସିଂ, ବିପିୟୁଟି କୁଳପତି ପ୍ରଫେସର ଡ. ଅମୀୟ କୁମାର ରଥ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ଆୟକର ବିଭାଗର ଆୟୁକ୍ତ ସମ୍ବିତ ମିଶ୍ର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ସୁଶାନ୍ତ କୁମାର ଦାସ, ଶିକ୍ଷାବତ୍ ଉକିଳ ରଂଜନ ଦାସ, ସ୍ମରଣିକା ସଂପାଦକ ପ୍ରାଧ୍ୟାପକ ଲୋକନାଥ ବେହେରା, ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ ସ୍କୁଲର ଡିନ୍, ବୋର୍ଡ ଅଫ ଗଭର୍ଣ୍ଣର, ବୋର୍ଡ ଅଫ ମ୍ୟାନେଜେମେଣ୍ଟର ସଦସ୍ୟଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ଫାଉଣ୍ଡେସନ୍‌ର ଆବାହକ ନିରାକାର ସାହୁ ଧନ୍ୟବାଦ ଦେଇଥିଲେ ।

## କିଟ୍‌ର ୨୨ତମ ବାର୍ଷିକ ସମାବର୍ତ୍ତନ ଉଦ୍‌ଯାପିତ

# ବୈଷୟିକ ଜ୍ଞାନର ବଶବର୍ତ୍ତୀ ନ ହୋଇ ଏହା ଉପରେ ଦକ୍ଷତା ହାସଲ କର : ନାଗାଲାଣ୍ଡ ରାଜ୍ୟପାଳ

ଭୁବନେଶ୍ୱର, (ସବ୍ୟୁ): ବୈଷୟିକ ଜ୍ଞାନର ବଶବର୍ତ୍ତୀ ନହୋଇ ଏହା ଉପରେ ଦକ୍ଷତା ହାସଲ କରିବା ପାଇଁ ନାଗାଲାଣ୍ଡ ରାଜ୍ୟପାଳ ନନ୍ଦ କିଶୋର ଯାଦବ କହିଛନ୍ତି । କିଟ୍ ବିଶ୍ୱବିଦ୍ୟାଳୟର ୨୨ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଯାଦବ ଛାତ୍ରଛାତ୍ରୀଙ୍କୁ ଏହି ପରାମର୍ଶ ଦେଇଛନ୍ତି । ତିନିଦିନ ଧରି ଚାଲିଥିବା କିଟ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି । ସମାବର୍ତ୍ତନରେ ଯୋଗଦେଇଥିବା ଅତିଥିମାନେ ସ୍ନାତକ ଛାତ୍ରଛାତ୍ରୀଙ୍କୁ ଉପଲବ୍ଧ ସୁଯୋଗକୁ ଆପଣାଇବା, ନୂଆ ଚିନ୍ତାଧାରା ଓ ସର୍ଜନାକୁ ପ୍ରୋତ୍ସାହିତ କରିବା ସହ ସମାଜ ପ୍ରତି ନିଜର ଦାୟିତ୍ୱବୋଧକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଛନ୍ତି । ଏହି ସମାବର୍ତ୍ତନରେ ୧୦ ହଜାରରୁ ଅଧିକ ସ୍ନାତକ, ସ୍ନାତକୋତ୍ତର, ପିଏଚ୍‌ଡି ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି । ସମାବର୍ତ୍ତନ ଉତ୍ସବର ପ୍ରଥମ ଦିବସରେ ଯୋଗଦେଇ ଶ୍ରୀ ଯାଦବ କିଟ୍‌ର ଯାତ୍ରାକୁ 'ଦୃଷ୍ଟିକୋଣ, ଅଧ୍ୟବସାୟ ଓ ଦୃଢ଼ ସଂକଳ୍ପର ଏକ ଶିକ୍ଷା' ଭାବେ ବର୍ଣ୍ଣନା କରିଥିଲେ ।



ଉଚ୍ଚଶିକ୍ଷା ଓ ଜାତୀୟ ବିକାଶ କ୍ଷେତ୍ରରେ କିଟ୍‌ର ଅବଦାନ ପାଇଁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍‌ର ନେତୃତ୍ୱ, ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ପ୍ରଶଂସା କରିଥିଲେ । ସେହିପରି ନିତି ଆୟୋଗ ଉପାଧ୍ୟକ୍ଷ ଡ. ଅଶୋକ କୁମାର ଲାହିରୀ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି କହିଲେ, ଭାରତର ଭବିଷ୍ୟତ ବୈଷୟିକ ଜ୍ଞାନ ଓ ଆଧୁନିକୀକରଣ ଦ୍ୱାରା ଗଢ଼ିଉଠିବ । ତେବେ ବୈଷୟିକ ପ୍ରଗତି ସହ ଦେଶର ପରମ୍ପରା ଓ ମୂଲ୍ୟବୋଧକୁ ମଧ୍ୟ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ । ଏହି ସମାବର୍ତ୍ତନ ଉତ୍ସବରେ ଆମେରିକାର ପ୍ରତିନିଧି ସଭାର ସଦସ୍ୟ କଂଗ୍ରେସମ୍ୟାନ୍ ମାଇକେଲ୍ ବାଉମଗାର୍ଟନର ଯୋଗଦେଇ ଖୁସି ବ୍ୟକ୍ତ କରିବା ସହ ବିଶ୍ୱରେ ଶାନ୍ତି ଓ ସ୍ଥିରତା ସୁଦୃଢ଼ କରିବାରେ ଶିକ୍ଷାନୁଷ୍ଠାନଗୁଡ଼ିକର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

ସମାବର୍ତ୍ତନର ବିଭିନ୍ନ ଦିନରେ ଆମେରିକାର ମୋଣ୍ଟାନା ଷ୍ଟେଟ୍ ୟୁନିଭର୍ସିଟିର ସଭାପତି ଡ. ବ୍ରକ୍ ଟେସମାନ୍, ମୋତିଲାଲ୍ ଓସ୍ୱାଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍‌ର ସହ-ପ୍ରତିଷ୍ଠାତା, ଗ୍ରୁପ୍ ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ ମୋତିଲାଲ୍ ଓସ୍ୱାଲ୍, ଟେକ୍ନୋ ଇଣ୍ଡିଆ ଗ୍ରୁପ୍ ଓ ଟେକ୍ନୋ ଇଣ୍ଡିଆ ୟୁନିଭର୍ସିଟି, କୋଲକାତାର ଅଧ୍ୟକ୍ଷ ଓ କୁଳାଧିପତି ଡ. ଗୌତମ ରାୟ ଚୌଧୁରୀ ଏବଂ ଏବିପି ନ୍ୟୁଜ୍‌ର ବରିଷ୍ଠ ସାମ୍ବାଦିକା ଚିତ୍ରା ତ୍ରିପାଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ତିନିଦିନ ଧରି ଚାଲିଥିବା ଏହି ସମାବର୍ତ୍ତନ ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ଥିଲେ । କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜାଙ୍କ ଅଧ୍ୟକ୍ଷତାରେ ସମାବର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଉପକୁଳପତି ପ୍ରଫେସର ଶରଣଜିତ ସିଂହ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସମେତ ବିଶ୍ୱବିଦ୍ୟାଳୟର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣପଦକ, ପି.କେ. ବଳ ମେମୋରିଆଲ୍ ସ୍ୱର୍ଣ୍ଣପଦକ, ପପିପିଏଲ୍ ସ୍ୱର୍ଣ୍ଣପଦକ, ନନୀବାଳା ମେମୋରିଆଲ୍ ସ୍ୱର୍ଣ୍ଣପଦକ, ଶ୍ରୀକୃଷ୍ଣ ଚନ୍ଦ୍ର ପଣ୍ଡା ମେମୋରିଆଲ୍ ସ୍ୱର୍ଣ୍ଣପଦକ, ଡ. ୱାଟି ପରମଗୁରୁ ମେମୋରିଆଲ୍ ସ୍ୱର୍ଣ୍ଣପଦକ, କୁଳପତି ରୌପ୍ୟ ପଦକ, ଡ. ନୀତିଶ କାନ୍ତ ରୌପ୍ୟ ପଦକ ଏବଂ ଶ୍ରୀମତୀ ମଞ୍ଜୁ ରଥ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା ।

## ଭୁବନେଶ୍ୱରରେ ସବୁଜ ଶକ୍ତି (ସୌର) ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ

# ୱାର୍ଲ୍ଡ ସ୍କିଲ ସେଣ୍ଟର ଏବଂ ଓଏଚ୍‌ପିସି ମଧ୍ୟରେ ସହଭାଗିତା

ଭୁବନେଶ୍ୱର: (ସବ୍ୟୁ): ଓଡ଼ିଶାର ଯୁବପିଢ଼ିଙ୍କୁ ସବୁଜ ଶକ୍ତି ଓ ସୌର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦକ୍ଷ କରିବା ପାଇଁ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ ସେଣ୍ଟର ଠାରେ ଏକ 'ଗ୍ରୀନ୍ ଏନର୍ଜି (ସୋଲାର) ସେଣ୍ଟର ଅଫ୍ ଏକ୍ସଲେନ୍ସ' ପ୍ରତିଷ୍ଠା କରାଯାଉଛି। ଓଡ଼ିଶା



ହାଇଡ୍ରୋ ପାୱାର କର୍ପୋରେସନ୍ ର କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ ପାଣ୍ଠିରୁ ପ୍ରାୟ ୧.୪୮ କୋଟି ଟଙ୍କା ବିନିଯୋଗରେ ଏହା କାର୍ଯ୍ୟକାରୀ ହେବ। ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ଏହି ସହଭାଗିତା ନେଇ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। କୌଶଳ ଭବନରେ ପ୍ରାୟ ୩,୦୦୦ରେ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ହେବାକୁ ଥିବା ଏହି ଆଧୁନିକ କେନ୍ଦ୍ରରେ ରୁଫଟପ୍, ଫ୍ଲୋଟିଂ ସୋଲାର ଏବଂ ସୋଲାର-ଟ୍ରାକର ଭଳି ବ୍ୟବହାରିକ ଡେମୋନଷ୍ଟ୍ରେସନ ୟୁନିଟ୍ ସହ ପିଏଲସି, ସ୍କାଡା, ଆଇଓଟି, ରିମୋଟ ମନିଟରିଂ ଓ ଏନର୍ଜି ମ୍ୟାନେଜମେଣ୍ଟ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାରେ ପ୍ରଶିକ୍ଷଣ ଦିଆଯିବ। ପ୍ରତିବର୍ଷ ପ୍ରାୟ ୩୦୦ ଯୁବକଯୁବତୀଙ୍କୁ ସୋଲାର ଟେକ୍ନିସିଆନ୍, ଅପରେସନ ଓ ମେଣ୍ଟେନାନ୍ସ ଟେକ୍ନିସିଆନ୍, ସାଇଟ୍ ସୁପରଭାଇଜର ଏବଂ ଏନର୍ଜି ଅଡିଟର ଭଳି ଉଚ୍ଚ ଚାହିଦା ଥିବା ପଦବୀ ପାଇଁ ପ୍ରଶିକ୍ଷିତ କରାଯିବ। ଏହି କାର୍ଯ୍ୟକ୍ରମ ସମଗ୍ର ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଉନ୍ମୁକ୍ତ ରହିବା ସହ ମହିଳାମାନଙ୍କ ଭାଗୀଦାରି ବୃଦ୍ଧି ଏବଂ ସ୍ଥାନୀୟ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବ।

ଏହି ସମାରୋହରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ୱାର୍ଲ୍ଡ ସ୍କିଲ ସେଣ୍ଟରର ବ୍ୟାପକ ସମ୍ପ୍ରସାରଣ ଘୋଷଣା କରିଛନ୍ତି। ବିଶ୍ୱସ୍ତରୀୟ ତାଲିମର ସୁଯୋଗ ବୃଦ୍ଧି ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ଦ୍ୱାରା ପୂର୍ବରୁ ଦିଆଯାଉଥିବା ସମ୍ପୂର୍ଣ୍ଣ ପ୍ରାୟୋଜିତ ଛାତ୍ର ସଂଖ୍ୟା ୬୦ ରୁ ୧୦୦କୁ ବୃଦ୍ଧି କରିବା ନେଇ ଘୋଷଣା କରିଛନ୍ତି ଏବଂ ଆଗାମୀ ଦିନରେ ବ୍ରହ୍ମପୁର ଓ ସମ୍ବଲପୁରଠାରେ ନୂତନ ଶାଖା ସ୍ଥାପନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଏଥିପାଇଁ ଆବଶ୍ୟକ ସହାୟତା ଶକ୍ତି ବିଭାଗ ପକ୍ଷରୁ ଯୋଗାଇ ଦିଆଯିବ। ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି କେନ୍ଦ୍ରକୁ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଏକ ରୂପାନ୍ତରଣକାରୀ ପଦକ୍ଷେପ ଭାବେ ଅଭିହିତ କରିଛନ୍ତି, ଯାହା ସ୍ୱଚ୍ଛ ଶକ୍ତି ଓ ସ୍ଥାୟୀ ନିଯୁକ୍ତି କ୍ଷେତ୍ରରେ ଓଡ଼ିଶାକୁ ଆଗେଇ ନେବ। ଏହି ଏମଓୟୁ ସ୍ୱାକ୍ଷର ସମାରୋହରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ର, ଓଏଚପିସି ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ ସନ୍ଦୀପ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# ଏମ୍‌ବିବିଏସ୍ ଶିକ୍ଷାରେ ଯୋଗାଯୋଗ ଦକ୍ଷତା ପ୍ରଶିକ୍ଷଣ ଓ ଦକ୍ଷତା ମାପିବା ମଧ୍ୟରେ ବଡ଼ ଫାଙ୍କ

ଭୁବନେଶ୍ୱର, (ସବ୍ୟୁ): ସୋଆରେ କ୍ଲିନିକାଲ୍ କମ୍ୟୁନିକେସନ୍ ଶିକ୍ଷା ଉପରେ ଆୟୋଜିତ ଏହି ଜାତୀୟ ପରାମର୍ଶରେ ଦେଶର ୩୧ଟି



ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୧୪୭ଟି ମେଡିକାଲ୍ ଅନୁଷ୍ଠାନରୁ ୧୫୨ଟି ମତାମତ ମିଳିଥିଲା। ଏଥିରେ ୭୬ ପ୍ରତିଶତ ଅଂଶ ଗ୍ରହଣକାରୀ ଏମ୍‌ବିବିଏସର ଅଧିକାଂଶ କିମ୍ବା ସମସ୍ତ ପର୍ଯ୍ୟାୟରେ ଗଠନମୂଳକ ଯୋଗାଯୋଗ ପ୍ରଶିକ୍ଷଣ ଦିଆଯାଉଥିବାବେଳେ ମାତ୍ର ୪ ପ୍ରତିଶତ ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ ମତାମତ, ଦକ୍ଷତାର ବିକାଶ ଓ ପରବର୍ତ୍ତୀ ପ୍ରଗତି ନିର୍ଦ୍ଦେଶ ପାଇଁ ଏକୀକୃତ ଦୀର୍ଘକାଳୀନ ରେକର୍ଡ ବ୍ୟବହାର କରାଯାଉଥିବା ଜଣାପଡ଼ିଛି। ଏହି ପରାମର୍ଶର ଉଦ୍ଦେଶ୍ୟ ଥିଲା ସ୍ନାତକ ଡାକ୍ତରୀ ଶିକ୍ଷାରେ ଯୋଗାଯୋଗ ଦକ୍ଷତା କିପରି ପଢ଼ାଯାଉଛି, ଅଭ୍ୟାସ କରାଯାଉଛି, ମୂଲ୍ୟାଙ୍କନ ହେଉଛି ଏବଂ ତାହାର ରେକର୍ଡ ରଖାଯାଉଛି, ସେ ସଂପର୍କରେ ଧାରଣା ହାସଲ କରିବା। ଏଥି ସହ ବିଭିନ୍ନ ମେଡିକାଲ୍ ଅନୁଷ୍ଠାନରେ ଏହାକୁ କାର୍ଯ୍ୟକାରୀ କରିବା ସମୟରେ ସାମ୍ନା କରାଯାଉଥିବା ବ୍ୟବହାରିକ ସମସ୍ୟାଗୁଡ଼ିକୁ ମଧ୍ୟ ଚିହ୍ନଟ କରିବା ଉଦ୍ଦେଶ୍ୟ ଥିଲା। ଏହି ଜାତୀୟ ପଦକ୍ଷେପ ପାଇଁ ତଥ୍ୟ ଓ ଅଭିଜ୍ଞତା ଯୋଗାଇବାରେ ଓଡ଼ିଶାର ମଧ୍ୟ ସିଧାସଳଖ ଅବଦାନ ରହିଛି। ଭୁବନେଶ୍ୱରସ୍ଥିତ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଏହି ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି।

## ଏସ୍‌ଆଇଆର୍ ପ୍ରକ୍ରିୟାରେ ଫର୍ମ ୬ରେ ପରିବର୍ତ୍ତନ ପ୍ରସଙ୍ଗ

# ସୁପ୍ରିମକୋର୍ଟର ସ୍ପଷ୍ଟୀକରଣ ପରେ ମୁଖ୍ୟ ନିର୍ବାଚନ କମିଶନର ତୁରନ୍ତ ଇସ୍ତଫା ଦିଅନ୍ତୁ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ସ୍ପଷ୍ଟ କରିଛନ୍ତି ଯେ, ଏସ୍‌ଆଇଆର ପ୍ରକ୍ରିୟାରେ ଫର୍ମ ୬ରେ ସଂଶୋଧନ କରିବାର କ୍ଷମତା ନିର୍ବାଚନ ଆୟୋଗଙ୍କ ପରିସରଭୁକ୍ତ ନୁହେଁ । ନିର୍ବାଚନ ଆୟୋଗ ଏକ ବିଜ୍ଞପ୍ତି ଜରିଆରେ ସୁପ୍ରିମକୋର୍ଟଙ୍କ ଅନୁମତିରେ ଫର୍ମ ୬ରେ ପରିବର୍ତ୍ତନ ହୋଇଛି ବୋଲି ଯେଉଁ ସଫେଇ ଦେଇଥିଲେ, ସୁପ୍ରିମକୋର୍ଟ ଆଜି ତାକୁ ଖଣ୍ଡନ କରିଥିବାରୁ ଏହାକୁ ନେଇ ବିଜେଡି କଡ଼ା ସମାଲୋଚନା କରିଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡ଼ ଲେଖାଶ୍ରୀ ସାମନ୍ତସିଂହାର ଓ ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ମୁଖ୍ୟ ନିର୍ବାଚନ ଆୟୋଗ ଓ ବିଜେପି ସରକାର ଉପରେ ବର୍ଷିଥିଲେ ।

ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ, ଏସ୍‌ଆଇଆର ପ୍ରକ୍ରିୟାରେ ପୂରା ଭାରତବର୍ଷରେ ୧୩ କୋଟି ଭୋଟରଙ୍କୁ ବାଦ୍ ଦିଆଗଲା । ସେହିପରି ଓଡ଼ିଶାରେ ପ୍ରାୟ ୨୭ ଲକ୍ଷ ୫୦ ହଜାର ଭୋଟରଙ୍କ ନାମକୁ ମନମୁଖୀ ଭାବେ ବାଦ୍ ଦିଆଗଲା । ମୁଖ୍ୟ ନିର୍ବାଚନ ଭାରତୀୟ ନିର୍ବାଚନ ଆୟୋଗଙ୍କ ଆଇଟି ବିଭାଗର ମୁଖ୍ୟ ସୀମା ଖାନ୍ନା ଇସିଆଇ ନେଟ୍ ଜରିଆରେ ଭୋଟର ମାନଙ୍କ ନାମକୁ ଅନୈତିକ ଭାବେ ତାଲିକାରୁ କାଟିଛନ୍ତି । ଭାରତ ସରକାର ଓ ନିର୍ବାଚନ ଆୟୋଗଙ୍କୁ ନୋଟିସ୍ ଜାରି କରିଛନ୍ତି ସୁପ୍ରିମକୋର୍ଟ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ଅସାମ୍ବିଧାନିକ କାର୍ଯ୍ୟ କରିଛନ୍ତି ବୋଲି ଶ୍ରୀମତୀ ସାମନ୍ତସିଂହାର ଓ ଶ୍ରୀ ମହାନ୍ତି କହିଥିଲେ ।

# ଟେଟ୍ରାହେଡ୍ରନ ପକ୍ଷରୁ ବ୍ଲକ ସଫେଇ କାର୍ଯ୍ୟକ୍ରମ

କଟକ,(ସବ୍ୟୁ): ସେବା ପକ୍ଷ ଦେଶବ୍ୟାପୀ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଟେଟ୍ରାହେଡ୍ରନ ଗ୍ରୃପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ଗାନ୍ଧୀ ଜୟନ୍ତୀ ଦିବସରେ ନିଜ କଲେଜର ତିନୋଟି କ୍ୟାମ୍ପସ, ଟାଙ୍ଗୀ ପାଠାଗାର ପରିସର ଓ ଶିଶୁ ଉଦ୍ୟାନ ପରିସର ସଫେଇ କରିଥିଲେ। ଅପରିଷ୍କାର ହୋଇ ପଡିଥିବା ବ୍ଲକ ପରିସର ରବିବାର ସଫେଇ କରି ପରିଷ୍କାର କରିଥିଲେ। ଅଧ୍ୟକ୍ଷ ଶ୍ରୀ ବେହେରା ଜେସିବି ଡକାଇ ଦୀର୍ଘଦିନ ଧରି ପୋତିହୋଇ ରହିଥିବା ଡ୍ରେନ ସଫା କରିଥିଲେ।କାର୍ଯ୍ୟକ୍ରମରେ ରବିନ୍ଦ୍ର



କୁମାର ମଲ୍ଲିକ, ରାଜେଶ ବେହେରା, ଯୁବ ସମାଜସେବୀ ଗଙ୍ଗାଧର ବେହେର, ବିଜେପି ମଣ୍ଡଳ ସଭାପତି ହୃଷୀକେଶ ସାମଲ, ଯୁବ ସଂଗଠକ ବିଶ୍ୱଜିତ ଅଞ୍ଚଳ, ସମାଜସେବୀ ଆକାଶ ପାତ୍ର,ଅମନ ବେଉରା, ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ଉପସଭାପତି ରୋହିତ ମହାନ୍ତି ଓ ଜିତେନ୍ଦ୍ରେ ସାହୁଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଓ କଲେଜର କର୍ମଚାରୀ ଅଂଶ ଗ୍ରହଣ କରିଥିଲେ।

# ଡିଏଭି ଏସ୍‌ସିବିରେ ମିନି ମାରାଥନ

କଟକ, (ସ୍ୱପ୍ର) : ସତ୍ୟ, ଅହିଂସା ଓ ଦେଶସେବାର ମହାମନ୍ତ୍ରରେ ଅନୁପ୍ରାଣିତ ହୋଇ ଡିଏଭି ଏସ୍. ସି.ବି ମେଡିକାଲ ପବ୍ଲିକ ସ୍କୁଲ ପକ୍ଷରୁ ଗାନ୍ଧୀଜୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଏକ ମିନି ମାରାଥନ ଆୟୋଜିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଡ. ନିରଞ୍ଜନ ସ୍ୱାଇଁଙ୍କ ସୁଦକ୍ଷ ମାର୍ଗଦର୍ଶନରେ ଆୟୋଜିତ ଏହି ମାରାଥନରେ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଦୌଡ଼ର ଗତିରେ ସ୍ୱାସ୍ଥ୍ୟ, ଶୃଙ୍ଖଳା ଓ ଦେଶପ୍ରେମର ବାର୍ତ୍ତା ପ୍ରତିଧ୍ୱନିତ ହୋଇଥିଲା । ମାରାଥନ ପରେ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଥିଲା । ଅଧ୍ୟକ୍ଷଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଦୁଇ




ମହାନ ବ୍ୟକ୍ତିତ୍ୱଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀମାନେ ରାମଧୂନ ପରିବେଷଣ କରିଥିଲେ । ଛାତ୍ରଛାତ୍ରୀମାନେ ନିଜ ଭାଷଣ ମାଧ୍ୟମରେ ଗାନ୍ଧୀଜୀଙ୍କ ସତ୍ୟ-ଅହିଂସା ଓ ଶାସ୍ତ୍ରୀଜୀଙ୍କ ସରଳତା, ସାହସ ଓ ଦେଶଭକ୍ତିର ମହତ୍ତ୍ୱ ଉପସ୍ଥାପନ କରିଥିଲେ । ପରେ ମିନି ମାରାଥନର ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା । ଶିକ୍ଷୟିତ୍ରୀ ଯାସିକା ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁମିତା ଝା ଧନ୍ୟବାଦ ଅର୍ପଣ କରି କରିଥିଲେ ।

# ୧୫ ଦିନ ମଧ୍ୟରେ ବାପା , ପୁଅଙ୍କ ମୃତ୍ୟୁ

ଗୋପ,(ସବ୍ୟୁ): ୧୫ ଦିନ ମଧ୍ୟର ବାପା,ପୁଅଙ୍କ ମୃତ୍ୟୁ ଘଟିଛି । ବାପା ମୃତ୍ୟୁରୁ ୧୫ ଦିନ ପରେ ଜାଗା ଦର୍ଶନ ସାରି ଫେରୁଥିବା ବେଳେ ଗୋପ କଲେଜ ଛକ ନିକଟରେ ଦୁର୍ଘଟଣାରେ ପୁଅର ମୃତ୍ୟୁ ଘଟିଛି । ନୟାଗଡ଼ ଜିଲ୍ଲା ସୁନଖଳା ନିକଟସ୍ଥ ବେଗୁନିଆପଡ଼ା ଗ୍ରାମର ହୃଷିକେଶ ମହାପାତ୍ରଙ୍କ ବାପା ଲକ୍ଷ୍ମଣ ମହାପାତ୍ରଙ୍କ ମୃତ୍ୟୁ ଆଜକୁ ୧୫ ଦିନ ତଳେ ହୋଇଥିଲା ।ତେବେ ହୃଷିକେଶ ପରିବାର ସହିତ ଏକ ପ୍ୟାସେଞ୍ଜର ଅଟୋ ଓ ୦୨ ଡିୟୁ ୦୪୧୮ ଗାଡ଼ିରେ ୮ ଜଣ ଜଗନ୍ନାଥଙ୍କ ଦର୍ଶନ ସାରି ପୁରୀ-କୋଣାର୍କ ବେଳାର୍ଗ ରାସ୍ତା ଦେଇ ମାରାମଚଣ୍ଡୀ,ଚନ୍ଦ୍ରଭାଗା ଓ କାକଟପୁର ମଙ୍ଗଳାଙ୍କ ଦର୍ଶନ ସାରି ଘରକୁ ଫେରୁଥିଲେ ଅଟୋର ଡାହାଣ ପାଖ ସାଇଟିରେ ହୃଷିକେଶ ମହାପାତ୍ର (୪୪) ବସିଥିବା ବେଳେ ଗୋପରୁ କୋଣାର୍କ ଅଭିମୁଖେ ଦ୍ରୁତଗତିରେ ଏକ ଡାଲା ଅଟୋ ଗୋପ କଲେଜ ଛକ ନିକଟରେ ଧକ୍କା ଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା । ସ୍ଥାନୀୟ ଲୋକମାନେ ଆହତ ହୃଷିକେଶ ଙ୍କୁ ଗୋପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ ।

# କେନିଆର ଖଣି କ୍ଷେତ୍ର ପାଇଁ ଡିଜିଟାଲ ରୟାଲ୍ଟି ପରିଚାଳନା ପ୍ରଣାଳି ବିକଶିତ କଲା ସିଏସ୍‌ଏମ୍ ଟେକ୍

ଭୁବନେଶ୍ୱର, (ସବ୍ୟୁ): କେନିଆ ସରକାରଙ୍କ ରାଜ୍ୟ ଖଣି ବିଭାଗ ପାଇଁ ରୟାଲ୍ଟି ପରିଚାଳନା ପ୍ରଣାଳୀ (ଆର୍‌ଏମ୍‌ଏସ୍) ବିକଶିତ ଓ କାର୍ଯ୍ୟକାରୀ କରିଛି ଭୁବନେଶ୍ୱରଭିତ୍ତିକ ଗଭ୍‌ଟେକ୍ କମ୍ପାନୀ ସିଏସ୍‌ଏମ୍ ଟେକ୍ନୋଲୋଜିଜ୍ ଲିମିଟେଡ୍ । କମ୍ପାନୀର କେନିଆ ସହାୟକ ସଂସ୍ଥା ମାଧ୍ୟମରେ ଏହି ପ୍ରଣାଳୀ ସେପ୍ଟେମ୍ବର ୨୮ରୁ କାର୍ଯ୍ୟକ୍ଷମ ହୋଇଛି। ନୂତନ ଡିଜିଟାଲ ବ୍ୟବସ୍ଥା ମାଧ୍ୟମରେ କେନିଆରେ ଖଣିଜ ରୟାଲ୍ଟି ଘୋଷଣା, ମୂଲ୍ୟାଙ୍କନ, ପରିଶୋଧ ଓ ନିରୀକ୍ଷଣ ପ୍ରକ୍ରିୟାକୁ ଡିଜିଟାଲ କରାଯାଇଛି। ଏହା ଫଳରେ ରୟାଲ୍ଟି ପ୍ରଶାସନରେ ସ୍ୱଚ୍ଛତା, ଜବାବଦେହିତା ଓ ରାଜସ୍ୱ ପରିଚାଳନା ଅଧିକ ସୁଦୃଢ଼ ହେବ। କେନିଆର 'ମାଇନିଂ ଆକ୍ଟ' ଅନୁଯାୟୀ ଖଣିଜ ଉତ୍ପାଦନ ଓ ବିକ୍ରୟ କରୁଥିବା ଅଧିକାରଧାରୀଙ୍କ ପାଇଁ ରୟାଲ୍ଟି ପ୍ରଦାନ ବାଧ୍ୟତାମୂଳକ। ଦେଶର ରାଜସ୍ୱ ବଣ୍ଟନ ବ୍ୟବସ୍ଥା ଅନୁଯାୟୀ ରୟାଲ୍ଟିର ୭୦ ପ୍ରତିଶତ ଜାତୀୟ ସରକାର, ୨୦ ପ୍ରତିଶତ କାଉଣ୍ଟି ସରକାର ଏବଂ ୧୦ ପ୍ରତିଶତ ସ୍ଥାନୀୟ ଆତିଥ୍ୟ ସମୁଦାୟକୁ ମିଳିଥାଏ। ଆର୍‌ଏମ୍‌ଏସ୍ ମାଧ୍ୟମରେ ଖଣିଜ ଅଧିକାରଧାରୀ ଓ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀମାନେ ଅନଲାଇନ୍‌ରେ ଖଣିଜ ତଥ୍ୟ ପଞ୍ଜୀକରଣ, ରୟାଲ୍ଟି ଘୋଷଣା ଦାଖଲ, ସ୍ୱୟଂଚାଳିତ ମୂଲ୍ୟାଙ୍କନ, ଇନ୍‌ଭଏସ୍ ସୃଷ୍ଟି ଓ ଡିଜିଟାଲ ପରିଶୋଧ କରିପାରିବେ। ଏଥିସହ ରିଅଲ୍-ଟାଇମ୍‌ରେ ଅନୁପାଳନ ନିରୀକ୍ଷଣ, କାରବାର ରେକର୍ଡ ଓ ବକେୟା ଦେୟ ସମ୍ପର୍କିତ ତଥ୍ୟ ମଧ୍ୟ ଉପଲବ୍ଧ ହେବ।

ସିଏସ୍‌ଏମ୍ ଟେକ୍ନୋଲୋଜିଜ୍‌ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ପ୍ରିୟଦର୍ଶୀ ପାଣି କହିଛନ୍ତି, ଖଣିଜ ରୟାଲ୍ଟି କେବଳ ରାଜସ୍ୱର ଏକ ଉତ୍ସ ନୁହେଁ; ଏହା ଦେଶର ପ୍ରାକୃତିକ ସମ୍ପଦକୁ ସରକାର, ସମୁଦାୟ ଓ ଭବିଷ୍ୟତ ପିଢ଼ି ପାଇଁ ସାର୍ବଜନୀନ ମୂଲ୍ୟରେ ପରିଣତ କରିବାର ଏକ ମାଧ୍ୟମ। କେନିଆ ସରକାରଙ୍କ ଖଣି ବିଭାଗ ସହ ଏଭଳି ସ୍ୱଚ୍ଛ ଓ ପ୍ରଯୁକ୍ତିନିର୍ଭର ବ୍ୟବସ୍ଥା ଗଠନରେ ଭାଗୀଦାର ହୋଇଥିବାରୁ ସେ ଗର୍ବିତ ବୋଲି କହିଛନ୍ତି। କମ୍ପାନୀର ନିର୍ଦ୍ଦେଶକ (ଏମ୍‌ଇଏ), ସେଲ୍ସ, ସୁଭେନ୍ଦୁ କୁମାର ମହାପାତ୍ର କହିଛନ୍ତି, କେନିଆର ଆର୍‌ଏମ୍‌ଏସ୍ ଡିଜିଟାଲ ପ୍ରଯୁକ୍ତି ମାଧ୍ୟମରେ ନିୟାମକୀୟ ଅନୁପାଳନକୁ ସରଳ କରିବା ସହ ସ୍ୱଚ୍ଛତା ଓ ଜବାବଦେହିତା ବଢ଼ାଇବ। ଭାରତରେ ମଧ୍ୟ ସିଏସ୍‌ଏମ୍ ଟେକ୍ନୋଲୋଜିଜ୍ ରାଜସ୍ଥାନର 'ରାଜମାଇନ୍ସ', ଓଡ଼ିଶାର 'ଆଇଏମ୍‌ଏସ୍' ଓ ଛତିଶଗଡ଼ର 'ଖଣିଜ ଅନଲାଇନ୍' ଭଳି ଖଣି ସମ୍ପର୍କିତ ଡିଜିଟାଲ ପ୍ଲାଟଫର୍ମ କାର୍ଯ୍ୟକାରୀ କରିଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, କେନିଆର ଆର୍‌ଏମ୍‌ଏସ୍ ଶୁଭାରମ୍ଭ ଆଫ୍ରିକାରେ ସିଏସ୍‌ଏମ୍ ଟେକ୍ନୋଲୋଜିଜ୍‌ର ଡିଜିଟାଲ ଶାସନ କ୍ଷେତ୍ରରେ ଉପସ୍ଥିତିକୁ ଆହୁରି ବିସ୍ତାର କରିଛି।

## ସୁରୁଚି ମହିଳା ଉଦ୍ୟୋଗୀମାନେ ଭୁବନେଶ୍ୱରରେ

# ଅଭିମୁଖୀକରଣ ଏବଂ କିଟ୍ ଆବଣ୍ଟନ ଜରିଆରେ ସଶକ୍ତ ହେଲେ

ଭୁବନେଶ୍ୱର, (ସବ୍ୟୁ) : ଔଦ୍ୟୋଗିକତା, ସାମର୍ଥ୍ୟ ସୃଷ୍ଟି ଏବଂ ସାମୂହିକ ବ୍ରାଣ୍ଡିଂ ଜରିଆରେ ମହିଳା ରାସ୍ତାକଡ ଉଠା ଦୋକାନୀମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଏଚ୍‌ବିଟି-ଅର୍ବାନ୍ କମ୍ୟୁନିଟି ଡେଭେଲପମେଣ୍ଟ ଆଣ୍ଡ ଆକ୍ସନ ପ୍ରୋଗ୍ରାମ (ୟୁସିଡିଏପି) ଅଧୀନରେ ସୁରୁଚି ମହିଳା ଉଦ୍ୟୋଗୀ



ଓରିଏଣ୍ଟେସନ (ଅଭିମୁଖୀକରଣ) ଏବଂ କିଟ୍ ଆବଣ୍ଟନ କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ୱାର୍ଡ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। କିଟ୍‌ରେ ଛତା, ଦୁଇଟି ଡଷ୍ଟବିନ୍, ଦୁଇଟି ରୋଷେଇ ଆପ୍ରୋନ୍, ହେଡ୍ କ୍ୟାପ୍‌ର ଏକ ପ୍ୟାକ୍, ଦୁଇଟି ଡଷ୍ଟବିନ୍ ଟ୍ରାଶ୍ ବ୍ୟାଗ ପ୍ୟାକ୍, ହାତ ଗ୍ଲୋଭସ୍‌ର ଏକ ପ୍ୟାକ୍ ଏବଂ ଡିସ୍‌ପ୍ଲେ ବୋର୍ଡ ଆଦି ରହିଥିଲା। ସ୍ୱାସ୍ଥ୍ୟରକ୍ଷାର ସର୍ବୋଚ୍ଚ ସ୍ତର ବଜାୟ ରଖିବା, ରାସ୍ତାକଡ ଉଠା ବ୍ୟବସାୟ ବ୍ୟବସ୍ଥାରେ ଉନ୍ନତି ଆଣିବା ଏବଂ ମହିଳା ଉଠା ଦୋକାନୀମାନଙ୍କୁ ସାଧାରଣ ସମାନ ପରିଚୟ ସହିତ କାର୍ଯ୍ୟ କରିବା ନିମନ୍ତେ ଏହି ସମର୍ଥନ ଉଦ୍ଦିଷ୍ଟ ଅଟେ।

ହମାରା ବଚ୍‌ପନ ଟ୍ରଷ୍ଟ (ଏଚ୍‌ବିଟି) ଏକ ଅଣ-ଲାଭଜନକ ସଂଗଠନ ଯାହା ସମସ୍ତଙ୍କ ପାଇଁ ନିରାପଦ, ସ୍ୱାସ୍ଥ୍ୟକର ଏବଂ ଅଧିକ ସମାନତା ଭିତ୍ତିକ ଗୋଷ୍ଠୀ ନିର୍ମାଣ ଉପରେ ଦୃଷ୍ଟିନିବଦ୍ଧ ସହିତ ଶିଶୁ ଅଧିକାର, ମହିଳା ସଶକ୍ତିକରଣ, ସମାବେଶୀ ସହରାଞ୍ଚଳ ବିକାଶ ଏବଂ ଗୋଷ୍ଠୀ- ନେତୃତ୍ୱାଧୀନ ପ୍ରୟାସଗୁଡ଼ିକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରୁଛି। ହମାରା ବଚ୍‌ପନ ଟ୍ରଷ୍ଟ ପକ୍ଷରୁ ମହିଳା ରାସ୍ତାକଡ ଉଠା ଖାଇବା ଦୋକାନୀଙ୍କ ନିମନ୍ତେ ଏକ ସାମାଜିକ ଉଦ୍ୟୋଗ ପ୍ରୟାସ ଭାବରେ ଆରମ୍ଭ କରାଯାଇଥିବା ସୁରୁଚି ଇନିସିଏଟିଭ୍ ସାମର୍ଥ୍ୟ ନିର୍ମାଣ, ବ୍ରାଣ୍ଡିଂ, ଉନ୍ନତ ସ୍ୱାସ୍ଥ୍ୟରକ୍ଷା ଏବଂ ଖାଦ୍ୟ ନିରାପତ୍ତା ଅଭ୍ୟାସସମୂହତଥା ବଜାର ସଂଯୋଗୀକରଣକୁ ସୁଗମ କରିବା ଉପରେ ଦୃଷ୍ଟିନିବଦ୍ଧ କରୁଛି।

ସିଏସ୍‌ଆର (କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ) ପ୍ରୟାସ ଭାବରେ ଡାଇଭର୍ସିଫାଏଡ ଏନର୍ଜି ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ (ଡିଇଏସ୍‌ପିଏଲ) ସମର୍ଥନରେ ଚାଲିଥିବା ଏହି କାର୍ଯ୍ୟକ୍ରମ ମହିଳାମାନଙ୍କ ଜୀବିକା ଉପାର୍ଜନକୁ ସୁଦୃଢ଼ କରିବା, ବ୍ୟବସାୟିକ ଦୃଶ୍ୟମାନରେ ଉନ୍ନତି ଆଣିବା ଏବଂ ଗ୍ରାହକଙ୍କ ବିଶ୍ୱାସ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। କାର୍ଯ୍ୟକ୍ରମରେ ରୋଟାରିଆନ୍ ସ୍ୱରାଜ ମହାନ୍ତି, ପ୍ରେସିଡେଣ୍ଟ, ରୋଟାରୀ କ୍ଲବ ଅଫ ଭୁବନେଶ୍ୱର; ଡ.ନିବେଦିତା ପାଣି, ରୋଟାରୀ କ୍ଲବ ଅଫ ଭୁବନେଶ୍ୱର; ଶ୍ରୀମତୀ ଧରିତ୍ରୀ ପଟ୍ଟନାୟକ, ପ୍ରତିଷ୍ଠାତା- ସେକ୍ରେଟାରୀ, ହମାରା ବଚ୍‌ପନ ଟ୍ରଷ୍ଟ ଏବଂ ରାମ ଚନ୍ଦ୍ର ରଣସିଂହ, କର୍ପୋରେଟର, ଭୁବନେଶ୍ୱରର ୱାର୍ଡ ନଂ ୫୦ ପ୍ରମୁଖ ଯୋଗଦେଇଥିଲେ।

## ସିଏଜି ରିପୋର୍ଟରେ ବିଜେଡି ଦୁର୍ନୀତିର ପର୍ଦ୍ଦାଫାଶ

# ଡିଏମ୍‌ଏଫ୍ ଫଣ୍ଡରେ ଅନିୟମିତତା ଓ ଦୁର୍ନୀତି, ପର୍ଯ୍ୟଟନ ନାଁରେ କୋଟି କୋଟି ସ୍ୱାହା : ଡ.ତପନ ଚାନ୍ଦ

ଭୁବନେଶ୍ୱର, (ସବ୍ୟୁ): ସେପ୍ଟେମ୍ବର ୨୯ ତାରିଖରେ ବିଧାନସଭାରେ ସିଏଜିଙ୍କର ୬ଟି ରିପୋର୍ଟ ଉପସ୍ଥାପିତ ହୋଇଯାଇଛି। ଏହି ରିପୋର୍ଟରେ ପୂର୍ବତନ ବିଜେଡି ସରକାରଙ୍କ ସମୟରେ ବିଭିନ୍ନ ବିଭାଗରେ ବ୍ୟାପକ ଅନିୟମିତତା, ଆର୍ଥିକ ଅବ୍ୟବସ୍ଥା ତଥା ଦୁର୍ନୀତି ସାମ୍ନାକୁ ଆସିଛି। ଖଣି ଅଂଚଳର ବିକାଶର ଏକ ମୁଖ୍ୟ ଆଧାର ଭାବେ ଡିଏମ୍‌ଏଫ୍ ଫଣ୍ଡକୁ ସୁଦୃଢ଼ କରିବା ପରିବର୍ତ୍ତେ ପୂର୍ବତନ ସରକାର ଏହାକୁ ତୃଣମୂଳସ୍ତରରେ ଦୁର୍ବଳ କରିଦେଇଛନ୍ତି। ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ବିପୁଳ ସମ୍ଭାବନା ଥିବା ସତ୍ତ୍ୱେ ଅନିୟମିତତା ଓ ଅପରଗତା ଯୋଗୁ ଏହାର ବିକାଶ ବାଧାପ୍ରାପ୍ତ ହୋଇଥିବା ସ୍ପଷ୍ଟ ହୋଇଛି। ଦୁର୍ନୀତିର ଏକ ପାହାଡ଼ ଉପରେ ବିଜେଡି ନେତୃବୃନ୍ଦ ବସିଛନ୍ତି, ସିଏଜି ରିପୋର୍ଟ ସେହି ବାରୁଦ ଗଦାରେ ନିଆଁ ଲଗାଇଦେଇଛି। ଏବେ ଜନସାଧାରଣଙ୍କ ପ୍ରତିକ୍ରିୟାର ବିସ୍ଫୋରଣ ଅବଶ୍ୟମ୍ଭାବୀ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ତଥା ଶିଳ୍ପ ପ୍ରକୋଷ୍ଠ ମୁଖ୍ୟ




ଡ. ତପନ ଚାନ୍ଦ କହିଛନ୍ତି।

ଡ.ଚାନ୍ଦ କହିଛନ୍ତି ଯେ, ସିଏଜି ରିପୋର୍ଟରେ ଦର୍ଶାଯାଇଥିବା ଅନିୟମିତତା ଓ ଆର୍ଥିକ ଅବ୍ୟବହାର ପରିସରକୁ ଦେଖିଲେ ଏମ୍‌ଏମ୍‌ଡିଆର୍ ଆକ୍ଟ ୨୦୨୬ କୁ ନେଇ କରାଯାଇଥିବା ବିଜେଡିର ବିଭିନ୍ନ ଅଭିଯୋଗ ଓ ବାସ୍ତବ୍ୟ ତଥ୍ୟ ମଧ୍ୟରେ ପ୍ରାର୍ଥକ୍ୟ ଜଣାପଡ଼ିବ। ଏମ୍‌ଏମ୍‌ଡିଆର୍ ୨୦୧୫ ଆକ୍ଟକୁ ନେଇ ମଧ୍ୟ ପୂର୍ବରୁ ବିଜେଡି ଓ କଂଗ୍ରେସ ପାର୍ଲ୍ୟାମେଣ୍ଟରେ ବିରୋଧରେ କରିଥିଲେ। ଏହା ରାଜ୍ୟ ପାଇଁ କ୍ଷତିକାରକ ହେବ ବୋଲି ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ରାଜ୍ୟର ଖଣି ରାଜସ୍ୱରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିଲା। ୨୦୨୬ ଏମ୍‌ଏମ୍‌ଡିଆର୍ ଆଇନ୍ ସଂଶୋଧନ ଯୋଗୁ ଖଣି ରାଜସ୍ୱରେ ପ୍ରତିବର୍ଷ ୧୨ହଜାର କୋଟି ଟଙ୍କା କ୍ଷତି ହେବ ବୋଲି ବିଜେଡି ଯେଉଁ ଅପପ୍ରଚାର ଓ ବିଭ୍ରାନ୍ତି କର ମନ୍ତବ୍ୟ ଦେଉଛି ତାହା ହାସ୍ୟାସ୍ପଦ ଓ ଅମୂଳକ। ପ୍ରକୃତରେ ୨୦୧୫ ପୂର୍ବରୁ ଓଡ଼ିଶାର ଖଣି ରାଜସ୍ୱ ୫ ହଜାର କୋଟିରୁ କମ୍ ଥିବା ବେଳେ ୨୦୨୫-୨୬ରେ ଏହା ୫୧ ହଜାର କୋଟିରେ ପହଂଚିଛି।

୨୦୦୫ ମସିହାରେ ଓରିସେଡ୍ ଆଇନ୍‌କୁ ମାନ୍ୟବର ଓଡ଼ିଶା ହାଇକୋର୍ଟରେ ରଦ୍ଦ କରିଥିଲେ। ଏହାସତ୍ତ୍ୱେ ତତ୍କାଳୀନ ବିଜେଡି ସରକାର ନିଲାମ ବ୍ୟବସ୍ଥା ପ୍ରଚଳନ ପାଇଁ ଦାବି କରି ନ ଥିଲେ କାହିଁକି? ସେତେବେଳେ ନିଲାମ ବ୍ୟବସ୍ଥା ଆସିଥିଲେ ରାଜ୍ୟର ଖଣି ରାଜସ୍ୱ ପ୍ରତିବର୍ଷ ଅତିକମ୍‌ରେ ୧୭,୦୦୦ କୋଟି ଟଙ୍କା ବଢ଼ିପାରିଥାନ୍ତା। ୨୦୦୫ରୁ ୨୦୧୫ ମଧ୍ୟରେ ନିଲାମ ବ୍ୟବସ୍ଥା ପ୍ରଚଳନ ନ ହେବା ଯୋଗୁ ରାଜ୍ୟ ପ୍ରାୟ ୧.୭୦ ଲକ୍ଷ କୋଟି ଟଙ୍କା ହରାଇଥିବା ଆକଳନ କରାଯାଉଛି। ଅପରପକ୍ଷରେ ସୁପ୍ରିମକୋର୍ଟରେ ଦୀର୍ଘ ୧୮ ବର୍ଷ ଧରି ଓରିସେଡ୍ ଆଇନ୍ ମାମଲାରେ ବିଜେଡି ସରକାର କୌଣସି ତତ୍ପରତା ନ ଦେଖାଇବା ଓଡ଼ିଶାର ସ୍ୱାର୍ଥର ପରିପନ୍ଥୀ ବୋଲି ଡ. ଚାନ୍ଦ ପ୍ରକାଶ କରିଥଲେ। ଖଣିଜ ସମୃଦ୍ଧ ଓଡ଼ିଶାରେ ଡିଏମ୍‌ଏଫ୍(ଡିଷ୍ଟ୍ରିକ୍ ମିନେରାଲ ଫାଉଣ୍ଡେଶନ ଫଣ୍ଡ) ବିକାଶର ଏକ ମୁଖ୍ୟ ଆଧାର। କିନ୍ତୁ ସିଏଜି ଅଡିଟ୍‌ରେ ଡିଏମ୍‌ଏଫ୍‌ର ପରିଚାଳନା ଓ ଅର୍ଥ ବ୍ୟବହାର ସମ୍ପର୍କରେ ଅନେକ ଅନିୟମିତତା ଚିହ୍ନଟ ହୋଇଛି। ଦୁର୍ନୀତି ଓ ଅନିୟମିତତା ସମ୍ପର୍କରେ ସିଏଜି ରିପୋର୍ଟରେ ଉଠିଥିବା ପ୍ରଶ୍ନଗୁଡ଼ିକ ଏବେ ସାର୍ବଜନୀନ ଚର୍ଚ୍ଚାର ବିଷୟ ହୋଇଛି ବୋଲି ଡ.ଚାନ୍ଦ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଅରବିନ୍ଦ ଢାଲି ଓ ରାଜ୍ୟ ପ୍ରବକ୍ତା ଶ୍ରୀ ସଞ୍ଜୟ ରଥ ଉପସ୍ଥିତ ଥିଲେ।

# ଅପମିଶ୍ରିତ ଟମାଟୋ ସସ୍ ଓ ତେଲ ଗୋଦାମରେ ଚଢ଼ାଉ, ୨ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁରରେ ପୁଣି ନକଲି ଟମାଟ ସସ୍ । ପୂର୍ବରୁ ଏଭଳି ଅନେକ ନକଲି ଖାଦ୍ୟ ପ୍ରସ୍ତୁତି ଗୋଦାମରେ ବଡବଜାର ପୋଲିସ ଚଢ଼ାଉ କରିଥିଲା । ଆଜି ପୁଣି ଥରେ କିଛି ଦିନର ବ୍ୟବଧାନ ପରେ ରେଶମ ସହର ପୁଣି ଅପମିଶ୍ରିତ ଟମୋଟ ସସ୍ୟୁନିଟ ସହ ଖାଇବା ତେଲ ପ୍ୟାକେଜିଙ୍ଗ କରୁଥିବା ଜଣାପଡ଼ିଛି । ବଡ଼ ବଜାର ଥାନା ପୋଲିସ ଓ ଖାଦ୍ୟ ନିରାପତ୍ତା ବିଭାଗର ଟିମ ଥାନା ଅଞ୍ଚଳର ଦୁଇଟି ସ୍ଥାନରେ ଚଢ଼ାଉ କରି ନମୁନା ସଂଗ୍ରହ ସହୟୁନିଟ୍ ସିଲ୍ କରିଛନ୍ତି । ପୋଲିସ ଦୁଇଟି ମାମଲାରେ ଦୁଇଜଣଙ୍କୁ ଗିରଫ କରିଥିବା କହିଛି । ପୋଲିସ ସସ୍ୟୁନିଟଟି ହରିଡ଼ାଖଣ୍ଡି ଅଞ୍ଚଳର



ଦ୍ୱାରିକା ନଗରରେ ଶଙ୍କର ସ୍ୱାଇଁ ଓ ତେଲୟୁନିଟ୍‌ରୁ ଗଣପତି ନଗର ପଞ୍ଚମ ଲେନରେ ଏସପି ଶଙ୍କର ରାଓଙ୍କୁ ଗିରଫ କରିଥିଲେ । ସେ ଆନ୍ଧ୍ରରୁ ତେଲ ଆଣି ଏଠି ବ୍ୟବସାୟ କରୁଥିଲେ । ସସ୍ ପ୍ରସ୍ତୁତ କରୁଥିବା ବ୍ୟକ୍ତି ଜଣକ ପଞ୍ଜିକରଣ କରିଛନ୍ତି । କିନ୍ତୁ ଭୁଲ୍ ଲେବେଲ ସହ ଖାଦ୍ୟରେ ବିଷାକ୍ତ ରସାୟନ ବ୍ୟବହାର କରୁଥିବା ଜଣାପଡ଼ିଛି । ସେହିପରି ତେଲ ପ୍ୟାକେଟ୍ କରି ବିକ୍ରି କରୁଥିବା ବ୍ୟବସାୟୀ ଉଭୟ ଖାଇବା ତେଲ ଓ ରାଶି ତେଲ ଆନ୍ଧ୍ର ପ୍ରଦେଶରୁ ଆଣି ପକେଟ୍ କରି ବଜାରରେ ବିକ୍ରି କରୁଥିଲା । ବିନା ପଞ୍ଜିକରଣରେ ଏହିପରି ବ୍ୟବସାୟ କରୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା । ପୂର୍ବରୁ ମଧ୍ୟ ଏହି ବ୍ୟବସାୟୀ ମାନେ ଏହି ପ୍ରକାର କାମ କରୁଥିବା ତଦନ୍ତରୁ ଜଣାପଡିଛି ।

# ଡକାୟତି ଯୋଜନା ବେଳେ ୪ ବନ୍ଧା ହେଲେ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ରେଳଷ୍ଟେସନ ନିକଟରେ ରାତିରେ ଡକାୟତି ଯୋଜନା କରୁଥିବା ଏକ ଦଳକୁ ବ୍ରହ୍ମପୁର ସରକାରୀ ରେଳବାଇ ପୋଲିସ (ଜିଆରପି) ପୋଲିସ ବାନ୍ଧିଛି । ସେମାନେ ହେଲେ କେ. ରବି କୁମାର(୩୦), ଏନ୍. ପ୍ରସାଦ ପାତ୍ର(୨୮), ବିଭୂତି ଭୂଷଣ ଦାସ (୨୦) ଓ ରାଜେନ୍ଦ୍ର ପାତ୍ର (୨୬) । ଏହି ଘଟଣାରେ ପାଥରା ଗ୍ରାମର ଅନିଲ ଦାସ ନାମକ ଜଣେ ବ୍ୟକ୍ତି ଫେରାର ଥିବା ପୋଲିସ କହିଛି । ଘଟଣା ସ୍ଥଳରୁ ସେମାନଙ୍କ ନିକଟରୁ ୨ଟି ଛୁରି, ଲଙ୍କାଗୁଣ୍ଡ ପ୍ୟାକେଟ୍, କଳା ରଙ୍ଗର ମାସ୍କ, ବ୍ରହ୍ମପୁର-ଗୋଲନ୍ଥରା ମଧ୍ୟରେ ଯାତ୍ରା ପାଇଁ ୨ଟି ଟ୍ରେନ୍ ଟିକେଟ୍ ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଛି । ଅଭିଯୁକ୍ତଙ୍କୁ ଜେରା ବେଳେ ସେମାନେ ଭୁବନେଶ୍ୱର-ପାଲାସା ମେମୁ ଟେନରେ ରଡକାୟତି କରିବା ନେଇ ଯୋଜନା କରୁଥିଲେ ବୋଲି ସ୍ୱୀକାର କରିଥିବା ପୋଲିସ କହିଛି । ମାମଲା ନଂ ୧୩/୨୬ ରେ ଗିରଫ ଡକାୟତଙ୍କୁ କୋର୍ଟ ଚାଲାଣ କରାଯାଇଛି । ରବିବାର ବିଳମ୍ବିତ ରାତ୍ର ବ୍ରହ୍ମପୁର ଜିଆରପିଓ ଆରପିଏଫ୍ ପୋଲିସ ମିଳିତ ପାଟ୍ରୋଲିଂ କରୁଥିବା ବେଳେ ଗୋସାଇଁନୂଆଗାଁ ରେଳ ଓଭରବ୍ରିଜ୍ ନିକଟରେ କିଛି ଯୁବକ ମାରଣାସ୍ତ୍ର ସହ ଏକାଠି ହୋଇ ଡକାୟତି ପାଇଁ ପ୍ରସ୍ତୁତ ହେଉଥିବା ସୂଚନା ପାଇଥିଲେ । ପୋଲିସକୁ ଦେଖି ସମସ୍ତେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ । ପୁଲିସ ପିଛା କରି ୪ ଜଣଙ୍କୁ କାବୁ କରିଥିବା ବେଳେ ଜଣେ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲା । ଖୁବଶୀଘ୍ର ତାକୁ ମଧ୍ୟ ଗିରଫ କରାଯିବ । ପୋଲିସ ଘଟଣାର ତଦନ୍ତ କରୁଛି ।

# ଚଳିତବର୍ଷ ହେବ ଛାତ୍ର ସଂସଦ ନିର୍ବାଚନ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ

ବୁଗୁଡା, (ସବ୍ୟୁ) : କଲେଜ କ୍ୟାମ୍ପସରେ ଅଶାନ୍ତ ବାତାବରଣ ଆଳକରି ଗତ ୮ ବର୍ଷ ହେଲା ଛାତ୍ର ସଂସଦ ନିର୍ବାଚନରେ ରୋକ୍ ଲାଗିଥିଲା । ତେବେ ଆଜି ସରକାରଙ୍କ ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ ନେଇ ଘୋଷଣା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ସ୍ଥାନୀୟ ପିପୁଲ୍ସ କଲେଜରେ ଗତ ୨୦୧୭ ମସିହାରେ ଶେଷଥର ପାଇଁ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା । ତେବେ ୨୦୧୮ ମସିହାରେ ପ୍ରାକୃତିକ ବିପର୍ଯ୍ୟୟ ଆଳକରି ନିର୍ବାଚନ ବନ୍ଦ କରି ଦିଆଯାଇଥିଲା । ଏହା ପରେ କ୍ୟାମ୍ପସ ଅଶାନ୍ତ ବାହାନା କରି ଆଉ ଛାତ୍ର ସଂସଦ ନିର୍ବାଚନ କରାଯାଇନଥିଲା । ସରକାର ବଦଳି ନୂଆ ସରକାର ଆସିବାର ଦୁଇ ବର୍ଷ ବିତିଯାଇଥିଲେ ହେଁ ନିର୍ବାଚନ କରିବା ଦିଗରେ କୌଣସି ଠୋସ୍ ପଦକ୍ଷେପ ନେବାରେ ଅହେତୁକ ବିଳମ୍ବ ହେତୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେବା ସହ ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରାଯାଇଥିଲା । ତେବେ ଛାତ୍ରଛାତ୍ରୀଙ୍କ ଦାବିକୁ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ଆଜି ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ପ୍ରକାଶ ପରେ ପିପୁଲ୍ସ କଲେଜର ଛାତ୍ର ସଂସଦ ନିର୍ବାଚନର ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କ ସହ କଲେଜ ସମ୍ମୁଖରେ ଆତସବାଜି ଫୁଟାଇ ଖୁସି ଜାହିର କରିଥିଲେ ।

# କୀଟନାଶକ ଖାଇ ଦୋକାନୀଙ୍କ ମୃତ୍ୟୁ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ସହର ହାଇସ୍କୁଲ ଛକ ରାସ୍ତାକଡରେ ଦୋକାନ କରିଥିବା ରବିନାରାୟଣ ପଣ୍ଡା ( ୪୫) ନାମକ ଜନୈକ ଦୋକାନୀ କୀଟନାଶକ ବିଷ ଖାଇ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ପ୍ରକାଶ ଯେ, ସୋମବାର ଅପରାହ୍ନରେ ରବି ପାରିବାରିକ ଅଶାନ୍ତି କାରଣରୁ ଚାଉଳ ପୋକମରା ବିଷ ଖାଇ ତାଙ୍କ ଦୋକାନ ଆଗରେ ଅଚେତ ଅବସ୍ଥାରେ ପଡି ରହିଥିଲେ । ପାଟିରୁ ଫେଣ ବାହାରୁ ଥିବା ଦେଖି ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

## ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

# ତାଳପାଟଣା ବିଦ୍ୟାଳୟରେ ଦୁଇ କୋଠରୀରେ ୬ ଶ୍ରେଣୀ

ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକର ମୁଣ୍ଡମରାଇ କ୍ଲଷ୍ଟରର ତାଳପାଟଣା ପ୍ରାଥମିକ ବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟାରେ ସନ୍ତୁଳିତ ହୋଇ ଚାଲିଛି । ୧୯୮୭ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ରହିଛି ଦୁଇଟି ଶ୍ରେଣୀ ଗୃହ । ଯେଉଁଥିରେ ପ୍ରଥମ ଶ୍ରେଣୀରେ ୯ ଜଣ, ଦ୍ୱିତୀୟ ରେ ୬ ଜଣ, ତୃତୀୟରେ ୧୬ ଜଣ, ଚତୁର୍ଥରେ ୧୨ ଜଣ, ପଞ୍ଚମରେ ୭ ଜଣ ଓ ବାଳବାଟିକାରେ ୭ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ଦୁଇଟି କକ୍ଷରେ ଛଅଟି ଶ୍ରେଣୀର ପିଲା କିପରି ପଢୁଥିବେ ତାହା ସହଜରେ ଅନୁମେୟ । ୫୭ ପିଲାଙ୍କ ପାଠ ପଢା ପାଇଁ ପ୍ରଧାନ ଶିକ୍ଷୟତ୍ରୀ ଜେ. ତୁଳସୀ ଆଚାରୀ ଓ ପ୍ରିୟଙ୍କା ମଲିକ ନାମକ ଦୁଇଜଣ ଶିକ୍ଷୟତ୍ରୀ ନିୟୋଜିତ ରହିଛନ୍ତି । ଆବଶ୍ୟକ ଶ୍ରେଣୀଗୃହ ଅଭାବ ଯୋଗୁଁ ବେଳେବେଳେ ପିଲାଏ ବାରଣ୍ଡାରେ ପଢୁଛନ୍ତି । ପୂର୍ବ ପଟରେ ପାଚେରୀ ରହିଥିବା ବେଳେ ତିନି ପଟେ ପାଚେରୀ ନାହିଁ । ରୋଷେଇ ଘରେ ଚିମିନି ନାହିଁ ଏଣୁ



ଧୂଆଁ ସବୁ ଉପରକୁ ଯିବା ବଦଳରେ ଶ୍ରେଣୀ ଗୃହରେ ପଶୁଛି । ଧୂଆଁ ବାଜି ପିଲାଏ ଅଣନିଶ୍ୱାସୀ ହୋଇ ପଡୁଛନ୍ତି । ରୋଷେଇ ଘର ଫ୍ଲୋର ଦବି ଯାଇଥିବା ବେଳେ ବିଦ୍ୟାଳୟର ପ୍ରବେଶ ପଥ ଉପର ତାଜା ଫାଟି ଆଁ କଲାଣି । ଶିକ୍ଷୟତ୍ରୀ ଓ ପିଲାଙ୍କ ପାଇଁ ଶୌଚାଳୟ ଟିଏ ନାହିଁ । ଉତ୍ତର ଦିଗକୁ ଅନତି ଦୁରରେ ରଷିକୁଲ୍ୟା ନଦୀ ପ୍ରବାହିତ ହେଉଛି । ଯାହାକି ବିପଦକୁ ହାତ ଠାରି ଡାକିଲା ଭଳି । ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଏବିଇଓ ସୌରୀ ଶଙ୍କର ବେହେରାଙ୍କ ସହ ଯୋଗାଯୋଗ ବେଳେ ଗତ ବ୍ଲକସ୍ତରୀୟ ଜନ ଶୁଣାଣୀରେ ତାଳପାଟଣା ବିଦ୍ୟାଳୟର ସମସ୍ତ ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ ଦାଖଲ ହୋଇଛି । ଏଠାରେ ପ୍ରଶ୍ନ ଉଠୁଛି କେବେ ସୁଧୁରିବ ତାଳପାଟଣା ବିଦ୍ୟାଳୟର ସମସ୍ୟା ତାହା ଦେଖିବାକୁ ବାକି ରହିଲା ।

## ଛାତ୍ର ସଂସଦ ନିର୍ବାଚନ ବିଗୁଲ

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଛାତ୍ର ଗଣ୍ଡଗୋଳ, ୯ ଅଟକ

ବ୍ରହ୍ମପୁର, (ସବ୍ୟୁ) : ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି । ସୂଚନା ପାଇ ଟାଉନ ଥାନା ପୋଲିସ ସେଠାରେ ପହଞ୍ଚି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ଧରିଥିଲା । ଉଭୟ ପକ୍ଷରୁ ମୋଟ ୯ ଜଣ ଛାତ୍ରଙ୍କୁ ଥାନାରେ ଅଟକ ରଖି ଆବଶ୍ୟକ ତଦନ୍ତ କରାଯାଉଛି । ଘଟଣାରେ ସମ୍ପୃକ୍ତ ଥିବା ଛାତ୍ରଙ୍କ ବିରୋଧରେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ



ନିଆଯାଉଛି ବୋଲି ପୋଲିସ କହିଛି । ଘଟଣା ପରେ ବିଶ୍ୱବିଦ୍ୟାଳୟ ପରିସର ଓ ଏହାର ଆଖପାଖ ଅଞ୍ଚଳରେ ଶାନ୍ତି ଏବଂ ଆଇନଶୃଙ୍ଖଳା ବଜାୟ ରଖିବାକୁ ବ୍ରହ୍ମପୁର ପୋଲିସ ପକ୍ଷରୁ କଡ଼ା ନଜର ରଖାଯାଇଛି । ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଫୁଟ୍ ପାଟ୍ରୋଲିଂ ମଧ୍ୟ ଆରମ୍ଭ କରାଯାଉଛି ବୋଲି ବ୍ରହ୍ମପୁର ଏସପି ଅଭିନ ସୋନକର ଏକ ପ୍ରେସନୋଟ ଜରିଆରେ ସୂଚନା ଦେଇଛନ୍ତି । ଛାତ୍ରୀଛାତ୍ରଙ୍କୁ ଶାନ୍ତି ବଜାୟ ରଖିବା ସହ ସଂଯମ ଅବଲମ୍ବନ କରିବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛ । ହିଂସା, ଧମକ, ବେଆଇନ ସମାବେଶ କିମ୍ବା ଅନ୍ୟ କୌଣସି ଅଶାନ୍ତିକର ଓ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ହେଲେ ଆଇନ ଅନୁଯାୟୀ ତୁରନ୍ତ ଏବଂ କଡ଼ା ପଦକ୍ଷେପ ନିଆଯିବ ବୋଲି ଏସପି ସ୍ପଷ୍ଟ କରିଛନ୍ତି । ବିଶ୍ୱବିଦ୍ୟାଳୟ ପରିସରରେ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ଶୃଙ୍ଖଳିତ ପରିବେଶ ବଜାୟ ରଖିବା ସହ ଶିକ୍ଷାଦାନ ପ୍ରକ୍ରିୟା ସ୍ୱାଭାବିକ ଭାବେ ଚାଲୁ ରଖିବା ପାଇଁ ବ୍ରହ୍ମପୁର ପୋଲିସ ପ୍ରତିବଦ୍ଧ ରହିଛି ବୋଲି ସେ କହିଛନ୍ତି ।

## ୮ ବର୍ଷ ପରେ କ୍ୟାମ୍ପସ୍‌ରେ ଗଣତନ୍ତ୍ର ଘଣ୍ଟି

# ଛାତ୍ର ସଂସଦ ନିର୍ବାଚନକୁ ନେଇ ଏମ୍‌ପିସିରେ ଚଳଚଞ୍ଚଳ କ୍ୟାମ୍ପସ୍

ବାରିପଦା, (ସବ୍ୟୁ) : ଦୀର୍ଘ ବ୍ୟବଧାନ ପରେ ପୁଣି ଚଳଚଞ୍ଚଳ ହେବାକୁ ଯାଉଛି କଲେଜ କ୍ୟାମ୍ପସ୍ । ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ବାରିପଦାର ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ କଲେଜ ପରିସରରେ ମଧ୍ୟ ଦେଖାଦେଇଛି ଉତ୍ସାହ ଓ ନିର୍ବାଚନୀ ଚଞ୍ଚଳତା । ଦୀର୍ଘ ୮ ବର୍ଷ ପରେ କ୍ୟାମ୍ପସ୍‌ରେ ଛାତ୍ର ନେତୃତ୍ୱ ବାଛିବାର ସୁଯୋଗ ମିଳିବାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବୈଠକ ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଛାତ୍ର ସଂସଦ ନିର୍ବାଚନ ନେଇ ଘୋଷଣା କରିଛନ୍ତି । ଅକେଫାବର ୧୫ରେ ଭୋଟ ଗ୍ରହଣ ହେବ । ଅକ୍ଟୋବର ୭ରେ କଲେଜ ଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିର୍ବାଚନୀ ବିଜ୍ଞପ୍ତି ପ୍ରକାଶ ପାଇବ । ୯ରେ ନାମାଙ୍କନ ଦାଖଲ, ୧୦ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଓ ୧୪ରେ



ମୁଁ କାହିଁକି ପ୍ରାର୍ଥୀ ହୋଇଛି, ଭାଷଣ କାର୍ଯ୍ୟକ୍ରମ ରହିଛି ଏବଂ ୧୫ରେ ଭୋଟଗ୍ରହଣ ସହ ଭୋଟ ଗଣତି ଓ ଫଳାଫଳ ପ୍ରକାଶ ହେବ । ୧୬ ତାରିଖରେ ନିର୍ବାଚିତ ପ୍ରତିନିଧିମାନେ ଶପଥ ନେବେ । ନିର୍ବାଚନ ଘୋଷଣା ପରେ ବିଭିନ୍ନ ଛାତ୍ର ସଂଗଠନରେ ମଧ୍ୟ ତତ୍ପରତା ବଢ଼ିଛି । ବିଶେଷକରି ବାରିପଦା ଏମ୍‌ପିସି କଲେଜରେ ଛାତ୍ରନେତୃତ୍ୱ, କ୍ୟାମ୍ପସ୍ ସମସ୍ୟା ଓ ନିଜ ନିଜ ମତ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି । ବହୁ ଛାତ୍ରଛାତ୍ରୀ ନିଜ ପସନ୍ଦର ନେତା ବାଛି କଲେଜର ବିଭିନ୍ନ ସମସ୍ୟାକୁ ଛାତ୍ର ସଂସଦ ମାଧ୍ୟମରେ ଉଠାଇବାକୁ ପ୍ରସ୍ତୁତ ହେଉଛନ୍ତି । ଦୀର୍ଘ ସମୟ ପରେ ନିର୍ବାଚନ ଫେରିଥିବାରୁ କ୍ୟାମ୍ପସ୍‌ରେ ଛାତ୍ର ରାଜନୀତି ପୁଣି ସକ୍ରିୟ ହେବା ସହ ନୂଆ ନେତୃତ୍ୱ ଉଭା ହେବାର ଆଶା ଦେଖାଦେଇଛି । ଆଗାମୀ ଦିନରେ କ୍ୟାମ୍ପସ୍‌ରେ ପ୍ରଚାର, ପ୍ରାର୍ଥୀ ଚୟନ ଓ ଛାତ୍ର ସମର୍ଥନକୁ ନେଇ ନିର୍ବାଚନୀ ମାହୋଲ ଆହୁରି ସରଗରମ ହେବା ଆଶା କରାଯାଉଛି । ସୂଚନାଯୋଗ୍ୟ ଯେ, ରାଜ୍ୟର ଛାତ୍ର ସଂସଦ ନିର୍ବାଚନ ମଧ୍ୟରେ ଏମ୍‌ପିସି କଲେଜର ନିର୍ବାଚନର ଏକ ସ୍ୱତନ୍ତ୍ରତା ରହିଛି।

# ଛାତ୍ର ସଂସଦ ନିର୍ବାଚନ ଘୋଷଣାକୁ ଏଆଇଡିଏସଓର ସ୍ୱାଗତ

ବାରିପଦା, (ସବ୍ୟୁ) : ରାଜ୍ୟର କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣାକୁ ଏଆଇଡିଏସଓ ସ୍ୱାଗତ କରିଛି । ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାର ଓ ନିର୍ବାଚନ ଦାବିରେ ଦୀର୍ଘ ୮ବର୍ଷ ଧରି ଚାଲିଥିବା ଆନ୍ଦୋଳନର ଏହା ଏକ ବଡ଼ ସଫଳତା ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଏଆଇଡିଏସଓ ଓଡ଼ିଶା ରାଜ୍ୟ ପରିଷଦର ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଏକ ମିଳିତ ପ୍ରେସ ବିବୃତିରେ ସମଗ୍ର ଛାତ୍ର ସମାଜକୁ ଅଭିନନ୍ଦନ ଜଣାଇଛନ୍ତି । ସେମାନଙ୍କ ମତରେ, ନିରନ୍ତର ଓ ଗଣତାନ୍ତ୍ରିକ ଆନ୍ଦୋଳନ ମାଧ୍ୟମରେ ନ୍ୟାଯ୍ୟ ଦାବି ହାସଲ କରାଯାଇପାରେ ବୋଲି ଏହି ସଫଳତା ପ୍ରମାଣ କରିଛି । ତେବେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସହ ମଡେଲ କୋଡ୍ ଅଫ୍ କଣ୍ଡକଫ ଓ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ୨୦୨୦ ବିରୋଧରେ ସଂଗଠନର ଆନ୍ଦୋଳନ ଜାରି ରହିବ ବୋଲି ନେତୃବୃନ୍ଦ କହିଛନ୍ତି । ଆଗାମୀ ଛାତ୍ର ସଂସଦ ନିର୍ବାଚନରେ ନୀତିନିଷ୍ଠ ଓ ସଂଗ୍ରାମୀ ପ୍ରାର୍ଥୀଙ୍କୁ ସମର୍ଥନ କରି କ୍ୟାମ୍ପସରେ ଗଣତାନ୍ତ୍ରିକ ପରିବେଶକୁ ଆହୁରି ସୁଦୃଢ଼ କରିବାକୁ ଏଆଇଡିଏସଓ ପକ୍ଷରୁ ଛାତ୍ର ସମାଜକୁ ଆହ୍ୱାନ ଦିଆଯାଇଛି ।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଭଞ୍ଜନଗର, (ସବ୍ୟୁ) : ବୁଲେଟ୍‌ରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟି ଭଂଜନଗର ଥାନା ଅନ୍ତର୍ଗତ ତୁଳସୀପଲ୍ଲୀ ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଏଥିରେ ଅନ୍ୟଜଣେ ଆହତ ହୋଇଛନ୍ତି । ମୃତ ଯୁବକ ଜଣକ ରାକେଶ ମଲ୍ଲିକ । ସୋରଡ଼ାରୁ କଣ୍ଟାପୀଡ଼ା ଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ରାସ୍ତାରେ ଦୁର୍ଘଟଣା ଘଟିଥିଲା । ସୂଚନା ଅନୁଯାୟୀ, ତୁଳସୀପଲ୍ଲୀ ଗ୍ରାମର ୬ ଜଣ ସାଙ୍ଗ ମିଶି ଦୁଇଟି ବାଇକ୍ ଓ ବୁଲେଟରେ ସୋରଡ଼ା କଣ୍ଟାପୀଡ଼ା ଯାତ୍ରା ଦେଖିବାକୁ ଯାଇଥିଲେ । ଯାତ୍ରା ଦେଖି, ଘରକୁ ଫେରୁଥିବା ବେଳେ ବୁଲେଟ ଆଗରେ ବଡ଼ ଭାଇ ଦୀନେଶ ମାଲିକ ଓ ପଛରେ ସାନ ଭାଇ ରାକେଶ ମାଲିକ ଆସୁଥିଲେ । ତେବେ ରାସ୍ତାରେ ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଘଟଣାସ୍ଥଳରେ ଦୁଇ ଭାଇ ଗୁରୁତର ଆହତ ହୋଇ ପଡ଼ିଥିଲେ।

# ଡିଭାଇନର ଶୈକ୍ଷିକ ପରିବେଶରେ ଯୋଡି ହେଲା ନୂଆ ଫର୍ଦ୍ଦ



ବାରିପଦା, (ସବ୍ୟୁ) : ବାରିପଦା ସହରରେ ଅବସ୍ଥିତ ଓଡିଶାର ଅଗ୍ରଣୀ ଶିକ୍ଷାଅନୁଷ୍ଠାନ ସମୂହ ଡିଭାଇନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ବେଶ୍ ଆଦୃତ ହେଇପାରିଛି ତାର ଶୈକ୍ଷିକ ପରିବେଶ ପାଇଁ । ଶିକ୍ଷାଦାନରେ ଯେଉଁ ଅଧ୍ୟାପକ-ଅଧ୍ୟାପିକା ମାନଙ୍କର ସହଭାଗିତା ରହିଛି ସେମାନେ ଉତ୍କୃଷ୍ଟ ଶିକ୍ଷା ଦାନ ସହ ନିଜର ବ୍ୟକ୍ତିଗତ ଓ ନୀରବଚ୍ଛିନ୍ନ ସାଧନା ସେମାନଙ୍କୁ ଏବଂ ଡିଭାଇନକୁ ଦେଇ ଚାଲିଛି ନୂତନ ଶୈକ୍ଷିକ ଦିଗନ୍ତ । ପ୍ରତେକ ବର୍ଷ ଅଧ୍ୟାପକ-ଅଧ୍ୟାପିକା ମାନେ କ୍ରମାନ୍ୱୟ ଭାବରେ ନିଜକୁ ପରିବୃଦ୍ଧ କରିଚାଲିଛନ୍ତି । ଚଳିତ ଶିକ୍ଷା ବର୍ଷରେ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଏଣ୍ଡ ରିସର୍ଚ୍ଚ(ଡିମସାର)ର ଅଧକ୍ଷା ଡଃ. ପି. ନିଳା ନିଜର ଉତ୍କୃଷ୍ଟ ଶିକ୍ଷାଦାନ ତଥା ନର୍ସିଙ୍ଗ ଛାତ୍ର-ଛାତ୍ରୀ ମାନଙ୍କ ପାଇଁ ବହୁ ଉପଯୋଗୀ ପାଠ୍ୟ ପୁସ୍ତକ ସମୂହ ରଚନା କରି, ରୋଗୀ ସେବା କ୍ଷେତ୍ରରେ ବିରଳ କୃତିତ୍ୱ ଅର୍ଜନ କରିଥିବାରୁ ସେ ସର୍ବଭାରତୀୟ ସ୍ତରରେ ଓସ୍କାର୍ସ ଅଫ୍ ହେଲଥକେୟାର ଆଓ୍ୱାର୍ଡ ଫର୍ ନର୍ସିଙ୍ଗ ଏକ୍ସେଲେନ୍ସ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଅନ୍ୟ ଏକ ବିରଳ କୃତିତ୍ୱ ମିଳିଛି ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜିର ଡିନ୍ (ଏକାଡେମିକ୍) ଇଂ. ସନ୍ଦିପ କୁମାର ଦାସଙ୍କୁ ଯିଏ କି କିଟ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ଇଲେକଟ୍ରିକାଲ୍ ଇଞ୍ଜିନିୟରିଂ କ୍ଷେତ୍ରରେ ( ଇଣ୍ଟେଲିଜେଣ୍ଟ ଏଡପଟିଭ୍ କଣ୍ଟ୍ରୋଲ୍ ଷ୍ଟ୍ରାଟେଜିଜ୍ ଫର୍ ପାଓ୍ୱାର କ୍ୱାଲିଟି ଏଣ୍ଡ ଫ୍ରିକ୍ୱେନ୍ସି ରେଗୁଲେଶନ ଇନ୍ ଇଭି-ଇଣ୍ଟିଗ୍ରେଟେଡ ମାଇକ୍ରୋଗ୍ରୀଡ୍ସ) ବିଷୟରେ ଗବେଷଣା କରି ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନ ଜନକ ଡକଫରେଟ୍ ଉପାଧି ଲାଭ କରିଛନ୍ତି ।ଏହି ସଫଳତାରେ ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଶିକ୍ଷା କ୍ଷେତ୍ରରେ ଗବେଷଣା ସହିତ ପ୍ରୟୋଗାତ୍ମକ ଶିକ୍ଷାରେ ଡିଭାଇନ୍ କୌଣସି ସାଲିସ କରିବ ନାହିଁ ବୋଲି ପ୍ରକାଶ କରିଥିଲେ ।

# ଚୋରୀ ମାମଲାରେ ୫ ଗିରଫ

ଗୋପାଳପୁର, (ସବ୍ୟୁ) : ଗୋଳନ୍ଥରା ଥାନା ପକ୍ଷରୁ ଚୋରିରେ ସମ୍ପୃକ୍ତ ରହିଥିବା ୩ ଜଣ ସମେତ ଚୋରି ସାମଗ୍ରୀ ରଖିଥିବା ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଦାସପୁର ର ଗାଁରେ ଦଶହରାପର୍ବ ପାଳନ ନିମନ୍ତେ ଅନୁଷ୍ଠିତ ବୈଠକରେ ଯୋଗଦେବା ପରେ ଗାଁରେ ଥିବା ଲାଇଟ ଏବଂ ସାଉଣ୍ଡ ଗୋଦାମ ଖୋଲିବା ସମୟରେ ୪ ଟି ଆମ୍ପିଲଫାୟାର ପ୍ରାୟ ୨୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ । ଘଟଣା ନେଇ ୪



ତପନ କୁମାର ବେହେରା, ବିଜୁନ ବେହେରା, ଦିପକ ବେହେରା । ଚୋରି ଜିନଷ ରଖିଥିବା ଅଭିଯୋଗରେ ସୁବ୍ରତ ବେହେରା ଓ ଶାନ୍ତନୁ ବେହେରା ବୋଲି ପୁଲିସ ସୂଚନା ଦେଇଛି । ସେମାନଙ୍କ ଠାରୁ ଚୋରି ଯାଇଥିବା ୪ ଟି ଏମ୍ପିଲଫାୟାର ସମେତ ୨ ଟି ବ୍ୟାଟେରୀ ଜବତ କରିଛି । ଅଭିଯୋଗ ଅନୁସାରେ ଗତ ୩ ତାରିଖ ଦିନ ଦାସପୁରରେ ଲାଇଟ ଏବଂ ସାଉଣ୍ଡ ବ୍ୟବସାୟ କରୁଥିବା ଡି ମୋହନ ରାଓ ତାରିଖରେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୁଲିସ ପକ୍ଷରୁ ତଦନ୍ତ ସମୟରେ ପ୍ରଥମେ ତପନକୁ ସନ୍ଦେହରେ ଥାନାକୁ ଆଣି ପଚରାଉଚରା ସମୟରେ ସେ ଆଉ ଦୁଇଜଣ ଏଥିରେ ସାମିଲ ରହିବା ସହ ଚୋରି ସାମଗ୍ରୀ ଗୁଡିକୁ ଗାଁର ଦୁଇଜଣଙ୍କୁ ବିକ୍ରି କରିଥିବା ପ୍ରକାଶ କରିଥିଲେ । ଏହାକୁ ଭିତ୍ତି କରି ପୁଲିସ ପକ୍ଷରୁ ସମସ୍ତ ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ।

## ▸▸ ବଡ଼ସାହିରେ ଜେଏମ୍‌ଏଫ୍‌ସି କୋର୍ଟ ଦାବି

# ୭ ଦିନ ମଧ୍ୟରେ ପଦକ୍ଷେପ ନହେଲେ ଆମରଣ ଅନଶନ ଚେତାବନୀ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ବଡ଼ସାହିରେ ତୁରନ୍ତ ଜେଏମ୍‌ଏଫ୍‌ସି କୋର୍ଟ କାର୍ଯ୍ୟକ୍ଷମ କରିବା ଦାବିରେ ଅଞ୍ଚଳବାସୀଙ୍କ ଅସନ୍ତୋଷ ତୀବ୍ର ହୋଇଛି । ଏନେଇ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ନେତୃତ୍ୱରେ ବଡ଼ସାହିର ଏକ ପ୍ରତିନିଧି ଦଳ ସୋମବାର ବାରିପଦାରେ ପହଞ୍ଚି ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେଇଛି । ଆସନ୍ତା ୭ଦିନ ମଧ୍ୟରେ ଅସ୍ଥାୟୀ ଭାବେ କୋର୍ଟ ଖୋଲା ନହେଲେ ଦଳମତ ନିର୍ବିଶେଷରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହ ଆମରଣ ଅନଶନ କରାଯିବ ବୋଲି ପ୍ରତିନିଧି ଦଳ ଚେତାବନୀ ଦେଇଛି । ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ବଡ଼ସାହିରେ ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ପାଇଁ ୨୦୨୩ରୁ ସରକାରୀ ଘୋଷଣା ହୋଇଥିଲେ ମଧ୍ୟ ଏଯାଏଁ କୋର୍ଟ କାର୍ଯ୍ୟକ୍ଷମ ହୋଇନାହିଁ । ସେହି ସମୟରେ ଘୋଷିତ ଅନ୍ୟ ବ୍ଲକଗୁଡ଼ିକରେ କୋର୍ଟ ଚାଲୁ ହୋଇସାରିଥିବା ବେଳେ ବଡ଼ସାହି ପ୍ରତି ପ୍ରଶାସନିକ ଉଦାସୀନତା ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଗତ ଜୁନ୍‌ରେ ବରିଷ୍ଠ ନାଗରିକ ମଞ୍ଚ, ବଣିକ ସଂଘ, ପ୍ରେସ କ୍ଲବ ସମେତ ବିଭିନ୍ନ



ସଂଗଠନ ଓ ସର୍ବଦଳୀୟ ନେତୃବୃନ୍ଦ ଏନେଇ ଦାବି ଉଠାଇଥିଲେ । ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ପୁରୁଣା ତହସିଲ କାର୍ଯ୍ୟାଳୟର ୩ ବଖରା ଘର ମରାମତି କରି ଦୁଇ ମାସ ମଧ୍ୟରେ ଅସ୍ଥାୟୀ କୋର୍ଟ ଖୋଲିବାକୁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ପରେ ଉକ୍ତ ଘର ଯୋଗାଇବା ସମ୍ଭବ ନୁହେଁ ବୋଲି କୁହାଯିବା ପରେ ଅସନ୍ତୋଷ ବଢ଼ିଛି । ସ୍ଥାୟୀ କୋର୍ଟ ପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଚାଲିଥିବାରୁ ତକାଳ ଉକ୍ତ ଗୃହରେ ଅସ୍ଥାୟୀ କୋର୍ଟ ଚାଲୁ କରିବା ଏବଂ ବଡ଼ସାହି ବ୍ଲକ ମୁଖ୍ୟାଳୟ ନିକଟରେ ସ୍ଥାୟୀ କୋର୍ଟ ପ୍ରତିଷ୍ଠା ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି ହୋଇଛି । ପ୍ରତିନିଧି ଦଳରେ ବ୍ଲକ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି ଶଶାଙ୍କ ଶେଖର କର, ପୂର୍ଣ୍ଣଚନ୍ଦ୍ର ହାଁସଦାଃ, ବୁଦ୍ଧିରାମ ସିଂ, କାହ୍ନୁ ସିଂ ଓ ଶ୍ରୀବତ୍ସ ମହାପାତ୍ରଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ଥିଲେ ।

# ନଜର ହଟାଇବା ପାଇଁ ଥର୍ ଗାଡ଼ିରେ ଗଞ୍ଜେଇ ଚାଲାଣ

ଭଞ୍ଜନଗର, (ସବ୍ୟୁ) : ଅବକାରୀ ବିଭାଗ ଏବଂ ପୋଲିସର ନଜରରୁ ଖସିବା ପାଇଁ ଗଞ୍ଜେଇ ମାଫିଆଙ୍କ ଅଭିନବ ପ୍ରୟାସ । ଏବେ ଦାମୀ ଗାଡ଼ିକୁ ବ୍ୟବହାର କରିବା ଆରମ୍ଭ କରିଛନ୍ତି ଚାଲାଣକାରୀ ମାନେ । ଏହି କ୍ରମରେ ଥର୍ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ, ଭଂଜନଗର ଥାନା ଅନ୍ତର୍ଗତ ପହଣ୍ଡା ନିକଟରେ ଚଢାଉ କରିଛି । ଭଂଜନଗର ଅବକାରୀ ବିଭାଗ । ଘଟଣା ସ୍ଥଳରୁ ୪୦ କେଜି ଗଞ୍ଜେଇ ସହ ଥର୍ ଗାଡିକୁ ଜବତ କରାଯାଇଛି । ଏଥିରେ ସଂପୃକ୍ତ ଜଣକୁ ଗିରଫ କରିଛି ଅବକାରୀ ବିଭାଗ । ଗିରଫ ଅଭିଯୁକ୍ତ ଜଣକ କନ୍ଧମାଳ ଜିଲ୍ଲା ବିଶିପଡ଼ା ଥିନା ଅନ୍ତର୍ଗତ ସୁଡୁକୁମ୍ପା ଗ୍ରାମର ମହେନ୍ଦ୍ର ବେହେରା । ସେ ଫୁଲବାଣୀରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ କରୁଥିଲା । ଗାଡ଼ି ସହ ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୧୪ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି । ଏନେଇ ୧୧୪ / ୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ନେଇ କହିଛନ୍ତି ଅବକାରୀ ଥାନାଧିକାରୀ ବିଭୁ ପ୍ରସାଦ ସାହୁ ।



# ନବୀନ ଜିନ୍ଦଲ- ଜିଲ୍ଲା ବଣିକ ସଂଘ ଆଲୋଚନା
# ଏଡିସିସିଆଇ ପ୍ରତିନିଧିଙ୍କୁ ସକାରାତ୍ମକ ଆଶ୍ୱାସନା



ଅନୁଗୋଳ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ଏକ ପ୍ରତିନିଧି ଦଳ ଜିନ୍ଦଲ ଷ୍ଟିଲ ଲିମିଟେଡ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଅନୁଗୋଳ ନିଶାସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଏକ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଓ ବାଣିଜ୍ୟିକ ପ୍ରସଙ୍ଗ ଉପରେ ବିସ୍ତୃତ ଏବଂ ଫଳପ୍ରସୂ ଆଲୋଚନା କରିଛନ୍ତି । ବିଶେଷକରି ଅନୁଗୋଳରେ ଡାଉନଷ୍ଟ୍ରିମ ଶିଳ୍ପର ବିକାଶ, ସ୍ଥାନୀୟ ଏମଏସଏମଇ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ, ସ୍ଥାନୀୟ ବ୍ୟବସାୟୀ ଓ ଶିଳ୍ପସଂସ୍ଥାଗୁଡ଼ିକ ସହ ବୃହତି ଶିଳ୍ପାନୁଷ୍ଠାନର ଉତ୍ତମ ସମୟ ତଥା ଅନୁଗୋଳର ପାଶବର୍ତ୍ତୀ ଅଞ୍ଚଳର ବିକାଶ ସମ୍ପର୍କରେ ଗଭୀର ପୁଙ୍ଖାନୁପୁଙ୍ଖ ମତବିନିମୟ ହୋଇଥିଲା ।ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରର ବିକାଶ ପାଇଁ ବୃହିତ ଶିଳ୍ପସଂସ୍ଥା ଗୁଡ଼ିକ ସହ ଅଧିକ ସମନ୍ୱିତ ଓ ସହଯୋଗମୂଳକ ପଦକ୍ଷେପ ନେବାର ଆବଶ୍ୟକତା ଉପସ୍ଥାପନ କରାଯାଇଥିଲା ।ଏହା ସହିତ ସ୍ଥାନୀୟ ଏମଏସଏମଇ ଗୁଡିକୁ ଅଧିକ ସୁଯୋଗ ଓ ପ୍ରୋତ୍ସାହନ ମିଳିଲେ ଅନୁଗୋଳରେ ଶିଳ୍ପଭିତ୍ତିକ ଉଦ୍ୟୋଗ ଓ ଆର୍ଥିକ କାର୍ଯ୍ୟକଳାପ ଆହୁରି ସୁଦୃଢ଼ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା ।ଅନୁଷ୍ଠାନରର ଏହି ପଦକ୍ଷେପକୁ ଶ୍ରୀ ଜିନ୍ଦଲ ସ୍ୱାଗତ କରିବା ସହ ଏହାକୁ ସକାରାତ୍ମକ ଓ ସମୟୋପଯୋଗୀ ପ୍ରୟାସ ବୋଲି ଅଭିହିତ କରିଥିଲେ ।ବ୍ୟବସାୟୀ ଓ ଶିଳ୍ପସଂସ୍ଥାଗୁଡ଼ିକ ମଧ୍ୟରେ ଉତ୍ତମ ସମୟ ମାଧ୍ୟମରେ ଅନୁଗୁଳର ସାମଗ୍ରିକ ବିକାଶ ଏବଂ ସ୍ଥାନୀୟ ଅଞ୍ଚଳର କଲ୍ୟାଣ ପାଇଁ ଆଗାମୀ ଦିନରେ ଅଧିକ ସହଯୋଗମୂଳକ ପଦକ୍ଷେପ ନିଆଯିବ ବୋଲି ସେ ନିଜର ପ୍ରତିବଦ୍ଧତା ପୁନର୍ବ୍ୟକ୍ତ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଅଶୋକ କୁମାର ଜୈନଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧିଦଳ ଶ୍ରୀ ଜିନ୍ଦଲଙ୍କୁ ସ୍ଥାନୀୟ ବାଣିଜ୍ୟ ଓ ଶିଳ୍ପ ସମୁଦାୟ ପକ୍ଷରୁ ସମସ୍ତ ପ୍ରକାର ସମ୍ଭାବ୍ୟ ସହଯୋଗର ଆଶ୍ୱାସନା ଦେଇଥିଲେ । ଅନୁଗୋଳର ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରର ସାମଗ୍ରିକ ଉନ୍ନତି ପାଇଁ ସରକାର, ବୃହି ଶିଳ୍ପସଂସ୍ଥା ଏବଂ ସ୍ଥାନୀୟ ଶିଳ୍ପ-ବାଣିଜ୍ୟ ସମୁଦାୟ ମଧ୍ୟରେ ଅଧିକ ସମୟ ଓ ସହଯୋଗ ଗଢ଼ି ତୋଳିବା ପ୍ରତିଷ୍ଠାନର ର ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରତିନିଧି ମାନେ ପ୍ରକାଶ କରିଥିଲେ ।ଏହି ଆଲୋଚନାରେ ଏଡିସିସିଆଇର ସଭାପତି ଦୀପକ କୁମାର ବର୍ମା, ସଂପାଦକ ଅଶୋକ କୁମାର ମୋଦୀ, କାର୍ଯ୍ୟନିର୍ବାହୀ ସଂପାଦକ ଶେଖ ରଫିକ, ତଥା ଉପସଭାପତି ରାଜ କୁମାର ଅଗ୍ରୱାଲ, ଉପସଭାପତି ବିପିନ ଅଗ୍ରୱାଲ, ଓମ ପ୍ରକାଶ ଅଗ୍ରୱାଲ,ମିଡ଼ିଆ ପ୍ରଭାରୀ ଦୀପ୍ତି ପ୍ରଧାନ,ହରଜିତ ସିଂହ ବଂସଲ ଓ ସୁରଜ ତୁଲସିଆନ, ମୁଖ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।ଏହି ସୌଜନ୍ୟମୂଳକ ସାକ୍ଷାତକାର ଅନୁଗୁଳର ବୃହିତ ଶିଳ୍ପ ଓ ସ୍ଥାନୀୟ ବାଣିଜ୍ୟ- ମଧ୍ୟମ ଓ କ୍ଷୁଦ୍ରଶିଳ୍ପ କ୍ଷେତ୍ର ମଧ୍ୟରେ ଅଧିକ ସୁଦୃଢ଼ ସମ୍ପର୍କ ଓ ସହଯୋଗର ଏକ ନୂତନ ଅଧ୍ୟାୟର ଆରମ୍ଭ କରିବ ବୋଲି ଆଶା ପ୍ରକାଶ ପାଇଛି ।

# ବିଶ୍ୱପାଳୁଛି ବିଶ୍ୱ ପ୍ରାଣୀ ଦିବସ
# କାଗଜପତ୍ର ଓ ନାଲିଫିତା ଫାଇଲ ଭିତରେ କାର୍ଯ୍ୟକ୍ରମ

ତାଳଚେର,(ସବ୍ୟୁ) :ବିଶ୍ୱ ପାଳୁଛି ମାସାଧିକ କାଳ ବିଶ୍ୱ ପ୍ରାଣୀ ଦିବସ ମାତ୍ର କଳାହୀର ସହରରେ ଦିନକୁ ଦିନ ଖଣି, ଶିଳ୍ପ ଓ କାରଖାନା ଯୋଗୁଁ ମାଟି ଗର୍ଭରେ ଲୀନ ହେଉଛି ପାହାଡ଼ ପର୍ବତ, ଜଙ୍ଗଲ ଇତ୍ୟାଦି । ଯେଉଁ ହାରରେ ଜଙ୍ଗଲ ନଷ୍ଟ କରାଯାଉଛି, ସେହି ଅନୁପାତରେ ନା ହେଉଛି ବୃକ୍ଷରୋପଣ ନା କରାଯାଉଛି ଜଙ୍ଗଲ ସଂରକ୍ଷଣ । ଦିନେ ତାଳଚେରର ନଦୀନାଳ ଓ ଜଙ୍ଗଲ ଯୋଗୁଁ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଉଥିଲା । ତାଳଚେର ବ୍ଲକ ଏବଂ ପୌରାଂଚଳରେ ରାଜାରାଜୁ ଅମଳରୁ ଜଙ୍ଗଲ ସୃଷ୍ଟି କରାଯାଉଥିଲା । ପ୍ରାୟ ତାଳଚେର ମଧ୍ୟଭାଗରେ ୭ଶହ ଏକର ପରିମିତ ଜମିରେ ରାଣୀପାର୍କ ଜଙ୍ଗଲ ଥିଲା ଏବଂ ରାଜା ସେହି ସମୟରେ ଜଙ୍ଗଲ ଭିତରେ ବୁଲି ନିଜର ସମୟ ଅତିବାହିତ କରୁଥିଲେ । ସେହି ସମୟରେ ବାରାହା, କୋକିଶିଆଳ ଭାଲୁ ଚିତ୍କାର ଆଉ ଶୁଣିବାକୁ ମିଳୁନାହିଁ । ସେହିଭଳି ତାଳଚେର ବ୍ଲକର ବର୍ତମାନ ଯେଉଁଠାରେ ବଳରାମ ଖଣି ଅବସ୍ଥିତ ରହିଛି, ସେଠାରେ ଏକ ବୃହତ ମନଲୋଭା ହ୍ରଦ ରହିଥିଲା । ସେହି ହ୍ରଦରେ ବହୁ ପ୍ରଜାତିର ପକ୍ଷୀ ଆସି ଅଣ୍ଡା ଦେଇଥାନ୍ତି । ମାତ୍ର ଖଣି ଯୋଗୁଁ ସେହି ହ୍ରଦ ଲୋପ ପାଇଯିବାରୁ ସେଠାକୁ ଆସୁଥିବା ପଶୁପକ୍ଷୀ ଆଉ ଦୃଶ୍ୟମାନ ହେଉନାହାନ୍ତି। ସେହି ସାନ୍ଧ୍ୟକାଳୀନ ମନୋହରା ଦୃଶ୍ୟ ଦେଖିବାକୁ ମିଳୁନାହିଁ । ପୌରାଂଚଳକୁ ଛା-- ଦେଲେ ଗ୍ରାମାଂଚଳରେ ଛୋଟବଡ଼ ଜଙ୍ଗଲ ରହିଥିଲା ଓ ପଶୁପକ୍ଷୀମାନେ ମଧ୍ୟ ବସବାସ କରୁଥିଲେ । ତାଳଚେର ଉପଖଣ୍ଡରେ ବନାଂଚଳ କାର୍ଯ୍ୟାଳୟ ରହିଛି । ଏହି ବନାଂଚଳ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ କର୍ମଚାରୀ ଥିଲେ ମଧ୍ୟ କେବଳ କାଗଜପତ୍ର ମାଧ୍ୟମରେ ନୂତନ ବୃକ୍ଷରୋପଣ ନାମରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲେ ହେଁ ତାର ସୁଫଳ ଲୋକଙ୍କ ନିକଟରେ ଫହଚି ନପାରିବା ଦୁର୍ଭାଗ୍ୟଜନକ ବିଷୟ ହୋଇଛି । କାଗଜପ୍ରତରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହେଉଛି । ତେଣୁ ତୁରନ୍ତ ସରକାର ଏଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ବଜ୍ରକାପ୍ତା ଛାଲ ଜବତ ,୧ ଗିରଫ



ଆଠମଲ୍ଲିକ ,(ସବ୍ୟୁ) :ଆଠମଲ୍ଲିକ ରେଞ୍ଜ ଅନ୍ତର୍ଗତ ପତାକା ସେକ୍ସନ ତାଳ ବିଜ ପୁର ଗ୍ରାମ ର ଏକ ଚିକେନ ଦୋକାନ ରୁ ୧୮୭ ଟି ବଜ୍ର କାପ୍ତା ଛାଲି ବନ ବିଭାଗ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଥିବା ଜଣା ପଡିଛି । ସୂଚନା ମୁତାବକ ତାଳବିଜପୁର ଗ୍ରାମର ପ୍ରକାଶ ପ୍ରଧାନ (୫୦) ତାଙ୍କର ଚିକେନ ଦୋକାନ ଭିତରେ ଥିବା ବଜ୍ରକାପ୍ତା ଛାଲି ରେଞ୍ଜ ଅଧିକାରୀ ସୁନିଲ କୁମାର ସାହୁ ଙ୍କ ନିର୍ଦ୍ଦେଶ ରେ ଫରେଷ୍ଟର ସୁବ୍ରତ କୁମାର ଶତପଥୀ, ତ୍ରିନାଥ ନାଏକ, ସ୍କଓ୍ୱାଡ଼ ରଞ୍ଜିତ ସାହୁ ପ୍ରମୁଖ ଚଢ଼ାଉ କରି ୧୮୭ ଟି ବଜ୍ରକାପ୍ତା ର ଛାଲି ଜବତ କରିଥିଲେ ।ଅଭିଯୁକ୍ତ ପ୍ରକାଶ ପ୍ରଧାନଙ୍କୁ ବନ ବିଭାଗ ତରଫରୁ କେଶ ନମ୍ବର ୬୫ ରେ ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଜଣା ପଡିଛି ।

# କଣିହାଁ ବ୍ଲକ ସ୍ତରୀୟ ସେବା ସେତୁ ଶିବିର
# ୭୦ ହିତାଧିକାରୀଙ୍କୁ ଭତ୍ତା ,୧୯ ବିଦ୍ୟାଳୟକୁ ଜମି ପଟ୍ଟା

କଣିହାଁ, (ସବ୍ୟୁ):କଣିହାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକ ସ୍ତରୀୟ "ସେବା ସେତୁ' ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ସରକାରୀ ସେବାକୁ ଲୋକଙ୍କ ନିକଟରେ ସହଜରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇ । କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିବା ଅବସରରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ସରକାରୀ ସେବାକୁ ଲୋକଙ୍କ ନିକଟରେ ସହଜରେ ପହଞ୍ଚାଇବା ଏହି ଶିବିର ର ଉଦ୍ଦେଶ୍ୟ ବୋଲି କହିଥିଲେ । ଶିବିରରେ ବିଧାୟକ ୭୦ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ , କଣିହାଁ ବ୍ଲକର ୧୯ଟି ବିଦ୍ୟାଳୟକୁ ଜମି ପଟ୍ଟା ପ୍ରଦାନ, ୧୦ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ଏବଂ ୨ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଇସାଇକେଲ ପ୍ରଦାନ କରିଥିଲେ ।କଣିହାଁ ବ୍ଲକରେ ମୋଟ ୨୧୬୩ ଜଣଙ୍କ ନୂତନ ଭତ୍ତା ମଞ୍ଜୁର ହୋଇଥିବା ବେଳେ ସେଥିରୁ ୨୦୫୧ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୩୬ ଜଣଙ୍କୁ ବିଧବା ଭତ୍ତା, ୧୯ ଜଣଙ୍କୁ ଦିବ୍ୟାଙ୍ଗ ଭତ୍ତା, ୪୮ ଜଣଙ୍କୁ ଅବିବାହିତ ଭତ୍ତା ଏବଂ ୯ ଜଣଙ୍କୁ ଛାଡ଼ପତ୍ର ଭତ୍ତା ଅନ୍ତର୍ଭୁକ୍ତ ଅଟେ । ଶିବିର ରେ ସାଂସଦ ଢେଙ୍କାନାଳଙ୍କ ପ୍ରତିନିଧି ନୃସିଂହ ବରାଳ, ତ୍ରିପୁରାରୀ ପ୍ରଧାନ,ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ବିଡିଓ ତ୍ରିବିକ୍ରମ କୁମୁରା, ଅତିରିକ୍ତ ତହସିଲଦାର ମନୋରଞ୍ଜନ ଜେନା, ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟ ରଞ୍ଜନ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ମିଶ୍ର, ଏବିଡିଓ ସୁତି▾ ମହାପାତ୍ର, ବ୍ଲକ ର ସମସ୍ତ କର୍ମଚାରୀ ଏବଂ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଏବଂ ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ହିତାଧିକାରୀ ମାନେ ଉପସ୍ଥିତ ଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଯଥା ସାମାଜିକ ସୁରକ୍ଷା, ଖାଦ୍ୟ ଯୋଗାଣ, ଗ୍ରାମ୍ୟ ଗୃହ ବିଭାଗ, ରାଜସ୍ୱ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ,ଶିକ୍ଷା ବିଭାଗ ଏବଂ ପ୍ରାଣୀ ବିଭାଗ ଯୋଜନା ଗୁଡିକ ବିଭିନ୍ନ ଷ୍ଟଲ ମାଧ୍ୟମରେ ପ୍ରଦର୍ଶନ କରାଯିବା ସହିତ ସରକାରଙ୍କର ସମସ୍ତ ଜନ କଲ୍ୟାଣ କାରି ଯୋଜନା ବିଷୟରେ ଲୋକ ମାନଙ୍କୁ ସଚେତନ କରାଯାଇଥିଲା ।

# ସୁଧୁରୁନି ୭୫ ବର୍ଷର ଭୁବନ ହାଇସ୍କୁଲର ସମସ୍ୟା

ଭୁବନ ,(ସବ୍ୟୁ) : ଢ଼େଙ୍କାନାଳ ଜିଲ୍ଲା ଭୁବନରେ ୧୯୪୮ ମସିହାରେ ପ୍ରତିଷ୍ଠିତ ଭୁବନ ଉଚ୍ଚ ବିଦ୍ୟାଳୟ ଦୀର୍ଘ ସାତ ଦଶନ୍ଧି ଧରି ଭୁବନ ତଥା ଆଖପାଖ ଅଞ୍ଚଳର ଶିକ୍ଷା, ସାମାଜିକ ଓ ସାଂସ୍କୃତିକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଆସିଛି । ଏହି ବିଦ୍ୟାଳୟରୁ ଶିକ୍ଷା ଲାଭ କରି ହଜାର ହଜାର ପୂର୍ବତନ ଛାତ୍ରଛାତ୍ରୀ ଦେଶ ଓ ବିଦେଶରେ ବିଭିନ୍ନ କ୍ଷେତ୍ରରେ ନିଜର ସୁନାମ ଅର୍ଜନ କରିଛନ୍ତି । ବର୍ତ୍ତମାନ ବିଦ୍ୟାଳୟରେ ପ୍ରାୟ ୩୭୬ ଜଣ ଛାତ୍ରଛାତ୍ରୀ ୧୦ଟି ବିଭାଗରେ ଅଧ୍ୟୟନ କରୁଛନ୍ତି । କିନ୍ତୁ ଦୁଃଖର ବିଷୟ ଏହି ଐତିହାସିକ ବିଦ୍ୟାଳୟ ଏବେ ଗୁରୁତର ଶିକ୍ଷକ ଅଭାବ ଓ ଭିତ୍ତିଭୂମି ସମସ୍ୟା ଦେଇ ଗତି କରୁଛି । ମେ ୨୦୨୫ ଠାରୁ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି । ଏଥିସହିତ ଶିକ୍ଷକ ଅଭାବ ଥିବାରୁ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶମୂଳକ କାର୍ଯ୍ୟକଳାପ ପ୍ରଭାବିତ ହେଉଛି । ବିଶେଷକରି ବିଜ୍ଞାନ ବିଭାଗରେ ମାତ୍ର ଜଣେ ଲେଖାଏଁ ଶିକ୍ଷକ ଥିବାରୁ ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହେଉଛି । ଏହା ଶିକ୍ଷକମାନଙ୍କ ଉପରେ ଅତ୍ୟଧିକ ଶିକ୍ଷାଦାନର ଭାର ସୃଷ୍ଟି କରୁଥିବାବେଳେ ଛାତ୍ରଛାତ୍ରୀମାନେ ଆବଶ୍ୟକ ପରିମାଣର ଶିକ୍ଷା, ପ୍ରାକଟିକାଲ କ୍ଲାସ ଓ ବିଷୟଭିତ୍ତିକ ମାର୍ଗଦର୍ଶନରୁ ବଞ୍ଚିତ ହେବାର ଆଶଙ୍କା ରହିଛି । ଏହାସହିତ ବିଦ୍ୟାଳୟରେ ନିଯୁକ୍ତ ଇଇଙ୍କ ଶିକ୍ଷୟିତ୍ରୀ ଶ୍ରୀମତୀ ମୋନାଲି ମନସୱିନୀ ନାୟକ ଅନ୍ୟ ବିଦ୍ୟାଳୟରେ ଡେପୁଟେସନରେ ରହୁଥିବାରୁ ଭୁବନ ହାଇସ୍କୁଲର ଛାତ୍ରଛାତ୍ରୀ ଆବଶ୍ୟକ ଶିକ୍ଷା ସହାୟତା ପାଇପାରୁନାହାନ୍ତି ବୋଲି PGଗ ପକ୍ଷରୁ ଅଭିଯୋଗ କରାଯାଇଛି ।ବିଦ୍ୟାଳୟର ୭ଟି ଶ୍ରେଣୀଗୃହ ବିପଦପୂର୍ଣ୍ଣ ଥିବାରୁ ତୁରନ୍ତ ପୁନଃନିର୍ମାଣଆବଶ୍ୟକ । ଛାତ, କାନ୍ଥ ଓ ଝରକା ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବାରୁ ଛାତ୍ରଛାତ୍ରୀ ଅସୁରକ୍ଷିତ ପରିବେଶରେ ପାଠ ପଢୁଥିବା ନେଇ ଅଭିଭାବକମାନେ ଚିନ୍ତା ପ୍ରକାଶ କରୁଛନ୍ତି । ଏକପଟେ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ଶିକ୍ଷା ପ୍ରଭାବିତ ହେଉଥିବାବେଳେ, ଅନ୍ୟପଟେ ଅସୁରକ୍ଷିତ ଶ୍ରେଣୀଗୃହ ଯୋଗୁଁ ଅଭିଭାବକମାନେ ନିଜ ପିଲାଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ଅଛନ୍ତି ।

# ସହିଦ ବାଜି ରାଉତଙ୍କ ୧୦୧ତମ ଜୟନ୍ତୀ ପାଳନ




ଭୁବନ , (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଭୁବନ ନୀଳକଣ୍ଠପୁର ଠାରେ ଭାରତର ସର୍ବକନିଷ୍ଠ ଶହୀଦ ବାଜିରାଉତଙ୍କ ୧୦୧ ତମ ଜୟନ୍ତୀ ପାଳିତ ହୋଇଯାଇଛି । କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି, ଭୁବନ ବିଡ଼ିଓ ଆୟୁଷି ମହାପାତ୍ର, ବାଜିରାଉତ ସ୍ମୃତି ପରିଷଦ ସଭାପତି କୋଦଣ୍ଡଧର ସାହୁ, ସଂପାଦକ ବିପିନ ବିହାରୀ ସାହୁ, କୋଷାଧକ୍ଷ ଗୋବିନ୍ଦ ଭଞ୍ଜ, ସନ୍ତୋଷ କୁମାର ସାହୁ, ସନ୍ତୋଷ କୁମାର ମଲ୍ଲିକ, ମନୋଜ ମଲ୍ଲିକ ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଜୀବନୀ ଉପରେ ଆଲୋକପାତ କରିଥିଲେ ।

# ଶିଶୁ ମହୋତ୍ସବ ସୁରଭି

ଆଠମଲ୍ଲିକ,(ସବ୍ୟୁ) :ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ସ୍ଥିତ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାଧପୁର ପରିସରରେ ମାଧପୁର କ୍ଲଷ୍ଟ ର ସ୍କୁଲ ମାନଙ୍କୁ ନେଇ ଶିଶୁ ମହୋତ୍ସବ ସୁରଭି ୨୦୨୬ ଅନୁଷ୍ଠିତ ହୋଇଯାଇଛି ।ଏହି ଉପଲକ୍ଷେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିତରକ, ବକ୍ତୃତା, ସଂଗୀତ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ଗଳ୍ପ କଥନ, କୁଇଜ, ସୃଜନ ଶିଳ ଲିଖନ, ଓଡ଼ିଆ ହସ୍ତାକ୍ଷର ଶୃତ ଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ପି ଏମ ପୋଷଣ, ସି ଏମ ପୋଷଣ, ଚିତ୍ର କଳା, ଶିଳ୍ପ କଳା ପ୍ରଭୃତି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ପ୍ରଥମ ପର୍ଯ୍ୟାୟରେ ପ୍ରଧାନ ଶିକ୍ଷକ ଭଗବାନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ପରିଚାଳନା କମିଟି ସଭାପତି ପଞ୍ଚାନନ ପ୍ରଧାନ, ପ୍ରକାଶ ଚନ୍ଦ୍ର ପାତ୍ର, ଗୁପ୍ତେଶ୍ୱର ଖଣ୍ଡଗିରି ପ୍ରମୁଖ ଯୋଗ ଦେଇଥିଲେ ।ଅଧାପକ ମାନସ ରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ । ସେହିପରି ଅପରାହ୍ନ ରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବରେ ବିଡ଼ିଓ ଟିଟସ ମହାନନ୍ଦିଆ,ସଂମ୍ମାନିତ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ ସୁନିଲ କୁମାର ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର ପ୍ରମୁଖ ଯୋଗ ଦେଇ ସୁରଭି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କ ର ଅନ୍ତର୍ନିହିତ ପ୍ରତିଭା ଲୋକ ଲୋଚନ କୁ ଆସି ପାରୁଛି ବୋଲି କହିଥିଲେ ।

# ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ପାଇଁ ସଚେତନତା ଅଭିଯାନ

ତାଳଚେର ,(ସବ୍ୟୁ) :ତାଳଚେର କୁ ସ୍ୱଚ୍ଛ ଓ ନିର୍ମଳ ରଖିବା ସହିତ ସୁନ୍ଦର ତାଳଚେର ଗଢ଼ିବା ପାଇଁ ସଚେତନତାର ବାର୍ତ୍ତା କରାଯାଇଛି ।ଧୂଳି ଧୂଆଁ ମୁକ୍ତ ସହିତ ସ୍ୱଚ୍ଛତା ଆଣିବା ପାଇଁ ତାଳଚେର ପୌର ପରିଷଦ ପକ୍ଷରୁ ସଚେତନତା ଅଭିଯାନ ର ଶୋଭାଯାତ୍ରା କରାଯାଇ ଲୋକଙ୍କୁ ଏହି ବାର୍ତ୍ତା ପ୍ରଦାନ କରାଯାଇଥିଲା । ତାଳଚେର ଏକ ପ୍ରଦୂଷିତ ଅଞ୍ଚଳ ବୋଲି ଦେଶ ମାନ ଚିତ୍ରରେ ସ୍ଥାନିତ ହୋଇଛି । ଏହାର ନିରାକରଣ ପାଇଁ ଜନସାଧାରଣ ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ଆଜି ପୌର ପରିଷଦର ଅଧ୍ୟକ୍ଷ ପବିତ୍ର ଭୁତିଆ ଙ୍କ ନେତୃତ୍ୱରେ ସହରରେ ରାଲି ମାଧ୍ୟମରେସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ । ଏଥିରେ ପୌର ପରିଷଦର ନିର୍ବାହୀ ଅଧିକାରୀ ପ୍ରଦିପ ସାହା, ସମସ୍ତ କାଉନସିଲର , ବିଭିନ୍ନ ବିଭାଗର କର୍ମଚାରୀ, ସଫେଇ ସୁପର ଭାଇଜର, ସଓ୍ୱଚ୍ଛ ସାଥୀ, ପ୍ରମୁଖ ସାମିଲ ହୋଇଥିଲେ । ।

# କଙ୍କଡାହାଡ ଏସ୍‌ବିଆଇ ଜନସେବା କେନ୍ଦ୍ରରୁ ଲୁଟ ଘଟଣା
## ୫ କୁଖ୍ୟାତ ଡକାୟତ କାବୁ : କାର,ବନ୍ଧୁକ,ମୋବାଇଲସହିତ ୬ଲକ୍ଷ ୫୦ ହଜାର ଟଙ୍କା ଜବତ




ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ସଦରଥାନା ଅନ୍ତର୍ଗତ କଙ୍କହାଡ ଠାରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର କମନ ସର୍ଭିସ ସେଣ୍ଟରରୁ ବନ୍ଧୁକ ଦେଖାଇ ମାଲିକଙ୍କଠାରୁ ୩ଲକ୍ଷ ୫୦ ହଜାର ଟଙ୍କା ସହିତ ସୁନା ମୁଦି,ମୋବାଇଲ ଫୋନଲୁଟ ଘଟଣାରେ ଜଡିତ ଗ୍ୟାଙ୍ଗ କୁ ପୋଲିସ କାବୁ କରିବାରେ ସଫଳ ହୋଇଛି । ଗତ ୨୮ ତାରିଖ ସୋମବାର ଦିନ ପ୍ରାୟ ୧ଟା ୫୦ ମିନିଟ୍ ସମୟରେ କଙ୍କଡାହାଡ ଠାରେ ଗ୍ରାମର ଶେଷ ଦେବ ବେହେରାଙ୍କ ପୁଅ ସଞ୍ଜିବ ବେହେରା(୪୯) ଏସ୍‌ବିଆଇ କମନ ସର୍ଭିସ ସେଣ୍ଟର ବନ୍ଦ କରିବାକୁ ଯାଉଥିଲେ। ଏହି ସମୟରେ ହଠାତ୍ ଏକ ମୋଟରସାଇକେଲରେ ୩ ଜଣ ଅଜଣା ଯୁବକ ସେଠାରେ ପହଞ୍ଚି ବନ୍ଧୁକ ଦେଖାଇ ତାଙ୍କୁ କାବୁ କରି ନେଇଥିଲେ । ରବିବାର ଦିନ ବ୍ୟାଙ୍କ ବନ୍ଦ ଥିବାରୁ ସେଣ୍ଟରରେ ୩ଲକ୍ଷ ୫୦ହଜାର ଟଙ୍କା ରହିଥିଲା ।ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ସେଠାରେ ଥିବା ସମସ୍ତ ଟଙ୍କା ସହିତ ଏକ ସୁନା ମୁଦି,ମୋବାଇଲ ଫୋନ ଲୁଟ କରି ଫେରାର ହୋଇଯାଇଥିଲେ । ସେହି ଦୋକାନରେ ସଞ୍ଜିବଙ୍କୁ ସଟର ଦେଇ ଚାଲିଯାଇଥିବା ବେଳେ ସେ କବାଟବାଡେଇବାରୁ ପରିବାରଲୋକ ତାଙ୍କୁ ଉଦ୍ଧାର କରିଥିଲେ ।ଏହା ପରେ ଜନସେବା କେନ୍ଦ୍ରର ମାଲିକ ସଞ୍ଜିବ ବେହେରା ସଦର ଥାନାରେ ଲିଖିତ ଭାବରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ସଦର ଥାନାରେ ୮୩୦/୨୬ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରିରହିଥିଲା ।ସେଠାରେଥିବା ସିସିଟିଭି ଫୁଟେଜ ଏବଂ ଟେକ୍ନିକାଲ ଟିମ ତରଫରୁ ଯାଞ୍ଚ ପରେ ପ୍ରକୃତ ଘଟଣା ଜଣାପଡିଥିଲା ।ଏହି ମାମଲାରେ ମୋଟଙ୍ଗା ଥାନା ଅନ୍ତର୍ଗତ ହଳଦିଆବାହାଳ ଗ୍ରାମର ଧରଣୀଧର ନାଏକଙ୍କ ପୁଅ ବିକାଶ ନାଏକ ଓରଫ ବିକା(୨୪),କଟକ ଜିଲ୍ଲା ସଦରଥାନା ଓରାଳି ଗ୍ରାମର ଧିରେନ ସିଂହଙ୍କ ପୁଅ ଅମର ସିଂହ ଓରଫ ବଣ୍ଟି(୨୬),ହଳଦିଆବାହାଳର ଶ୍ରୀକର ନାଏକଙ୍କ ପୁଅ ମିଳନ ନାଏକ(୨୮),ସଦରଥାନା କାଇମାଟି ହରେକୃଷ୍ଣପୁର ଗ୍ରାମର କମଳଲୋଚନ ଦାସଙ୍କ ପୁଅ ଅମ୍ବିକା ଦାସ ଓରଫ ବାପି(୨୧) ଏବଂ ମୋଟଙ୍ଗା ଥାନା ଅନ୍ତର୍ଗତ ପ୍ରଧାନସାହିର ବିଷ୍ଣୁ ଚରଣ ପ୍ରଧାନଙ୍କ ପୁଅ ବ୍ରିଜେଶ ପ୍ରଧାନକୁ ପୋଲିସ କାବୁ କରିବାରେ ସଫଳ ହୋଇଛି । ସେମାନଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ,୬ଟି ଜିବନ୍ତ ଗୁଳି,୪ଟି ଖୋକା, ୩ଟି ମାଗାଜିନ,ଦୁଇଟି କାତି,ଗୋଟିଏ ଛୋଟ ଟାଙ୍ଗିଆ,ଗୋଟିଏ ଛୁରୀ,ଏକ ମାରୁତି ସୁଜୁକି ବୋଲେନୋ କାର ନମ୍ବର ଓଡି୧୯ଓ୍ୱାଇ୮୧୮୧,ଗୋଟିଏ ଟିଭିଏସ ମୋଟରସାଇକେଲ ନଂ ଓଡି୦୬ପି୩୫୪,ଗୋଟିଏ ଓଲା ସ୍କୁଟି ନଂ ଓଡି୦୨ସିକେ୬୪୨୮,ଦୁଇଟି ମୁଖା,ହଳେ ଗ୍ଲୋଭସ,ଗୋଟିଏ ନମ୍ବର ପ୍ଲେଟ, ଲଙ୍କା ଗୁଣ୍ଡ,୧୨ଟି ମୋବାଇଲ ଫୋନ ଓ ନଗଦ ୬ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଛି । ବଂଟି ଏହି ଘଟଣାର ରିଙ୍ଗ ଲିଡର ଥିବା ବଳେ ଅମର ସମସ୍ତ କାର୍ଯ୍ୟ ପରିଚାଳନା କରୁଥିଲା । ବିକା ନାମରେ ମୋଟଙ୍ଗା ଥାନାରେ ଗୋଟିଏ ଓ ଟାଉନ ଥାନାରେ ଗୋଟିଏ ମାମଲା ରହିଥିବା ବେଳେ ଜିତୁ ନାମରେ ମୋଟଙ୍ଗା ଥାନାରେ ୬ଟି, ଜିତୁ ଓରଫ ବ୍ରିଜେଶ ପ୍ରଧାନ ନାମରେ ମୋଟଙ୍ଗା ଥାନାରେ ତିନୋଟି, ଅନୁଗୁଳରେ ଗୋଟିଏ,କଟକର ବିଭିନ୍ନ ଥାନାରେ ୧୩ଟି ,ଯାଜପୁର ବଡଚଣା ଥାନାରେ ୨ ଓ ପାଣି କୋଇଲି ଥାନାରେ ଗୋଟିଏ, କେନ୍ଦୁଝର ଆନନ୍ଦପୁରରେ ଗୋଟିଏ ଏବଂ ସୋସୋ ଥାନାରେ ଗୋଟିଏ ମାମଲା ରହିଛି । ସେହିପରି ମିଳନ ନାଏକ ନାମରେ ବାଲିମୀ ଥାନାରେ ଗୋଟିଏ, ମୋଟଙ୍ଗା ଥାନାରେ ୩ଟି, ହିନ୍ଦୋଳରେ ଗୋଟିଏ, ରାସୋଳ ଥାନାରେ ୫ଟି, ସଦର ଥାନାରେ ୩ଟି, ଟାଉନ ଥାନାରେ ଗୋଟିଏ ଏବଂ କଟକ ଆଠଗଡ ଗ୍ରାମାଞ୍ଚଳ ଥାନାରେ ଗୋଟିଏ ମାମଲା ରହିଛି । ଏହି ଘଟଣାର ପର୍ଦ୍ଦାଫାଶ କରିବା ପାଇଁ ସଦର ଥାନା ଆଇଆଇସି ପ୍ରିୟବ୍ରତ ଦାସ,ଟାଉନଥାନା ଅଧିକାରୀ ଧିରେନ କୁମାର ବେହେରା,ମୋଟଙ୍ଗା ଥାନା ଆଇଆଇସି ଦିପକ କୁମାର ଲେଙ୍କା,ଟାଉନ ଥାନା ଏସ୍‌ଆଇ ଶକ୍ତିପ୍ରସାଦ ସାହୁ, ପ୍ରତାପ କୁମାର ସାହୁ, ଏଏସ୍‌ଆଇ ସଞ୍ଜୟ କୁମାର ଦେହୁରୀଙ୍କ ସହିତ ହାବିଲଦାର ମାନଙ୍କୁ ନେଇ ଏକ ଟିମ ଗଠନ କରାଯାଇଥିଲା । ଏହି ଘଟଣାକୁ ନେଇ ଆଜି ଏସ୍‌ପି ଏକ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ତଥ୍ୟପ୍ରଦାନ କରିଛନ୍ତି । କର୍ମଚାରୀ ମାନେ ଦିନ ରାତି ପରିଶ୍ରମ କରି ଏହି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି । ଏହି ଅଭିଯୁକ୍ତ ମାନେ କେବଳ ଢେଙ୍କାନାଳ ନୁହଁ ବରଂ କଟକ,କେନ୍ଦୁଝରରେ ମଧ୍ୟ ଅପରାଧ କରିଥାନ୍ତି । ଏମାନେ ପ୍ରଥମେ ଟାର୍ଗେଟ ସେଟ କରନ୍ତି ଏବଂ ପରେ ସେହି ଟାର୍ଗେଟ ଅନୁସାରେ କାର୍ଯ୍ୟ କରନ୍ତି । ଯେଉଁମାନେ ଏହି ଚୋରୀ ଜିନିଷ କିଣିଛନ୍ତି ସେମାନଙ୍କୁ ମଧ୍ୟ ଠାବ କରିବା ସହିତ ଧରିବା ପାଇଁ ଉଦ୍ୟମ ଚାଲିଛି ବୋଲି କହିଥିଲେ ।

# ଅଙ୍ଗନବାଡି ଦିଦିଙ୍କ ବଦଳି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ସଦର ବ୍ଲକ୍ ଅନ୍ତର୍ଗତ ରନିପୁର ଗ୍ରାମବାସୀମାନେ ଅଙ୍ଗନବାଡି ଦିଦିଙ୍କୁ ବଦଳୀ କରିବା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ ରନିପୁର ଗ୍ରାମର ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟରତ ଥିବା ମଲ୍ଲିକା ସାହୁ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ବହୁତ ଅସୁବିଧାରେ ପକାଉଛନ୍ତି। ଠିକ୍ ସମୟରେ ଖାଇବା ନ ଦେବା, କ୍ଲାସ୍ ନକରିବା ଏବଂ ଅଙ୍ଗନବାଡିକୁ ଠିକ୍ ସମୟରେ ଆସୁନଥିବା, ଚାଉଳ ଓ ଅଣ୍ଡା ଏବଂ କିଶୋରୀ ବାଳିକାଙ୍କ ପାଇଁ ଆସୁଥିବା ବିଭିନ୍ନ ଖାଦ୍ୟ ବାଳିକା ପିଲାମାନଙ୍କୁ ନ ଦେଇ ସବୁ ବିକ୍ରି କରନ୍ତି। ଅଧିକାଂଶ ସମୟରେ ମିଟିଙ୍ଗ ଅଛି କହି ଛୁଟି ନିଅନ୍ତି। ଗ୍ରାମରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଅଭିଭାବକମାନେ ଉକ୍ତ ସମସ୍ୟା ବିଷୟରେ ପଚାରିବାରୁ ଦିଦି ଏହାକୁ ଅଣଦେଖା କରିଥିଲେ। ଗ୍ରାମବାସୀମାନେ ଏକ ସଭା କରି ଦିଦିଙ୍କୁ ଡକାଇ ଖାତା ଯାଞ୍ଚ କରିବାରୁ ଦେଖିବାକୁ ପାଇଥିଲେ ଯେ, ପିଲାମାନେ ଅନୁପସ୍ଥିତ ଥିଲେ ମଧ୍ୟ ଉପସ୍ଥାନ ପକାଯାଇଅଛି। ଏହି ବିଷୟରେ ସିଡିପିଓଙ୍କୁ ଜଣାଇବାରେ ସିଡିପିଓ ଉକ୍ତ ପାଖ ଗ୍ରାମ ତେନ୍ତୁଳିପାଟଣା (କ) ର ଦିଦିଙ୍କୁ ଚାର୍ଜ ଦେଇଥିଲେ। ଏହାପରେ ମଲ୍ଲିକା ଦେଇ କୋର୍ଟ ପେପର ଧରି ପୁନର୍ବାର ଚାର୍ଜ ନେଇଥିଲେ। ମଲ୍ଲିକା ଦେଇ ଯଦି ଆସି ଏହି ଅଙ୍ଗନବାଡି କେନ୍ଦ୍ରରେ ଚାର୍ଜ ନିଅନ୍ତି ତେବେ ଅଭିଭାବକମାନେ ପିଲାମାନଙ୍କ ପାଇଁ ଆସୁଥିବା ଖାଦ୍ୟ ଓ କିଶୋରୀ ବାଳିକାମାନଙ୍କ ପାଇଁ ଆସୁଥିବା ଖାଦ୍ୟ ଗ୍ରହଣ କରିବେ ନାହିଁ ବୋଲି ଏହି ଅଭିଯୋଗ ପତ୍ରରେ ଉଲ୍ଲେଖ କରି ଚେତାବନୀ ଦେଇଛନ୍ତି।

# ହାତଗୁଞ୍ଜି ଦିଅ, ବାର୍ଦ୍ଧକ୍ୟ ଭତ୍ତା ନିଅ

ରେଙ୍ଗାଳି ,(ସବ୍ୟୁ) :ସରକାର ଗରୀବ, ଅସହାୟ ବୃଦ୍ଧ, ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗମାନଙ୍କ ସାମାଜିକ ସୁରକ୍ଷା ପାଇଁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଛନ୍ତି । ମାତ୍ର କଣିହାଁ ବ୍ଲକ ଅନ୍ତର୍ଗତ ବାଲିପଶି ପଞ୍ଚାୟତରେ ଏହି ଯୋଜନା ବାଟବଣା ହୋଇଥିବା ଅଭିଯୋଗ ହୋଇଛି । ଭତ୍ତା ପଇସା ଟିକିଏ ହାତକୁ ପାଇବା ପାଇଁ ବୃଦ୍ଧା ଓ ଅସହାୟ ଲୋକଙ୍କୁ ବାଧହୋଇ ହାତଗୁଞ୍ଜି (ଲାଞ୍ଚ) ଦେବାକୁ ପଡୁଛି । ଟଙ୍କା ନଦେଲେ ଆସନ୍ତା ମାସରେ ଭତ୍ତା ବନ୍ଦ କରିଦେବାକୁ ଧମକ ମିଳୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଯାହାକୁ ନେଇ ଭତ୍ତାଭୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।ଅଭିଯୋଗ ଅନୁଯାୟୀ, ବାଲିପଶି ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ନିଜେ ଭତ୍ତା ନବାଣ୍ଟି କିଛି ନ୍ୟସ୍ତସଓ୍ୱାର୍ଥ ବ୍ୟକ୍ତିଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି । ଏହି ଅଣ-ଅଧିକୃତ ବ୍ୟକ୍ତିମାନେ ପ୍ରତି ହିତାଧିକାରୀଙ୍କଠାରୁ ବଳପୂର୍ବକ ଟଙ୍କା ଆଦାୟ କରୁଥିବା ଜଣାପଡିଛି ।ସାଧାରଣତଃ ପ୍ରତି ମାସର ୧୫ ତାରିଖରେ ଭତ୍ତା ବଣ୍ଟନ ହେବାର ନିୟମ ଥିଲେ ମଧ୍ୟ, ଏଠାରେ ୧୯ ଏବଂ ୨୦ ତାରିଖରେ ଟଙ୍କା ମିଳୁଥିବା ଦେଖିବାକୁ ମିଳୁଛି ।ନିୟମିତ ଭତ୍ତା ନ ମିଳିବା ଏବଂ ବାରମ୍ବାର ହଇରାଣ ହେବା ଯୋଗୁଁ ବୃଦ୍ଧବୃଦ୍ଧାମାନଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି । ଗ୍ରହଣ କରିବ ତାକୁ ହିଁ ଅପେକ୍ଷା ।

# ବନ୍ଧୁକ ମୁନରେ ୨ ଲକ୍ଷରୁ ଅଧିକ ଲୁଟ

ରେଙ୍ଗାଳି ,( ସବ୍ୟୁ ) :କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳର ଜଣେ ଆଳୁ ବ୍ୟବସାୟୀଙ୍କ ଠାରୁ ରେଙ୍ଗାଳି ଖମାର ରାସ୍ତାରେ ବନ୍ଧୁକ ମୁନରେ ପାଖାପାଖି ଅଢେଇ ଲକ୍ଷ ଟଙ୍କା ସହ ବାଇକ ଓ ମୋବାଇଲ ଲୁଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ରେଙ୍ଗାଳି ପ୍ରକଳ୍ପ ବଜାରର ଆଳୁ ବ୍ୟବସାୟୀ ସୁନୀଲ ମାଖରିଆ ଆଜି ମଧ୍ୟାହ୍ନରେ ଖମାର ବଜାରରୁ ଆଳୁ ଟଙ୍କା ଆଦାୟକାରୀ ବାଇକରେ ରେଙ୍ଗାଳିକୁ ଫେରୁଥିଲେ । ରେଙ୍ଗାଳି ଖମାର ରାସ୍ତାର ଗେଙ୍ଗୁଟିଆ ନିକଟରେ ଦୁଇଜଣ ଦୁର୍ବୃତ୍ତ ରାସ୍ତାରେ ବ୍ୟବସାୟୀ ଜଣଙ୍କୁ ଅଟକାଇ ବନ୍ଧୁକ ମୁନରେ ଭୟଭୀତ କରି ବ୍ୟବସାୟୀଙ୍କ ଠାରୁ ଅଢେଇ ଲକ୍ଷ ଟଙ୍କା ସହ ମୋବାଇଲ ଓ ସେ ଚଳାଉଥିବା ବାଇକ (ନଂ ଓଡି ୩୫ ଜେ ୯୧୭୨) କୁ ଲୁଟ କରି ଫେରାର ହୋଇଯାଇଥିଲେ । ବ୍ୟବସାୟୀ ଜଣକ ଅପରାହ୍ନରେ ରେଙ୍ଗାଳି ପହଞ୍ଚିବା ପରେ ରେଙ୍ଗାଳି ଥାନାରେ ଅଭିଯୋଗ କରିଥିଲେ । ରେଙ୍ଗାଳି ପୋଲିସକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

# ଢେଙ୍କିକୋଟ କଲେଜ ଅଶାନ୍ତ, ରାଜପଥରେ ଛାତ୍ରଛାତ୍ରୀ



ଢେଙ୍କିକୋଟ ,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ଠାରେ ଥିବା ଆଞ୍ଚଳିକ ଏସ.ଏନ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଶାନ୍ତ ହୋଇଯାଇଛି । ଛାତ୍ରଛାତ୍ରୀମାନେ ପାଠ ପଢିବାକୁ ଆସି ସୋମବାର ଦିନ ୨୨୦ ନମ୍ବର ଜାତୀୟ ରାଜପଥ ଉପରେ ବସିଛନ୍ତି । ଫଳରେ ଏକ ଅପ୍ରୀତିକର ଓ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଯାଇଛି ! ପିଲାମାନେ ରାଜପଥ ଅବରୋଧ କରିବା ର ଉଦ୍ଦେଶ୍ୟ ହେଉଛି କଲେଜ ଠିକ ସମୟରେ ଖୋଲା ହେଉନି , ପାଠପଢା ହେଉନି । କଲେଜ ହଷ୍ଟେଲ ଭଡା ରେ ଲାଗିଛି , ପାନୀୟ ଜଳର ସୁବିଧା ନାହିଁ ମୁଖ୍ୟମନ୍ତ୍ରୀ କଲେଜ ଗୁଡିକରେ କୌଣସି ଫି ଦେବାକୁ ମନା କରିଥିବା ବେଳେ ଏ କଲେଜ ରେ ବିଭିନ୍ନ ଫି ଦେବାକୁ ପଡୁଛି । ଏଠାରେ କି କଲେଜର ଇଂରାଜୀ ଅଧ୍ୟାପକଙ୍କ ଦବଙ୍ଗଗିରି ରେ ଅନ୍ୟ କର୍ମଚାରୀ ଭୟଭିତ ହେବା ସହିତ ଥାନା ଫାଣ୍ଡି ପର୍ଯ୍ୟନ୍ତ କଥା ଯାଇଛି । ଇଂରାଜୀ ଅଧ୍ୟାପକ ସହିତ ଅନ୍ୟ କର୍ମଚାରୀ ମାରପିଟ ହେବା କଥା ଢେଙ୍କିକୋଟ ବାସୀ ଠାରୁ ଥାନା ବାବୁ ସମସ୍ତେ ଜାଣିଛନ୍ତି । ସୋମବାର ଦିନ ପିଲାମାନେ ଜାତୀୟ ରାଜପଥ ଅବରୋଧ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉକ୍ତ ଇଂରାଜୀ ଅଧ୍ୟାପକ ବୋଲି କଲେଜ କର୍ମଚାରୀ ପ୍ରକାଶ କରିଛନ୍ତି ।କଲେଜ ଅଧ୍ୟାପକମାନେ ମାସକୁ ଲକ୍ଷାଧିକ ଟଙ୍କା ଦରମା ପାଇ କେନ୍ଦୁଝରରେ ଘରଭଡ଼ା ନେଇ ରାଜସୁଖ ଭୋଗୁଛନ୍ତି । ଇଚ୍ଛା ହେଲେ ଢେଙ୍କିକୋଟ କଲେଜ କୁ ଆସୁଛନ୍ତି ନ ହେଲେ ନାହିଁ । ତେଣୁ ଉକ୍ତ କଲେଜର ଅଧକ୍ଷ ଓ ଇଂରାଜୀ ଅଧ୍ୟାପକଙ୍କୁ କଲେଜରୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାପାଇଁ ସ୍ଥାନୀୟ ବୁଦ୍ଧିଜୀବୀ, ସମାଜସେବୀ ଓ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି ।

# ୮ ଲକ୍ଷ ଟଙ୍କାର ଚୋରା ମୋବାଇଲ୍ ପାର୍ଟ୍ସ ଜବତ : ୩ କୋର୍ଟଚାଲାଣ

ଦୋବଳ,(ସବ୍ୟୁ) :କିଛି ଦିନ ପୂର୍ବରୁ ଚୋରା ମୋବାଇଲ ପାର୍ଟସର କାରବାର ନେଇ ଧାମନଗର ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ଉକ୍ତ ସୂଚନା ଆଧାରରେ ପୋଲିସ ସନ୍ଧାନ ଜାରି ରଖିଥିଲା। ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ମେଦିନୀପୁର ଅଂଚଳରୁ ଦୁଇଜଣ ବ୍ୟକ୍ତି ଧାମନଗର ଜଣେ ବ୍ୟକ୍ତିଙ୍କ ଘରେ ରହି ଚୋରା ମୋବାଇଲ ପାର୍ଟ୍ସ କାରବାର କରୁଥିବା ନେଇ ରବିବାର ଥାନାଧିକାରୀ ଶୁଭ୍ରଜିତ୍ ଦାସ ଖବର ପାଇଥିଲେ। ଶ୍ରୀଦାସଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ନାରାୟଣ ନାୟକଙ୍କ ସମେତ ଏକ ଟିମ୍ ଗଠନ କରି ରବିବାର ଧାମନଗର ଏନ୍‌ଏସି ଅଧୀନ ହବିବ ନଗର ଅଂଚଳରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଘରେ ଚଡାଉ କରିଥିଲେ। ଚଡାଉ ସମୟରେ ୫୦୦ମୋବାଇଲ୍ କଭର,୨ହଜାର ବ୍ୟାଟେରୀ,୫୦୦ ଡିସପ୍ଲେ କମ୍ବୋ,୫୦୦ କ୍ୟାମେରା ଓ ୬୦୦ ମଦରବୋର୍ଡ ସମେତ ବିପୁଳ ପରିମାଣର ସାମଗ୍ରୀ ଜବତ କରିବା ସହ ଚୋରିରେ ସମ୍ପୃକ୍ତ ହବିବ ନଗରର ସାହା ସଦାମ ଏବଂ ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟ ମେଦିନୀପୁର ଅଂଚଳର ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଛି। ଜବତ ଚୋରି ସାମଗ୍ରୀ ମୂଲ୍ୟ ପ୍ରାୟ ୮ଲକ୍ଷ ଟଙ୍କା ହେବ ବୋଲି ଥାନାଧିକାରୀ ଶ୍ରୀଦାସ କହିଛନ୍ତି। ଗିରଫ ବ୍ୟକ୍ତିମାନେ ସାହା ସଦାମ (୩୫),ପୂର୍ବ ମେଦିନୀପୁରର ଉତ୍ପଳ ସାହା (୩୮) ଓ ରହିମ୍ ସାହା (୩୨)ଙ୍କୁ ପୁଲିସ ଗିରଫ କରିଥିଲା। ଜବତ ସାମଗ୍ରୀର ବୈଧ କାଗଜପତ୍ର ଅଭିଯୁକ୍ତମାନେ ଦେଖାଇ ପାରିନଥିବା ପୁଲିସ ସୂଚନା ଦେଇଛି। ଏଥିସହ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଚୋରି କରି ଏହି ସାମଗ୍ରୀ ସଂଗ୍ରହ କରାଯାଇଥିଲା। ପୋଲିସ କେସ୍ ନଂ.୪୩୭/୨୦୨୬ରେ ମାମଲା ରୁଜୁ କରିଥିବାବେଳେ ଏସଆଇ ନାରାୟଣ ନାୟକ ନିଜେ ଅଭିଯୋଗକାରୀ ହୋଇ ମାମଲା ରୁଜୁ କରିଛନ୍ତି ଏବଂ [illegible] ଚୋରା ମୋବାଇଲ୍ ପାର୍ଟସ କେଉଁଠୁ ଆସୁଥିଲା,କାହା ମାଧ୍ୟମରେ ବିକ୍ରି ହେଉଥିଲା ଏବଂ ଏହି କାରବାର ପଛରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି,ତାହା ନେଇ ପୁଲିସ ତଦନ୍ତ ଜାରି ରଖିଛି। ତେବେ ଧାମନଗର ପୋଲିସ ଏହି ପଦକ୍ଷେପକୁ ସ୍ଥାନୀୟ ଅଂଚଳରେ ସ୍ୱାଗତ କରିବା ସହ ଚର୍ଚ୍ଚାର ବିଷୟ ପାଲଟିଛି।

# ବିଜେପି ଜିଲ୍ଲା ଯୁବମୋର୍ଚ୍ଚାର ସଚେତନତା ଶିବିର



ବାଲେଶ୍ୱର,(ସବ୍ୟୁ): ଜିଲ୍ଲା ବିଜେପିର ଯୁବମୋର୍ଚ୍ଚା ପକ୍ଷରୁ ବାଲେଶ୍ୱର ଆଇ.ଟି.ଆଇ. ଛକ ନିକଟସ୍ଥ ଇଣ୍ଡୋର ଷ୍ଟାଡିୟମରେ ଯୋଗ, ଧ୍ୟାନ ଏବଂ ନିଶାମୁକ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଅଛି। ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ସଡ଼ଙ୍ଗୀ, ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ରାଜ୍ୟ ଉପସଭାନେତ୍ରୀ ସିପ୍ରା ବାଜପେୟୀ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ, ଜିଲ୍ଲା ଉପସଭାପତି ବିଜୟ କୁମାର ସାହୁ, ସମ୍ପାଦିକା ରବିତା ଦାସ, ରାଜ୍ୟଯୁବମୋର୍ଚ୍ଚା ସମ୍ପାଦକ ଶଶିକାନ୍ତ ମିଶ୍ର ଓ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ସୋସିଆଲ ମିଡ଼ିଆ କର୍ଡିନେଟର ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଯୁବକ-ଯୁବତୀ, ଛାତ୍ରଛାତ୍ରୀ ଓ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବମୋର୍ଚ୍ଚା ପଦାଧିକାରୀ ସୁମିତ୍ ପ୍ରଧାନ, ଅଙ୍କିତା ପଣ୍ଡା, ଧର୍ମେନ୍ଦ୍ର ପ୍ରଧାନ, ହରି ଚନ୍ଦ୍ର ଦାସ, ଉମେଶ ଚନ୍ଦ୍ର ଦାସ, ଶକ୍ତି ଶଙ୍କର ପାଣିଗ୍ରାହୀ, ରଂଜିତ କୁମାର ପଣ୍ଡିତ, ରାଜେଶ ରଣା, ବିଜୟ କୁମାର ପୃଷ୍ଟି, ଶୁଚିସ୍ମିତା ସେଠି, ଲିପ୍ସା ନାୟକ, ପ୍ରିୟଙ୍କା ରଣା, ଇତିଶ୍ରୀ ପଣ୍ଡା, ଉମେଶ ବେହେରା, ଓମ ସତ୍ୟମ ପ୍ରମୁଖ ସହଯୋଗ କରିଥିଲେ।

# ଆରଆଇଟିରେ ସ୍ୱଚ୍ଛ ଭାରତ ଦିବସ ପାଳିତ



ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସହର ନିକଟସ୍ଥ ତାମୁଳିଆ ସ୍ଥିତ ଅଗ୍ରଣୀ ଯାନ୍ତ୍ରିକ ଶିକ୍ଷାନୁଷ୍ଠାନ ରାମାରାଣୀ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ପ୍ରାଙ୍ଗଣରେ ରାମାରାଣୀ ଏଜୁକେସନଓଲ ଟ୍ରଷ୍ଟ ତରଫରୁ ଚେୟାରମ୍ୟାନ ଧୀରେନ୍ଦ୍ର ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ସ୍ୱଚ୍ଛ ଭାରତ ଦିବସ ୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଲିଙ୍ଗରାଜ ଦାସ, ଆର. ଆଇ. ଟି. ର ଅଧକ୍ଷ ପ୍ରଫେସର ଡଃ. ଜୟନ୍ତ ଗୋପ, ଯୁକ୍ତ୨ ବିଜ୍ଞାନର କାର୍ଯ୍ୟକାରୀ ଅଧକ୍ଷ କାର୍ତ୍ତିକ ଚନ୍ଦ୍ର କୁଲ୍‌ହାରୀ, ମେଡିକାଲ ଏକାଡେମୀ ରେ ଭାରପ୍ରାପ୍ତ ଅଧକ୍ଷଓ ଶ୍ରୀମତୀ ଦିପ୍ତିମୟୀ ଦାସ, ସଂଯୋଜକ ମନୋଜ କୁମାର ବେହେରା, ସହକାରୀ ପ୍ରଫେସର ଇଂ. ହରିଶ୍ଚନ୍ଦ୍ର ସାହୁ, ଡେପୁଟି ରେଜିଷ୍ଟ୍ରାର ଓ ସହକାରୀ ପ୍ରଫେସର ଇଂ. ଗୌର ଗୋପାଳ ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଗାନ୍ଧୀଜି ତଥା ଶାସ୍ତ୍ରୀଜିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ଅଖିଳ ଭାରତୀୟ ଯାନ୍ତ୍ରିକ ଶିକ୍ଷା ପରିଷଦର ପତ୍ର ଅନୁସାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଶ୍ରୀମତୀ ଦିପ୍ତିମୟୀ ଦାସ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ । ସର୍ବଶେଷରେ ଚେୟାରମ୍ୟାନ ଧୀରେନ୍ଦ୍ର ପ୍ରସାଦ ଦାସ ଓ ଅଧକ୍ଷ ଡଃ. ଜୟନ୍ତ ଗୋପଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନ ପ୍ରାଙ୍ଗଣରେ ସଫେଇ କାର୍ଯ୍ୟ ସମ୍ପାଦନ କରାଯାଇଅଛି । ଶିକ୍ଷକ ସହାୟିକା ସୁଶ୍ରୀ ସୁଚେସ୍ମା ମଦ୍ଦୁଆଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭିଜିଲାନ୍ସ ଜାଲରେ ବେତନଟୀ ଆର୍ ଆଣ୍ଡ ବି ସହକାରୀ ନିର୍ବାହୀ ଯନ୍ତ୍ରୀ

# ୧୦ ଜାଗାରେ ଚଢ଼ାଉ, କୋଟି କୋଟି ଟଙ୍କାର ସମ୍ପତ୍ତି ଜବତ



ବେତନଟୀ ,(ସବ୍ୟୁ): ଭିଜିଲାନ୍ସ ଜାଲରେ ପୁଣି ଜଣେ ସରକାରୀ ଅଧିକାରୀ । ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାରିପଦା ଭିଜିଲାନ୍ସ ପୂର୍ତ୍ତ ବିଭାଗ (ଆର ଏଣ୍ଡ ବି) ଡିଭିଜନ ଅଧୀନ ବେତନଟୀ ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତିଙ୍କ ଘରେ ସୋମବାର ସେମାନେ ସକାଳ ଠାରୁ ଦୀର୍ଘ ସମୟ ଧରି ଭିଜିଲାନ୍ସ ଚଢ଼ାଉ । ବାରିପଦା ସ୍ପେଶାଲ ଭିଜିଲାନ୍ସ ଜଜଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ୫ ଜଣ ଡିଏସପି, ୮ ଜଣ ଇନ୍‌ସପେକ୍ଟର ଏବଂ ଅନ୍ୟ କର୍ମଚାରୀଙ୍କ ନେତୃତ୍ୱରେ ଅରବିନ୍ଦ ମହାନ୍ତିଙ୍କ ବାସଭବନ ଓ କାର୍ଯ୍ୟାଳୟ ସମେତ ବାଲେଶ୍ୱର, ଖୋର୍ଦ୍ଧା ଓ ମୟୂରଭଞ୍ଜ ଜିଲ୍ଲାର ୧୦ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ବାଲେଶ୍ୱର ସହରରେ ୨୦ ଟି ଉଚ୍ଚ ମୂଲ୍ୟର ଜମି ପ୍ଲଟ, ଦୁଇଟି ବହୁତଳ ଆବାସିକ ଘର, ଏକ ବିସ୍ତୃତ ପାଞ୍ଚ ଏକର ଫାର୍ମହାଉସ ଏବଂ ଏପର୍ଯ୍ୟନ୍ତ ମୋଟ ୮ ଲକ୍ଷ ୭ ହଜାର ୫୫୧ ଟଙ୍କା ନଗଦ ଠାବ କରାଯାଇଛି। ଏଥିରୁ ତାଙ୍କ ବାସଭବନରୁ ୨ ଲକ୍ଷ ୭୭ ହଜାର ଟଙ୍କା ଏବଂ ବାଲେଶ୍ୱରର ଆକ୍ସିସ ବ୍ୟାଙ୍କ ଓ ବ୍ୟାଙ୍କ ଅଫ ଇଣ୍ଡିଆର ଦୁଇଟି ଲକରରୁ ୫ ଲକ୍ଷ ୩୦ ହଜାର ୫୫୧ ଟଙ୍କା ଜବତ ହୋଇଛି। ଏହା ସହ ପୁରା ପୁରା ସୁନା ସହିତ ବିଭିନ୍ନ ବୋଉଳନ ସମ୍ପତ୍ତି ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି । ସୂଚନା ମୁତାବକ ସୋମବାର ଦିନ ନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତିଙ୍କ ସହ ଜଡିତ ସମ୍ପତ୍ତି ଉପରେ ଏକକାଳୀନ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଆର ଆଣ୍ଡ ବି ସବ-ଡିଭିଜନରେ ନିଯୁକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତିଙ୍କ ବିରୁଦ୍ଧରେ ଚାଲିଥିବା ଦୁର୍ନୀତି ବିରୋଧୀ ଅଭିଯାନ ତାଙ୍କ ଜ୍ଞାତ ଆୟ ଉତ୍ସଠାରୁ ବହୁ ଅଧିକ ସମ୍ପତ୍ତି ସଂଗ୍ରହ କରିବାର ଅଭିଯୋଗ ପରେ ଚଢ଼ାଉ କରାଯାଇଥିଲା । ଅରବିନ୍ଦ ବାସଭବନ ଓ କାର୍ଯ୍ୟାଳୟ ସମେତ ବାଲେଶ୍ୱର, ଖୋର୍ଦ୍ଧା ଓ ମୟୂରଭଞ୍ଜ ଜିଲ୍ଲାର ୧୦ଟି ସ୍ଥାନ ଗୁଡ଼ିକ ଅର୍ଥାତ ବାଲେଶ୍ୱର ଅଙ୍ଗାରଗଡ଼ିଆସ୍ଥିତ ୩ ମହଲା ବିଶିଷ୍ଟ ଆବାସିକ ଭବନ , ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତାରେ ଥିବା ୨ ମହଲା କୋଠା , ମୟୂରଭଞ୍ଜ ଜିଲ୍ଲା ବେତନଟୀସ୍ଥିତ କାର୍ଯ୍ୟାଳୟ , ବେତନଟୀରେ ଥିବା ତାଙ୍କ ସରକାରୀ ବାସଭବନ, ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅନ୍ତର୍ଗତ ରାୟଣ ରାମଚନ୍ଦ୍ରପୁରସ୍ଥିତ ପୈତୃକ ଘର , ବାଲେଶ୍ୱର ବସନ୍ତପୁରସ୍ଥିତ ଫାର୍ମ ହାଉସ , ବାଲେଶ୍ୱର ବାମପଦାସ୍ଥିତ ଅନ୍ୟ ଏକ ଘର , ବାଲେଶ୍ୱର ଅଙ୍ଗାରଗଡ଼ିଆସ୍ଥିତ ଜଣେ ଘନିଷ୍ଠ ସହଯୋଗୀଙ୍କ ବାସଭବନ, ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗାସ୍ଥିତ ଅନ୍ୟ ଜଣେ ସହଯୋଗୀ ତଥା କଣ୍ଟ୍ରାକ୍ଟରଙ୍କ ଘର, ବାଲେଶ୍ୱର ବାମପଦାରେ ଥିବା ଅନ୍ୟ ଜଣେ ସହଯୋଗୀଙ୍କ ବାସଭବନ ରେ ଏକକାଳୀନ ଚଢ଼ାଉ କରାଯାଇଥିଲା । ଚଢ଼ାଉରେ ଅଚଳ ସମ୍ପତ୍ତି ମଧ୍ୟରେ ବାଲେଶ୍ୱର ଜିଲ୍ଲା ଅଧୀନର ଅଙ୍ଗାରଗଡ଼ିଆରେ ଏକ ୩୫୦୦ ବର୍ଗଫୁଟ ତିନି ମହଲା ବାସଭବନ, ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଠାରେ ଏକ ୧୮୦୦ ବର୍ଗଫୁଟ ଦୁଇ ମହଲା ଘର, ଜଳେଶ୍ୱରର ରାୟଣ-ରାମଚନ୍ଦ୍ରପୁରରେ ତାଙ୍କ ପୈତୃକ ବାସସ୍ଥାନ ଏବଂ ବାଲେଶ୍ୱର ଜିଲ୍ଲାର ବସନ୍ତପୁର ଠାରେ ଦୁଇଟି ମାଛ ପୋଖରୀ ଏବଂ କୁକୁଡ଼ା ଫାର୍ମ ସହିତ ପାଞ୍ଚ ଏକର ବିଶିଷ୍ଟ ଏକ ଫାର୍ମ ଇଷ୍ଟେଟ ଅନ୍ତର୍ଭୁକ୍ତ ଥିଲା । ଏହା ସହ ଏକ ବ୍ରେଜା ଚାରି ଚକିଆ ଗାଡ଼ି, ଦୁଇଟି ଦୁଇ ଚକିଆ ଗାଡ଼ି ମଧ୍ୟ ଜବତ କରିଛନ୍ତି ଏବଂ ଦୁଇଟି ବ୍ୟାଙ୍କ ଲକର ଚିହ୍ନଟ କରିଛନ୍ତି । ଗୋଟିଏ ତାଙ୍କ ପତ୍ନୀଙ୍କ ନାମରେ ଏବଂ ଅନ୍ୟଟି ଜଣେ ସହଯୋଗୀଙ୍କ ନାମରେ ପଞ୍ଜିକୃତ ଥିବାର ଜଣାଯାଇଛି । ଭିଜିଲାନ୍ସ ବିଭାଗ ଦ୍ୱାରା କୋଠା ଏବଂ ଜମି ପ୍ଲଟର ମୂଲ୍ୟାଙ୍କନ ଚାଲିଥିବା ବେଳେ ଅତିରିକ୍ତ ବ୍ୟାଙ୍କ ଜମା ଏବଂ ଆର୍ଥିକ ନିବେଶକୁ ମଧ୍ୟ ଅଧିକାରୀମାନେ ତନ୍ତ ପରିଚରକ୍ଷଣ କରିଥିବାର ଜଣାଯାଇଛି । ବର୍ତ୍ତମାନ ସ୍ଥାବର-ଅସ୍ଥାବର ସମ୍ପତ୍ତିର ଆକଳନ କରା ଚାଲିଛି । ଆସନ୍ତା କାଲି ମୋଟ ସମ୍ପତ୍ତିର ପରିମାଣ ସ୍ପଷ୍ଟ ହେବ ବୋଲି ଭିଜିଲାନ୍ସ ବିଭାଗ ସୂତ୍ରରୁ ପ୍ରକାଶ ପାଇଛି । ଖବର ମୁତାବକ ୪ ଅଗଷ୍ଟ ୧୯୯୭ରେ ଅରବିନ୍ଦ ମହାନ୍ତି ବେତନଟୀ ବ୍ଲକରେ ଜଣେ ଜନିଅର ଇଞ୍ଜିନିୟର ଭାବରେ ମାସିକ ଅଳ୍ପ ଦରମା ସହିତ ସରକାରୀ ଚାକିରିରେ ପ୍ରବେଶ କରିଥିଲେ। ପ୍ରାୟ ତିନି ଦଶନ୍ଧି ଧରି ସେ ରାଜ୍ୟବ୍ୟାପୀ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଜାନୁଆରୀ ୨୦୨୫ରେ ପୁଣି ବେତନଟୀ ପୂର୍ତ୍ତ ବିଭାଗ କୁ ଫେରି ଆସିଥିଲେ। ଶ୍ରୀ ମହାନ୍ତିଙ୍କୁ ୨୯ ସେପ୍ଟେମ୍ବର ୨୦୨୬ରେ ନିର୍ବାହୀ ଇଞ୍ଜିନିୟର ପଦବୀରେ ପଦୋନ୍ନତି ହୋଇଥିବାର ଜଣାଯାଇଛି ।

# ବାସୁଦେବପୁର ବ୍ଲକରେ ସିରିଜ୍ ମନ୍ଦିର ଚୋରି

ବାସୁଦେବପୁର,(ସବ୍ୟୁ) :ବାସୁଦେବପୁର ବ୍ଲକର ପୃଥକ ପୃଥକ ତିନୋଟି ସ୍ଥାନରେ ମନ୍ଦିର ମଧ୍ୟରୁ ହୁଣ୍ଡି ବାକ୍ସ ଓ ଅଳଙ୍କାର ଲୁଟ ହୋଇଥିବାରୁ ବାସୁଦେବପୁର ଥାନାର ଲିଖିତ ଅଭିଯୋଗ ହୋଇଛି। ବାସୁଦେବପୁର ଥାନା ଅନ୍ତର୍ଗତ ପଡୁଆଁ ପଂଚାୟତର ପ୍ରସିଦ୍ଧ ଶିବମନ୍ଦିର,ବାବା କ୍ଷୀରଶ୍ୱର ମନ୍ଦିର ତାଲା ଭାଙ୍ଗି ଦୁର୍ବୃତ୍ତ ଲୁଟ କରିଛନ୍ତି। ମନ୍ଦିର ମଝି ଦ୍ୱାରରେ ଦୁଇଟି ହୁଣ୍ଡି ବାକ୍ସ ଭାଙ୍ଗି ଦାନ ଅର୍ଥ ଲୁଟ କରିଥିଲେ। ପୋଲିସ ପେଟ୍ରୋଲିଂ ସମୟରେ ବିଳମ୍ବିତ ରାତିରେ ରାସ୍ତାର ଜଣେ ଲୋକକୁ ଦେଖି ସନ୍ଦେହ କରିଥିଲେ। ପଚରାଉଚରା ପରେ ସତକଥା ମାନିଥିଲା ଦୁର୍ବୃତ୍ତ ସେହିପରି ପଡୁଆଁ ତ୍ରିନାଥ ମନ୍ଦିର ତାଲା ଭାଙ୍ଗି ହୁଣ୍ଡିରୁ ଦାନ ଅର୍ଥ ଲୁଟ କରିଛନ୍ତି। ସେହିପରି ଆର୍ଡୁଙ୍ଗ ପଂଚାୟତର ଅମାଜିଆ ଗ୍ରାମର ସର୍ବମଙ୍ଗଳା ମନ୍ଦିର ତାଲା ଭାଙ୍ଗି ଅଳଙ୍କାର ସହିତ ହୁଣ୍ଡି ବାକ୍ସ ଭାଙ୍ଗି ଲୁଟ କରିଛନ୍ତି। ଗୋଟିଏ ରାତ୍ରିର ଦୁର୍ବୃତ୍ତ ତିନୋଟି ମନ୍ଦିର ସିରିଜ୍ ଚୋରୀ କରିଛନ୍ତି। ଏସମ୍ପର୍କରେ ବାସୁଦେବପୁର ଥାନାର ତିନୋଟି ପୃଥକ ପୃଥକ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ବାସୁଦେବପୁର ପୋଲିସ ଛାନଭିନ ଆରମ୍ଭ କରିଛି।

# ଦୁଇ ଗୋଷ୍ଠୀ ବିବାଦ

# ମଙ୍ଗଳପୁର ଛକରେ ଉତ୍ତେଜନା

ଅସୁରାଳି, (ସବ୍ୟୁ) :ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥର ମଙ୍ଗଳପୁର ଛକରେ ଦୁଇ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ବିବାଦ ଯୋଗୁଁ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜନା ଗଣ୍ଡଗୋଳର ରୂପ ଧାରଣ କରିଥିଲା ଏବଂ ଏଥିରେ ଦୋକାନ ଭଙ୍ଗାରୁଜା ସହ ଜଣକୁ ବ୍ଲେଡ଼ରେ ଆକ୍ରମଣ କରାଯାଇଥିବା ଭଳି ଘଟଣା ଘଟିଥିବା ଜଣାଯାଇଛି। କିଛି ଦିନ ତଳେ କେତେକ ଯୁବକ ନିକଟସ୍ଥ ମଙ୍ଗଳପୁର ଛକରେ ମଦ୍ୟପାନ କରୁଥିବାବେଳେ ସ୍ଥାନୀୟ ଗ୍ରାମର ଯୁବକମାନେ ଏହାକୁ ବାରଣ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରବିବାର ଦିନ ତିନି ଚାରିଜଣ ଯୁବକ ମଙ୍ଗଳପୁର ଛକରେ ପହଂଚି ସେଦିନ ଘଟଣା ବେଳେ କିଏ ସେମାନଙ୍କ ସାଥୀରେ ଥିବା ଯୁବକଙ୍କୁ ମାଡ଼ ମାରିଥିଲେ ବୋଲି ଜଣେ ଦୋକାନୀଙ୍କୁ ପଚାରିଥିଲେ। ନିର୍ଦ୍ଦିଷ୍ଟ ଭାବେ କିଏ ମାଡ ମାରିଛି ସେ ବିଷୟରେ କିଛି ଜାଣି ନଥିବା ଦୋକାନରେ ଥିବା ଯୁବକ କହିଥିଲେ। ଏହାକୁ ନେଇ ଉଭୟ ଯୁବକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଯୁବକମାନେ ଦୋକାନ ଭିତରକୁ ପଶି ଯୁବକଙ୍କୁ ଆକ୍ରମଣ କରିବା ସହ ତାଙ୍କ ଶରୀରକୁ ବ୍ଲେଡ଼ ମାରିଥିଲେ। ଏହି ଘଟଣା ଜଣାପଡିବା ପରେ ସ୍ଥାନୀୟ ଲୋକମାନେ ଆକ୍ରମଣ କରିଥିବା ଯୁବକମାନଙ୍କୁ ବିରୋଧ କରିଥିଲେ ଏବଂ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇ ଯାଇଥିଲା। ମଙ୍ଗଳପୁର ଛକ କିଛି ସମୟ ପାଇଁ ଅଶାନ୍ତ ହୋଇ ପଡ଼ିଥିଲା। କୌଣସି ସୂତ୍ରରୁ ଖବରପାଇ ଧୂଷୁରୀ ଥାନା ପୁଲିସ ପହଂଚି ଘଉଡାଇବା ଯୋଗୁଁ ଏକ ଉତ୍ତେଜନା ଓ ଗଣ୍ଡଗୋଳ ଥମି ଯାଇଥିଲା। ଦିନକୁ ଦିନ କେତେକ ଯୁବକ ବିଭିନ୍ନ ସ୍ଥାନରେ ପହଂଚି ବିବାଦ ସୃଷ୍ଟି କରୁଥିବାବେଳେ ସେମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର

ଆନନ୍ଦପୁର,,(ସବ୍ୟୁ): ଛତୁ ତୋଳିବାକୁ ଯାଇଥିବାବେଳେ ମହିଳା ଭାଲୁ ଆକ୍ରମଣରେ ଗୁରତର ହୋଇଛନ୍ତି । ଚିକିତ୍ସା ପାଇଁ ପ୍ରଥମେ ତାଙ୍କୁ ଆନନ୍ଦପୁର ମେଡିକାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଆନନ୍ଦପୁର ଉପଖଣ୍ଡ ଦେଓଗାଁ ରେଞ୍ଜ ଧୋବାଲାହୁଡି ଗାଁର ସମ୍ବରୀ କୁଲାଡ଼ୀ ନାମକ ମହିଳା ଅନ୍ୟ ମହିଳାଙ୍କ ସହିତ ମିଶି ଗାଁ ନିକଟସ୍ଥ ଜଙ୍ଗଲକୁ ରବିବାର ସକାଳୁ ଛତୁ ତୋଳି ଯାଇଥିଲେ। ଫେରିବା ବାଟରେ ସେମାନେ ଭାଲୁ ହାବୁଡ଼ରେ ପଡ଼ିଥିଲେ। ଅନ୍ୟ ମହିଳା ଦୌଡ଼ି ପଳାଇ ଆସିଥିବା ବେଳେ ସମ୍ବରୀଙ୍କୁ ଭାଲୁ ଆକ୍ରମଣ କରି ଲହୁଲୁହାଣ କରିଥିଲା। ଭାଲୁ ଆକ୍ରମଣରେ ସମ୍ବରୀଙ୍କ ଦେହ ସାରା କ୍ଷତାକ୍ତ ହୋଇଥିବାବେଳେ ଗୋଟିଏ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଆନନ୍ଦପୁର ମେଡିକାଲରେ ତାଙ୍କର ଆଶୁ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଥିବା ପୁଅ ବୁଦ୍ଧିରାମ କୁଲାଡ଼ି କହିଛନ୍ତି।

# ବେତନଟୀ ରେଞ୍ଜକୁ ପଶିଲେ ୪୫ ଟିକିଆ ଝାଡ଼ଖଣ୍ଡୀ ହାତୀପଲ



ବେତନଟୀ ,(ସବ୍ୟୁ) : କିଛି ମାସର ବ୍ୟବଧାନ ପରେ ପୁର୍ଣ ବେତନଟୀ ରେଞ୍ଜକୁ ପଶିଲେ ୪୫ ଟିକିଆ ଝାଡ଼ଖଣ୍ଡୀ ହାତୀପଲ। ଧାନ ପାଚିବା ସମୟରେ ମୟୂରଭଞ୍ଜ ଜିଲ୍ଲାର ଦେଉଳୀ, ରାସଗୋବିନ୍ଦପୁର ରେଞ୍ଜ ଅତିକ୍ରମ କରିବାପରେ ବେତନଟୀ ରେଞ୍ଜ ଇଲାକାରେ ସବାଧିକ ସମୟ ଧରି ବିଚରଣ କରୁଥିବା ଝାଡ଼ଖଣ୍ଡୀ ହାତୀପଲ ସର୍ବାଧିକ କ୍ଷୟକ୍ଷତି ଘଟାଉଛନ୍ତି । ଓଡ଼ିଶା ଅନୁପ୍ରବେଶ କରି ରାସଗୋବିନ୍ଦପୁର ରେଞ୍ଜ ଇଲାକାରେ ବିଚରଣ କରୁଥିବା ୪୫ ଟିକିଆ ଖଡଖଣ୍ଡୀ ହାତୀପଲ ରବିବାର ସନ୍ଧ୍ୟାରେ ଦାନ୍ତିଆମୁହାଁ - ଚିତ୍ରଡ଼ା ରାସ୍ତା ଅତିକ୍ରମ କରି ବେତନଟୀ ରେଞ୍ଜ ତଥା ଥାନା ଅଧୀନ ଅଶନବଣି ଜଙ୍ଗଲରେ ପ୍ରବେଶ କରିଥିଲେ। ସୋମବାର ରାତି ୮ ଟାରେ ଏହି ହାତୀପଲ ଯୁଗୋଳ ଜଙ୍ଗଲରୁ ୧୮ ନଂ ଜାତୀୟ ରାଜପଥ ପାରି ହୋଇ ହାତୀଝୁରୀ ଜଙ୍ଗଲ ଦେଇ କ୍ଷୀରପଦା , ନଡ଼ପୁର , ଦଲକି ଜଙ୍ଗଲରେ ବିଚରଣ କରୁଥିବାର ବନ ବିଭାଗ ପ୍ରକାଶ କରିଛି । ଏହି ୪୫ ଟିକିଆ ଝାଡ଼ଖଣ୍ଡୀ ହାତୀପଲରେ କିଛି ଛୁଆହାତୀ ଥିବାରୁ ମା' ହାତୀମାନେ ଅଧିକ ଆକ୍ରମଣାତ୍ମକ ଆଚରଣ କରୁଥିବା ବେଳେ ଆଗକୁ ଅଗ୍ରଗତି କରିବାର ଗତି ମଧ୍ୟ ଧିମେଇ ଯାଇଛି । ବଣୁଆ ହାତୀପଲ ଜନିତ ସମ୍ଭାବ୍ୟ କ୍ଷୟକ୍ଷତି ଆଶଙ୍କାରେ ଚାଷୀମାନଙ୍କ ଛାତିରେ ଛନକା ପଶିଯାଇଛି। ଅନ୍ୟପଟେ ଏକସଙ୍ଗେ ୪୫ ଟିକିଆ ଝାଡ଼ଖଣ୍ଡୀ ଏକସଙ୍ଗେ ବିଚରଣ କରୁଥିବାରୁ ହାତୀ ମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ବନ ବିଭାଗ। ବେତନଟୀ ରେଞ୍ଜର ଜ୍ୟୋତିରଞ୍ଜନ ସେନାପତିଙ୍କ ସମେତ ସମସ୍ତ ବନପାଳ, ବନରକ୍ଷୀ ଏବଂ ପାରା ବନକର୍ମଚାରୀଙ୍କ ସହିତ ଯୋଜନାବଦ୍ଧ ଭାବେ ହାତୀପଲ ଗତିବିଧିର ଅନୁଧାନ କରୁଛନ୍ତି ।

# ଦୋକାନରୁ ୩୦ ହଜାର ଲୁଟ୍

ଆନନ୍ଦପୁର ,(ସବ୍ୟୁ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡରେ ଲୁଟେରାଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଭଳିସ୍ଥିତିରେ ଛେନାପଦି ଛକରେ ଥିବା ଏକ ଦୋକାନକୁ ଜଣେ ଯୁବତୀ, ଯୁବକ ଛାଡି ଯାଇଥିବା ମନିପର୍ସ ଖୋଜିବାକୁ ଆସି ୩୦ହଜାର ଟଙ୍କା ଲୁଟି ନେଇଥିବା ନନ୍ଦିପଦା ଥାନାରେ ଏକ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୩୭୩ /୨୦୨୬) ରୁଜୁ କରିଛି।ପୋଲିସ ଦୋକାନର ସିସିଟିଭି ଯାଞ୍ଚ କରି ଲୁଟେରାଙ୍କ ସମ୍ପର୍କରେ ସୂଚନା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି । ଅଭିଯୋଗ ଅନୁସାରେ ରବିବାର ରାତି ପ୍ରାୟ ୧୧ଟା ବେଳେ ଉଭୟ ଯୁବତୀ ଏବଂ ଯୁବକ ଛେନାପଦି ଛକରେ ଥିବା ଯୁଧିଷ୍ଠିର ସାହୁଙ୍କ ବେକେରୀ ଦୋକାନକୁ ଆସି ପିଜା କିଣିଥିଲେ। ପିଜା ନେଇ ଯିବାର କିଛି ସମୟ ପରେ ଦୋକାକୁ ପୁଣି ଆସି ମନିପର୍ସ ଛାଡି ଯାଇଥିବା କହି ଖୋଜା ଖୋଜି କରିଥିଲେ। ସେତିକିବେଳେ କୌଶଳ କ୍ରମେ ଯୁବତୀ, ଯୁବକ ଦୋକାନରୁ ୩୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ସମସ୍ତ ଘଟଣା ସିସିଟିଭିରେ କଏଦ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

# ଶିବମନ୍ଦିରରୁ ଘଣ୍ଟ ଖୋଲିନେଲେ ଦୁର୍ବୃତ୍ତ

ନୀଳଗିରି, (ସବ୍ୟୁ) : ଲୋକମାନଙ୍କ ମଧ୍ୟରେ ଧର୍ମୀୟ ଭାବନା ବଢ଼ିଚାଲିଥିଲା ବେଳେ ଭକ୍ତମାନେ ମୁକ୍ତହସ୍ତରେ ଦାନଧର୍ମ କରୁଛନ୍ତି। ଅନୁରୂପ ଭାବେ ଦେବୀଦେବତାଙ୍କୁ ଖୋଲା ଚାଲେଞ୍ଜଦେଇ ମନ୍ଦିରମାନଙ୍କର ହୁଣ୍ଡି, ଅଳଙ୍କାର ଲୁଟ କରିଚାଲିଛନ୍ତି ଦୁର୍ବୃତ୍ତ। ନୀଳଗିରି ଅଞ୍ଚଳର ବିଭିନ୍ନ ମଠ ମନ୍ଦିରରେ ଚୋରି ବଢ଼ିଚାଲିଥିଲା ବେଳେ ନରଣପୁର ପଞ୍ଚାୟତ ଟୋକିପଦା ଗ୍ରାମରେ ବାବା ବୈଷ୍ଣବଶ୍ୱର୍ ଏବଂ ବୈଷ୍ଣଦେବୀ ମନ୍ଦିର ଅବସ୍ଥିତ। ଗତ ରବିବାର ରାତିରେ କୌଣସି ଦୁର୍ବୃତ୍ତ ବାବା ବୈଷ୍ଣବଶ୍ୱର୍ ମନ୍ଦିରରେ ଝୁଲୁଥିବା ୩ଗୋଟି ଘଣ୍ଟକୁ ନେଇଯାଇଥିଲେ। ସକାଳେ ପୂଜକ ମନ୍ଦିରର ଘଣ୍ଟ ଚୋରି ହୋଇଯାଇଥିବା ଦେଖି ଗ୍ରାମବାସୀଙ୍କୁ ଖବରଦେବା ପରେ ଗ୍ରାମବାସୀଙ୍କ ତରଫରୁ ବରହମପୁର ପୋଲିସରେ ଖବରଦେବା ସହ ପୋଲିସ ପେଟ୍ରୋଲିଂ କରାଯିବାକୁ ଦାବି କରିଛନ୍ତି।

# ଘରେ କଳାକନା ବୁଲାଇଲେ ଟାଇଲ ମିସ୍ତ୍ରୀ

କେନ୍ଦୁଝର, (ଜିପ୍ର): ଘରେ କେହି ନ ଥିବାର ସୁଯୋଗ ନେଇ ତାଲା ଭାଙ୍ଗି ନଗଦ ଟଙ୍କା ସହ ସୁନା ଏବଂ ରୁପା ଅଳଙ୍କାର ଚୋରି ଘଟଣାରେ ଘସିପୁରା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପରେ ପୋଲିସ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରଛି। ଏନେଇ ଘସିପୁରା ଥାନାରେ ଏକ ମାମଲା(ନଂ. ୪୧୭/୨୬) ରୁଜୁ ହୋଇଛି। କେନ୍ଦୁଝର ଜିଲା ଘସିପୁରା ଥାନା ଅଧୀନ କଥାପାଳ ଗ୍ରାମର ଯଦୁମଣି ଜେନା(୫୧) ସ୍ତ୍ରୀଙ୍କ ସହ ଗତ ୩ ତାରିଖ ସକାଳ ପ୍ରାୟ ୧୦ଟାରେ ଘରେ ତାଲା ପକାଇ ସ୍କୁଲ ଯାଇଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଉଭୟ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ଘରର ତାଲା ଭଙ୍ଗା ଥିବା ଦେଖି ଘର ଭିତରକୁ ଯାଞ୍ଚ କରିବା ପରେ ଘରୁ ନଗଦ ପ୍ରାୟ ୧ ଲକ୍ଷ ଟଙ୍କା ସହ କିଛି ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଯଦୁମଣି ଘଟଣା ସମ୍ପର୍କରେ ଘସିପୁରା ଥାନାରେ ଅଭିଯୋଗ କରିଥିଲେ।ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସଚୋରି ଘଟଣାରେ ସମ୍ପୃକ୍ତ ଥିବା ୨ଜଣଙ୍କୁ ଚିହ୍ନଟ କରି ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲା ବେଲଡାଙ୍ଗା ଥାନା ଜନକୀନଗର ଗ୍ରାମର ଆମିର ହୁସେନଙ୍କ ପୁଅ ମହମ୍ମଦ ଜାମିର ହୁସେନ(୩୪) ଏବଂ ମୁର୍ଶିଦାବାଦ ଜିଲା ଜଙ୍ଗିପୁର ଥାନା ନୟାଚକପଡ଼ା ଗ୍ରାମର ଲଖୁ ଏସ୍କେଙ୍କ ପୁଅ ସାକିରୁଲ ଏସ୍କେ(୩୨)।ପୋଲିସ ତଦନ୍ତରୁ ସୂଚନା ମୁତାବକ, ଗିରଫ ଦୁଇ ଅଭିଯୁକ୍ତ ଗତ ଜୁନ ଏବଂ ଜୁଲାଇ ମାସରେ ଯଦୁମଣିଙ୍କ ଘରେ ଟାଇଲ କାମରେ ନିୟୋଜିତ ଥିଲେ। ଏନେଇ ଅଭିଯୁକ୍ତ ଦ୍ୱୟ ଘରେ ରଖାଯାଉଥିବା ଟଙ୍କା, ଅଳଙ୍କାର ସମ୍ପର୍କରେ ଜାଣିବାକୁ ପାଇଥିଲେ। ଘରମାଲିକ ଓ ତାଙ୍କ ସ୍ତ୍ରୀ ସ୍କୁଲକୁ ଯାଇଥିବା ସୁଯୋଗ ନେଇ ଅଭିଯୁକ୍ତ ଦ୍ୱୟ ଘରେ ପଶି ଚୋରି କରିଥିବା ଜଣାପଡିଛି। ଘଟଣାରେ ଆହୁରି କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ଚୋରି ହୋଇଥିବା ନଗଦ ଟଙ୍କା ଓ ସୁନା, ରୁପା ଅଳଙ୍କାର ଉଦ୍ଧାର କରିବା ନେଇ ପୋଲିସ ତଦନ୍ତ ଜାରି ରଖିଛି।

# ମାମୁ ଆଖିଆଗରେ ଭଣଜାର ମୃତ୍ୟୁ

ନୀଳଗିରି ,(ସବ୍ୟୁ) : ମାମୁଁ ସହ ନଦୀକୁ ଗାଧୋଇବାକୁ ଯାଇଥିବା ଭଣଜା ମାମୁଁ ଆଖିଆଗରେ ନଦୀପାଣିରେ ବୁଡ଼ିଯାଇ ପ୍ରାଣ ହରାଇଲା। ଏଭଳି ଅଘଟଣ ଦେଖିବାକୁ ମିଳିଛି ନୀଳଗିରି ଥାନା ଅଧିନସ୍ଥ କାଂଶ ଗ୍ରାମରେ। ସୂଚନା ମୁତାବକ ମୟୂରଭଞ୍ଜ ଜିଲ୍ଲା ଜୟପୁର ନିକଟବର୍ତ୍ତୀ ଅସ୍ତିଆ ଗ୍ରାମର ଟୁକୁନା ପାତ୍ରଙ୍କ ପୁଅ ରାଜେଶ ପାତ୍ର (୧୬) ପିଲାବେଳୁ ମାମୁଁଘର ନୀଳଗିରି ବ୍ଲକ୍ କାଂଶ ଗ୍ରାମରେ ରହି ଆସୁଥିଲେ। ରବିବାର ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏରେ ନିକଟସ୍ଥ ସୋନନଦୀକୁ ମାମୁଁ ଚିନ୍ମୟ ପାତ୍ରଙ୍କ ସହିତ ଗାଧୋଇବା ପାଇଁ ଯାଇଥିବା ବେଳେ ହଠାତ ମାମୁଁ ଓ ଭଣଜା ନଦୀର ଭଉଁରୀରେ ପଡ଼ିଯିବା କାରଣରୁ ଉଭୟେ ବୁଡ଼ିଯାଇଥିଲେ। ତେବେ ନିକଟରେ ମାଛଧରୁଥିବା କିଛି ଲୋକ ଏକ ବାଉଁଶକଣୀ ସାହାଯ୍ୟରେ ମାମୁଁ ଚିନ୍ମୟକୁ ଉଦ୍ଧାର କରିଥିବା ବେଳେ ଭଣଜା ନଦୀପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକ ଅଗ୍ନିଶମବାହିନୀକୁ ଖବର ଦେବା ପରେ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ମୃତଦେହ ଉଦ୍ଧାର କରିଥିଲେ। ପରେ ମୃତଦେହ ବାଲେଶ୍ୱର ମୁଖ୍ୟ ହସ୍ପିଟାଲକୁ ନିଆଯାଇଥିଲା।

# ଡାକ୍ତରଖାନାରେ ୨୪ ଘଣ୍ଟା ଉର୍ଦ୍ଧ୍ୱ ସମୟ ପଡିରହିଛି ଶବ

ଠାକୁରମୁଣ୍ଡା,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ହେଲାଣି ଜଣେ ବ୍ୟକ୍ତିଙ୍କ ଶବ ପଡ଼ି ରହିଛି । ମୃତକ ଜଣକ ହେଲେ ଶାମ ମାର୍ଣ୍ଡି (୪୦) ଘର ବହଳଦାର ତେନ୍ତଲା ଗ୍ରାମରେ । ରବିବାର ଅପରାହ୍ନ୨ଟାରେ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଡମିଶନ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାବେଳକୁ ପରିସ୍ରା ପାଇଁ ବେଡ଼ରୁ ଉଠି ବାଥ ରୁମ ନଯାଇ ରାମ୍ପରେ ତଳକୁ ଯାଉଥିବା ବେଳେ ଖସି ପଡିଥିଲେ । ସ୍ତ୍ରୀ ଏବଂ ସିକ୍ୟୁରିଟି ମିଶି ଟେକି ନେଇଥିଲେ ବେଡ଼କୁ । ସ୍ତ୍ରୀ ଶାମକୁ ପାଣି ପିଇବାକୁ ଦେଇଥିଲା ।ପରେ ସନ୍ଧ୍ୟା ୫ ଟା ରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ସୋମବାର ସକାଳୁ ସ୍ତ୍ରୀ ସୁଶୀଳା ମାର୍ଣ୍ଡି ନିଜ ଛୁଆକୁ ଧରି ଡାକ୍ତରଖାନାରୁ ଫେରାର ହୋଇଯାଇଥିବା କୁହାଯାଉଛି। ଫଳରେ ଶବ ସେମିତି ପଡ଼ି ରହିଛି।ଏତେ ସମୟ ବିତିଯାଇଥିଲେ ମଧ୍ୟ ଥାନା, ପ୍ରଶାସନ କିମ୍ବା ମେଡିକାଲ କର୍ତ୍ତୃପକ୍ଷ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା କିମ୍ବା ପରିବାର ଲୋକଙ୍କୁ ଖୋଜି ବାହାର କରିବାରେ ବିଫଳ ହୋଇଛନ୍ତି। ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଠାକୁରମୁଣ୍ଡା ଥାନାକୁ ୪ ଥର ଖାତା ନେଇ ସିକ୍ୟୁରିଟି ଯାଇଥିଲେ ମଧ୍ୟ ଠାକୁରମୁଣ୍ଡା ଥାନାରୁ ସହଯୋଗ ମିଳିନଥିଲା । ପରେ ମହୁଲଡିହା ଥାନାକୁ ଅବଗତ କରିବା ପରେ ମହୁଲଡିହା ଥାନା ପକ୍ଷରୁ ଡାକ୍ତରଖାନା ଆସି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଶାମର ପରିବାର ସନ୍ଧାନ ମିଳିଛି । ଘର ଲୋକ ମଙ୍ଗଳବାର ଦିନ ଆସି ପହଞ୍ଚିବେ ବୋଲି ମହୁଲଡିହା ପୋଲିସ ସୂଚନା ଦେଇଛି ।

# ଏଫ୍ଏମ୍ ବିଶ୍ୱବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



ବାଲେଶ୍ୱର,(ସବ୍ୟୁ) :ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟରେ ନବାଗ୍ନ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟର ଶିକ୍ଷା ପରିବେଶ, ଛାତ୍ର ସହାୟତା ବ୍ୟବସ୍ଥା, ପରିସର ଜୀବନ ତଥା ବ୍ୟକ୍ତିଗତ ଓ ବୃତ୍ତିଗତ ବିକାଶର ବିଭିନ୍ନ ସୁଯୋଗ ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ଦୁଇଦିନିଆ ବିଶ୍ୱବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଅଛି। ଶ୍ରେଣୀଗୃହ ଶିକ୍ଷା ସହିତ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇ ଏକ ସୁସମ ଶିକ୍ଷା ପରିବେଶ ଗଠନ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ବୋଲି କାର୍ଯ୍ୟକ୍ରମରେ ପ୍ରକାଶିତ ହୋଇଛି। ଉଚ୍ଚଶିକ୍ଷା ଓ ବ୍ୟକ୍ତିତ୍ୱ ବିକାଶର ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ: ଫକୀରମୋହନ ବିଶ୍ୱବିଦ୍ୟାଳୟ ଶୀର୍ଷକକୁ ନେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ଏବଂ କୁଳସଚିବ ତଥା ଛାତ୍ରକଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ପ୍ରଶାସନିକ ବ୍ୟବସ୍ଥା ସହିତ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସହାୟତା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଦୁଇଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମୁଖ୍ୟ, ସଂଯୋଜକ ଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ଅଧିକାରୀ ନିଜ ନିଜ ବିଭାଗ, ପ୍ରକୋଷ୍ଠ ଓ ଦାୟିତ୍ୱ ସମ୍ପର୍କରେ ନବାଗତ ଛାତ୍ରଛାତ୍ରୀଙ୍କୁ ପରିଚିତ କରାଇବେ। ୬ ତାରିଖରେ ନବାଗତ ଛାତ୍ରଛାତ୍ରୀଙ୍କ ମତାମତ ଓ ଅନୁଭୂତି ଆଦାନପ୍ରଦାନ ସହିତ ପରିଚୟ କାର୍ଯ୍ୟକ୍ରମର ଉଦ୍‌ଯାପନ ହେବ। ଏହି ପରିଚୟ କାର୍ଯ୍ୟକ୍ରମ ମାଧ୍ୟମରେ ନବାଗତ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟର ଶିକ୍ଷା ସମ୍ପଦ, ସହାୟତା ବ୍ୟବସ୍ଥା, ନିଜ ଦାୟିତ୍ୱ ଏବଂ ସାମଗ୍ରିକ ବିକାଶର ବିଭିନ୍ନ ସୁଯୋଗ ସମ୍ପର୍କରେ ସଚେତନ ହୋଇ ନିଜର ଉଚ୍ଚଶିକ୍ଷା ଯାତ୍ରା ଆରମ୍ଭ କରିବାର ସୁଯୋଗ ପାଇପାରିବେ ବୋଲି ଆଶାବ୍ୟକ୍ତ କରାଯାଇଛି।

# ଫର୍ମ-୬ରୁ ଅତିରିକ୍ତ ଘୋଷଣାନାମା ହଟାଇଲେ ଭାରତ ନିର୍ବାଚନ ଆୟୋଗ

ଭଦ୍ରକ,(ସବ୍ୟୁ): :ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ,ବର୍ତ୍ତମାନର ଭୋଟର ତାଲିକାରେ ନାମ ଉନଥିବା ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲ କରାଇବାର ସୁଯୋଗ ଅବ୍ୟାହତ ରହିଛି। ଏଥିପାଇଁ ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ। ମୁଖ୍ୟ ନିର୍ବାଚନ ଅଧିକାରୀ,ଓଡିଶାଙ୍କ ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟ କରାଯାଇଛି ଯେ,ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ ପଡ଼ିଥାଏ,ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବନାହିଁ। ସେହିପରି ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ,ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ। ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ ଫର୍ମ-୬ରୁ ହଟାଇ ଦେଇଛନ୍ତି। ଏହା ଫଳରେ ଏସଆଇଆର-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରାଇବାକୁ ଇଚ୍ଛୁକ ଯୋଗ୍ୟ ନାଗରିକମାନେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ କିମ୍ବା ଘୋଷଣାନାମା ବିନା ସାଧାରଣ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରିପାରିବେ। ଭଦ୍ରକ ଜିଲ୍ଲାରେ ମଧ୍ୟ ଯୋଗ୍ୟ ନାଗରିକମାନେ ଏହି ସୁବିଧାର ଲାଭ ନେଇପାରିବେ। ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ବ୍ୟକ୍ତିମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ଦାଖଲ କରିପାରିବେ। ତେବେ କେବଳ ଫର୍ମ-୬ଦାଖଲ କରିବା ଦ୍ୱାରା ଆବେଦନକାରୀଙ୍କ ନାମ ସ୍ୱତଃସ୍ଫୂର୍ତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବନାହିଁ। ନାମ ସାମିଲ ପୂର୍ବରୁ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଆବେଦନରେ ଦିଆଯାଇଥିବା ତଥ୍ୟର ନିର୍ଦ୍ଧାରିତ ଯାଂଚ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ। ସମ୍ପୃକ୍ତ ନିର୍ବାଚନ କର୍ତ୍ତୃପକ୍ଷ ଆବେଦନରେ ଦିଆଯାଇଥିବା ତଥ୍ୟ ଏବଂ ଆବଶ୍ୟକୀୟ ଦସ୍ତାବିଜ ଯାଂଚ କରିବା ପରେ ଆଇନ ଓ ନିର୍ଦ୍ଧାରିତ ନିୟମ ଅନୁଯାୟୀ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବେ। ଯାଂଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ ନାହିଁ। ଏଥିସହିତ,ଫର୍ମ-୬ମାଧ୍ୟମରେ ନାମ ସାମିଲ କରିବାର ସାଧାରଣ ବ୍ୟବସ୍ଥା ଅବ୍ୟାହତ ରହିଛି। ତେଣୁ ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତ୍ତମାନର ଭୋଟର ତାଲିକାରେ ନାହିଁ,ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଏବଂ ଏହାର ଶୁଦ୍ଧତା,ସ୍ୱଚ୍ଛତା ବଜାୟ ରଖିବା ସହିତ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ଭାବେ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ପ୍ରାପ୍ତ ସମସ୍ତ ଆବେଦନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଂଚ କରାଯିବ। ଭଦ୍ରକ ଜିଲ୍ଲାପାଳ ଜିଲ୍ଲାର ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତ୍ତମାନର ଭୋଟର ତାଲିକାରେ ନାହିଁ,ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ମାଧ୍ୟମରେ ଭୋଟର ଭାବେ ପଞ୍ଜୀକରଣ କରିବାକୁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ନିବେଦନ କରିଛନ୍ତି। ଆବେଦନରେ ଦିଆଯାଇଥିବା ତଥ୍ୟ ଓ ଆବଶ୍ୟକ ଦସ୍ତାବିଜ ନିର୍ଦ୍ଧାରିତ ନିୟମ ଅନୁଯାୟୀ ବିଏଲଓଙ୍କ ଦ୍ୱାରା ଘର ଘର ବୁଲି ଯାଂଚ କରାଯିବ। ଯୋଗ୍ୟ ନାଗରିକମାନେ ଏହି ସୁଯୋଗର ସଦୁପଯୋଗ କରି ନିଜ ନାମ ଭୋଟର ତାଲିକାରେ ସାମିଲ କରାଇବାକୁ ନିବେଦନ କରିଛନ୍ତି।

# ସମ୍ପାଦକୀୟ

## ମୁଦ୍ରଣ ଗଣମାଧ୍ୟମ ଉପରେ ଗୁରୁତ୍ୱ

ଗଣମାଧ୍ୟମ ଏବେ ବିଭିନ୍ନ ଭାଗରେ ବିଭକ୍ତ । ମୁଦ୍ରଣ ଗଣମାଧ୍ୟମରୁ ତଡିତ ଗଣମାଧ୍ୟମ (ରେଡିଓ ଓ ଟିଭି) ଓ ତା ପରେ ସାମାଜିକ ଗଣମାଧ୍ୟମ । ଏବର ଇଣ୍ଟରନେଟ, ଗଣମାଧ୍ୟମର ଆଧାରଶୀଳା ହୋଇଥିବା ବେଳେ, ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତା (Artificial Intelligence) ମଧ୍ୟ ଗଣମାଧ୍ୟମକୁ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ଆଶା କରାଯାଉଛି । ତଥାପି ଗଣମାଧ୍ୟମର ସ୍ୱାଧୀନତା, ସ୍ୱାବଲମ୍ବନଶୀଳତା, କାମଳ ସାମ୍ବାଦିକତା ଓ ଅର୍ଥ ଚାପରେ ପ୍ରକାଶିତ ଖବର ପ୍ରଭୃତି ଗଣମାଧ୍ୟମର ରାସ୍ତାରେ ପ୍ରତିବନ୍ଧକ ସାଜିଥିବା ଅଭିଯୋଗମାନ ହୋଇ ଆସୁଛି । ନ୍ୟାୟ ଓ ନିରପେକ୍ଷତାକୁ ଅବଲମ୍ବନ କରି ଉଭୟ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ସୁସ୍ଥ ସଂଯୋଗ ସେତୁ ସ୍ଥାପନ କରି ଆସୁଥିବା ଗଣମାଧ୍ୟମ ବେଳେ ବେଳେ କେତେକ ଅସହିଷ୍ଣୁ ଓ ଈର୍ଷାପରାୟଣ ବ୍ୟକ୍ତିବିଶେଷ ବା ଅନୁଷ୍ଠାନଙ୍କ ଦ୍ୱାରା ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବାର ଅନେକ ଦୃଷ୍ଟାନ୍ତ ରହିଛି । ତେଣୁ ଗଣମାଧ୍ୟମ ସବୁବେଳେ କିଛି ନା କିଛି ଆହ୍ୱାନର ସମ୍ମୁଖୀନ ହେଉଥିବା କଥା ମଧ୍ୟ କୁହାଯାଉଛି ।

ଏବେ ବିଭିନ୍ନ ଗଣମାଧ୍ୟମ ବ୍ୟବସାୟିକ ସଂସ୍ଥାରେ ପରିଣତ ହୋଇଥିବା ବେଳେ, ଅନେକ ଅସୁବିଧାର ମଧ୍ୟ ସମ୍ମୁଖୀନ ହୋଇଛି । ଏକଦା ମୁଦ୍ରଣ ଗଣମାଧ୍ୟମ ହିଁ ସ୍ୱାଧୀନତା ପୂର୍ବରୁ ଓ ପରେ ଭାରତରେ ବଳିଷ୍ଠ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା । ଏବେ ମଧ୍ୟ ଏହାର ମୂଲ୍ୟାୟନ କଲେ ଜଣା ଯାଇଥାଏ ଯେ ଏହାର ମୂଲ୍ୟ ୩୬ ଦଶମିକ ୫ ବିଲିଅନ (୫୩୦ ନିୟୁତ ଆମେରିକାର ଡଲାର ମୂଲ୍ୟରେ) । ୨୦୩୨ ମସିହା ସୁଦ୍ଧା ଏହାର ମୂଲ୍ୟ ୪୪ ଦଶମିକ ୨ ବିଲିୟନ (ଗୋଟିଏ ବିଲିଅନର ମୂଲ୍ୟ ଶହେ କୋଟି) ହେବ ବୋଲି କୁହାଯାଉଛି ।

**ଏବର ତଡିତ (Electronic) ଓ ସାମାଜିକ (Social) ଗଣମାଧ୍ୟମ ଉଭୟ ମୁଦ୍ରଣ ଗଣମାଧ୍ୟମ ସହ ପ୍ରତିଦ୍ୱନ୍ଦିତା କରି ଆସୁଥିଲେ ମଧ୍ୟ ମୁଦ୍ରଣ ଗଣମାଧ୍ୟମ ଏହି ପ୍ରତିଦ୍ୱନ୍ଦିତାରେ ପଛରେ ପଡି ଯାଇ ନାହିଁ । କାରଣ ମୁଦ୍ରଣ ଗଣମାଧ୍ୟମକୁ ସରକାର ଏତେ ଏତେ ବିଜ୍ଞାପନ ଦେଉଛନ୍ତି ଯେ ଯାହାର ମୂଲ୍ୟ କେତେ କୋଟି ଟଙ୍କା ବୋଲି ଆକଳନ କରାଯାଉଛି । ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ତୁଳନାରେ ଭାରତରେ ମୁଦ୍ରଣ ଗଣମାଧ୍ୟମ ଅଧିକ ପ୍ରସାରିତ ବୋଲି ଅନୁଭବ କରାଯାଉଛି । ଅବଶ୍ୟ ପଠନସ୍ପୃହା ଏବେ ହ୍ରାସ ପାଇଛି । ଏହା ସତ୍ତ୍ୱେ ଭାରତୀୟମାନେ ବିଶେଷକରି ଓଡ଼ିଆମାନେ ମୁଦ୍ରଣ ଗଣମାଧ୍ୟମ ବା ସମ୍ବାଦପତ୍ର ଉପରେ ଅଧିକ ନିର୍ଭରଶୀଳ ।**

ଏବର ତଡିତ (Electronic) ଓ ସାମାଜିକ (Social) ଗଣମାଧ୍ୟମ ଉଭୟ ମୁଦ୍ରଣ ଗଣମାଧ୍ୟମ ସହ ପ୍ରତିଦ୍ୱନ୍ଦିତା କରି ଆସୁଥିଲେ ମଧ୍ୟ ମୁଦ୍ରଣ ଗଣମାଧ୍ୟମ ଏହି ପ୍ରତିଦ୍ୱନ୍ଦିତାରେ ପଛରେ ପଡି ଯାଇ ନାହିଁ । କାରଣ ମୁଦ୍ରଣ ଗଣମାଧ୍ୟମକୁ ସରକାର ଏତେ ଏତେ ବିଜ୍ଞାପନ ଦେଉଛନ୍ତି ଯେ ଯାହାର ମୂଲ୍ୟ କେତେ କୋଟି ଟଙ୍କା ବୋଲି ଆକଳନ କରାଯାଉଛି । ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ତୁଳନାରେ ଭାରତରେ ମୁଦ୍ରଣ ଗଣମାଧ୍ୟମ ଅଧିକ ପ୍ରସାରିତ ବୋଲି ଅନୁଭବ କରାଯାଉଛି । ଅବଶ୍ୟ ପଠନସ୍ପୃହା ଏବେ ହ୍ରାସ ପାଇଛି । ଏହା ସତ୍ତ୍ୱେ ଭାରତୀୟମାନେ ବିଶେଷକରି ଓଡ଼ିଆମାନେ ମୁଦ୍ରଣ ଗଣମାଧ୍ୟମ ବା ସମ୍ବାଦପତ୍ର ଉପରେ ଅଧିକ ନିର୍ଭରଶୀଳ ।

ଏବେ ୧୦୭ ବର୍ଷରେ ପଦାର୍ପଣ କରିଥିବା 'ସମାଜ' ସବୁଠାରୁ ପୁରାତନ ଓଡ଼ିଆ ସମ୍ବାଦପତ୍ର । ଏହା ଏକଦା ସର୍ବାଧିକ ପ୍ରସାରିତ ସମ୍ବାଦପତ୍ର ଥିଲା । ଅନ୍ୟାନ୍ୟ ଦୈନିକ ସମ୍ବାଦପତ୍ରଗୁଡ଼ିକ ପ୍ରକାଶ ପାଇ ଏବେ ମଧ୍ୟ ଭଲ ଭାବେ ପ୍ରସାରିତ ହୋଇଥିବା ପରିଲକ୍ଷିତ ହୋଇଛି । ମାତ୍ର ଯେଉଁ କେତୋଟି ପ୍ରସାରିତ ଦୈନିକ ସମ୍ବାଦପତ୍ର ପ୍ରକାଶ ପାଇ ଆସୁଛନ୍ତି, ସେମାନଙ୍କ ମଧ୍ୟରେ ହୀନ ପ୍ରତିଦ୍ୱନ୍ଦିତା ଅବଶ୍ୟ ନାହିଁ । 'ସମାଜ' ୧୦୭ତମ ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି ଯେ ମୁଦ୍ରିତ ଗଣମାଧ୍ୟମର ମୃତ୍ୟୁ ନାହିଁ । ଏହା ଅନେକାଂଶରେ ସତ୍ୟ । ଅତୀତରେ ଓଡ଼ିଶାର ଅନେକ ଦୈନିକ ଓଡ଼ିଆ ଓ ଇଂରାଜୀ ସମ୍ବାଦପତ୍ର ଅକାଳରେ ମଉଳି ପଡ଼ିଛନ୍ତି । ଜନସାଧାରଣଙ୍କ ଆନ୍ତରିକତା ଓ ସମ୍ବାଦପତ୍ରର ନିଷ୍ଠା ରହିଲେ, ସମ୍ବାଦପତ୍ର ତିଷ୍ଠି ରହିପାରିବ, ଏଥିରେ ସନ୍ଦେହ ନାହିଁ ।

ସେହିପରି 'ସମ୍ବାଦ' ଦୈନିକ ସମ୍ବାଦପତ୍ରର ବାର୍ଷିକୋତ୍ସବରେ ପ୍ରଥମ ସାମ୍ବାଦିକତା ସମ୍ମାନ ପ୍ରଦାନ କରାଯାଇଛି ଭାରତର ପୂର୍ବତନ ରାଷ୍ଟ୍ରପତି ଭି ଭି ଗିରିଙ୍କ ପୌତ୍ର ପି. ସାଇନାଥଙ୍କୁ । ସେ ଜଣେ ବିଶିଷ୍ଟ ସାମ୍ବାଦିକ ଓ ଲେଖକ । ଗ୍ରାମାଞ୍ଚଳର ଦୁର୍ଦ୍ଦଶା ଉପରେ ସେ ଅନେକ ପୁସ୍ତକ ମଧ୍ୟ ରଚନା କରିଛନ୍ତି । ସେ ଆଦିବାସୀ ସଂପ୍ରଦାୟ ଉପରେ ଚଳଚ୍ଚିତ୍ର ମଧ୍ୟ ନିର୍ମାଣ କରିଛନ୍ତି ।

ତେଣୁ ମୁଦ୍ରଣ ଗଣମାଧ୍ୟମର ମର୍ଯ୍ୟାଦା ସବୁବେଳେ ସ୍ୱତନ୍ତ୍ର ବୋଲି ମନେ ହୋଇଥାଏ ଏବଂ ଜନସାଧାରଣଙ୍କ ଭରସା ମଧ୍ୟ ଭାରତରେ ମୁଦ୍ରଣ ଗଣମାଧ୍ୟମ ଉପରେ ଅଧିକ ଥାଏ ବୋଲି ପ୍ରତିପାଦିତ ହୋଇଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆଧାର: ପରିଚୟରୁ ସହଜ ଜୀବନର ଆଧାର



**ମନୋଜ କୁମାର ସେନାପତି**

ଆଜିର ଡିଜିଟାଲ ଯୁଗରେ ଜଣେ ସାଧାରଣ ନାଗରିକଙ୍କ ହାତରେ ଥିବା ଏକ ୧୨ ଅଙ୍କର ସଂଖ୍ୟା ତାଙ୍କ ଦୈନନ୍ଦିନ ଜୀବନର ଅନେକ ଦ୍ୱାର ଖୋଲି ଦେଉଛି । ସେହି ସଂଖ୍ୟା ହେଉଛି– ଆଧାର । ୨୯ ସେପ୍ଟେମ୍ବର ୨୦୧୦ରେ ପ୍ରଥମ ଆଧାର ଜାରି ହୋଇଥିବା ଦିନକୁ ସ୍ମରଣ କରି ପ୍ରତିବର୍ଷ ଆଧାର ଦିବସ ୨୯ ସେପ୍ଟେମ୍ବରରେ ପାଳନ କରାଯାଏ ।

ଆଧାର କେବଳ ଏକ ପରିଚୟପତ୍ର ନୁହେଁ, ଏହା ଭାରତର ବଢୁଥିବା ଡିଜିଟାଲ ପରିବେଶରେ ପରିଚୟ ପ୍ରମାଣୀକରଣର ଏକ ମହତ୍ତ୍ୱପୂର୍ଣ୍ଣ ମଞ୍ଚ ଭାବେ ଉଭା ହୋଇଛି । ଆଜି ବ୍ୟାଙ୍କ ଖାତା, ମୋବାଇଲ ସଂଯୋଗ, ବିଭିନ୍ନ ସରକାରୀ ସେବା, ସବସିଡି ଓ ଅନ୍ୟାନ୍ୟ ସୁବିଧା ପାଇବା ସମୟରେ ଆଧାରର ଉପଯୋଗ ଆମ ଜୀବନରେ ଅନେକ ଭାବରେ ଦୃଶ୍ୟମାନ । UIDAI ଅନୁସାରେ, ଆଧାର e-KYC ମାଧ୍ୟମରେ ଅନେକ ସେବା ପାଇଁ ଭୌତିକ ଦଲିଲପତ୍ର ଦାଖଲର ଆବଶ୍ୟକତା କମିପାରେ ।

**ଏକ ପରିଚୟ, ଅନେକ ସୁଯୋଗ–** କିଛି ବର୍ଷ ପୂର୍ବରୁ ଜଣେ ନାଗରିକଙ୍କୁ ନିଜ ପରିଚୟ ପ୍ରମାଣ କରିବା ପାଇଁ ବିଭିନ୍ନ ସ୍ଥାନରେ ଅନେକ ଦଲିଲର ନକଲ ଦେବାକୁ ପଡୁଥିଲା । ଆଜି ପରିସ୍ଥିତି ବହୁ ପରିମାଣରେ ବଦଳିଛି । ଆଧାରର ଅନଲାଇନ୍ ପ୍ରମାଣୀକରଣ ମାଧ୍ୟମରେ ପରିଚୟ ଯାଞ୍ଚ ଅଧିକ ଦ୍ରୁତ ଓ ସୁବିଧାଜନକ ହୋଇପାରିଛି ।

ବିଶେଷକରି ଦେଶର ଏକ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଜୀବିକା ପାଇଁ ଯାଉଥିବା ପ୍ରବାସୀ ଶ୍ରମିକ, ଛାତ୍ରଛାତ୍ରୀ ଓ ଅନ୍ୟ ନାଗରିକଙ୍କ ପାଇଁ ଏକ ଦେଶବ୍ୟାପୀ ପରିଚୟ ପ୍ରମାଣୀକରଣ ବ୍ୟବସ୍ଥା ଉପଯୋଗୀ ହୋଇପାରେ । UIDAI ମଧ୍ୟ ଆଧାରକୁ ଦେଶର ଯେକୌଣସି ସ୍ଥାନରେ ପରିଚୟ ପ୍ରମାଣ କରିବାର ଏକ ପୋର୍ଟେବଲ୍ ବ୍ୟବସ୍ଥା ଭାବେ ବର୍ଣ୍ଣନା କରିଛି ।

**ସରକାରୀ ସେବାରେ ନୂଆ ପରିବର୍ତ୍ତନ–** ଆଧାରର ସବୁଠାରୁ ବଡ଼ ପ୍ରଭାବ ସରକାରୀ କଲ୍ୟାଣକାରୀ ଯୋଜନାଗୁଡ଼ିକରେ ଦେଖାଯାଏ । ଲାଭାର୍ଥୀଙ୍କ ପରିଚୟ ନିଶ୍ଚିତ କରିବା, ଡୁପ୍ଲିକେଟ୍ ରେକର୍ଡ କମାଇବା ଏବଂ ଯୋଗ୍ୟ ବ୍ୟକ୍ତିଙ୍କ ନିକଟକୁ ସୁବିଧା ପହଞ୍ଚାଇବାରେ ଆଧାର ପ୍ରମାଣୀକରଣ ସହାୟକ ହୋଇପାରେ । UIDAI ଅନୁସାରେ, ଏହା DBT ଭଳି ବ୍ୟବସ୍ଥାରେ ମଧ୍ୟ ଉପଯୋଗ କରାଯାଏ ।

**ଯେଉଁ ଦିନ ଜଣେ ସାଧାରଣ ନାଗରିକ କହିପାରିବେ–ମୋର ପରିଚୟ ସୁରକ୍ଷିତ, ମୋର ସେବା ସହଜରେ ମିଳୁଛି ଏବଂ ମୋର ସମୟ ବଞ୍ଚୁଛି–ସେହି ଦିନ ହିଁ ଆଧାରର ପ୍ରକୃତ ଅର୍ଥରେ ସହଜ ଜୀବନର ଆଧାର ହେବ ।**
**ଏହା ହିଁ ଆମର ସଂକଳ୍ପ–ପ୍ରଯୁକ୍ତି ମଣିଷ ପାଇଁ, ପରିଚୟ ନାଗରିକଙ୍କ ସଶକ୍ତିକରଣ ପାଇଁ ଏବଂ ଡିଜିଟାଲ ଭାରତ ଏକ ସୁରକ୍ଷିତ ଓ ସମାବେଶୀ ଭାରତ ପାଇଁ ।**

ଏହାର ଅର୍ଥ କେବଳ ସରକାରଙ୍କ ପାଇଁ ଅଧିକ ସୁବିଧା ନୁହେଁ, ଜଣେ ସାଧାରଣ ନାଗରିକଙ୍କ ପାଇଁ ମଧ୍ୟ ସରକାରୀ କାର୍ଯ୍ୟାଳୟକୁ ଯିବା–କାଗଜପତ୍ର ଦେଖାଇବା–ପରିଚୟ ଯାଞ୍ଚ କରାଇବା ଭଳି ପାରମ୍ପରିକ ପ୍ରକ୍ରିୟାକୁ ଅନେକ କ୍ଷେତ୍ରରେ ସହଜ କରିବାର ସୁଯୋଗ ।

**ବ୍ୟାଙ୍କରୁ ମୋବାଇଲ–ଦୈନନ୍ଦିନ ଜୀବନରେ ଆଧାର–** ଆଜି ଜଣେ ନାଗରିକ ବ୍ୟାଙ୍କିଙ୍ଗ ସେବା, e-KYC, ମୋବାଇଲ ସେବା କିମ୍ବା ବିଭିନ୍ନ ଡିଜିଟାଲ ସେବା ନେବା ସମୟରେ ଆଧାର ଆଧାରିତ ପରିଚୟ ପ୍ରମାଣୀକରଣର ସମ୍ମୁଖୀନ ହୁଅନ୍ତି । OTP, ବାୟୋମେଟ୍ରିକ୍ କିମ୍ବା ଅନ୍ୟ ଅନୁମୋଦିତ ପ୍ରଣାଳୀ ମାଧ୍ୟମରେ ଏହି ପରିଚୟ ଯାଞ୍ଚ କରାଯାଇ ପାରେ ।

ଏଠାରେ ଆଉ ଏକ ନୂଆ ଦିଗ ହେଉଛି Face Authentication ପ୍ରଯୁକ୍ତିର ବିକାଶ ସହିତ ଆଧାର ପ୍ରମାଣୀକରଣ ମଧ୍ୟ ଆଙ୍ଗୁଠି ଛାପ କିମ୍ବା OTP ମଧ୍ୟରେ ସୀମିତ ନରହି ଅଧିକ ଡିଜିଟାଲ ହେଉଛି ।

**ଆଧାରର ଅନ୍ୟ ଏକ ମୁହଁ–ସାମାଜିକ ସମାବେଶ–** ଭାରତ ଭଳି ବିଶାଳ ଓ ବିବିଧ ଦେଶରେ ପ୍ରତ୍ୟେକ ନାଗରିକଙ୍କ ପରିଚୟକୁ ଏକ ଡିଜିଟାଲ ବ୍ୟବସ୍ଥା ସହିତ ଯୋଡ଼ିବା ଏକ ବଡ଼ ପ୍ରଶାସନିକ ପରିବର୍ତ୍ତନ । ଦୂର ଗାଁର ଜଣେ ଲାଭାର୍ଥୀ, ସହରକୁ ଆସିଥିବା ଜଣେ ଶ୍ରମିକ କିମ୍ବା ଅନ୍ୟ ରାଜ୍ୟରେ ରହୁଥିବା ଜଣେ ନାଗରିକ– ସମସ୍ତଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ଡିଜିଟାଲ ପରିଚୟ ରହିବାର ଅର୍ଥ ହେଉଛି ସେବାର ପୋର୍ଟେବିଲିଟି ଓ ସହଜ ଉପଲବ୍ଧତା ।

**କିନ୍ତୁ ଆଧାର ସହିତ ଦାୟିତ୍ୱ ମଧ୍ୟ ଆସେ–** ଆଧାର ଯେତେ ଉପଯୋଗୀ, ଏହାର ସୁରକ୍ଷିତ ବ୍ୟବହାର ସେତେ ଗୁରୁତ୍ୱପୂର୍ଣ୍ଣ । ଡିଜିଟାଲ ପରିଚୟର ବ୍ୟାପକ ବ୍ୟବହାର ସହିତ ଗୋପନୀୟତା, ତଥ୍ୟ ସୁରକ୍ଷା ଓ ଠକେଇରୁ ସୁରକ୍ଷା ଭଳି ପ୍ରସଙ୍ଗ ମଧ୍ୟ ଗୁରୁତ୍ୱ ପାଇଛି । UIDAI ମଧ୍ୟ ଆଧାରର ବଢୁଥିବା ବ୍ୟବହାର ସହିତ ଠକେଇର ସମ୍ଭାବନା ବିଷୟରେ ସର୍ତ୍ତକତା ଓ ସୁରକ୍ଷିତ ଡିଜିଟାଲ ପ୍ରମାଣୀକରଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛି ।

**ତେଣୁ ନାଗରିକ ଭାବେ ଆମର ମଧ୍ୟ କିଛି ଦାୟିତ୍ୱ ରହିଛି–** OTP କାହା ସହିତ ଭାଗ ନ କରିବା, ଅଜଣା ବ୍ୟକ୍ତିଙ୍କୁ ଆଧାରର ଅନାବଶ୍ୟକ କପି ନ ଦେବା, ଆଧାର ସମ୍ବନ୍ଧୀୟ ସନ୍ଦେହଜନକ ଲିଙ୍କ୍ କିମ୍ବା ଫୋନ୍ କଲକୁ ସତର୍କ ରହିବା ଏବଂ ଆବଶ୍ୟକତା ଅନୁଯାୟୀ ଉପଲବ୍ଧ ସୁରକ୍ଷା ସୁବିଧା ବ୍ୟବହାର କରିବା ।

**ଆଧାର–ପରିଚୟରୁ ଆଗକୁ–** ଆଧାରର ଯାତ୍ରା ଆମକୁ ଏକ ବଡ଼ ପରିବର୍ତ୍ତନର କାହାଣୀ କହେ । ଏହା କେବଳ ଏକ କାର୍ଡ କିମ୍ବା ୧୨ ଅଙ୍କବିଶିଷ୍ଟ ସଂଖ୍ୟାର କାହାଣୀ ନୁହେଁ । ଏହା ଭାରତର ଡିଜିଟାଲ ପରିଚୟ ଓ ଡିଜିଟାଲ ସେବା ପ୍ରଦାନ ବ୍ୟବସ୍ଥାର ବିକାଶର କାହାଣୀ ।

ଆଜି ଆମେ ଯେତେବେଳେ ମୋବାଇଲରେ ଏକ OTP ଦେଇ ପରିଚୟ ପ୍ରମାଣ କରୁଛୁ, କୌଣସି ସେବା ପାଇଁ e-KYC କରୁଛୁ କିମ୍ବା ଡିଜିଟାଲ ଭାବେ ନିଜ ପରିଚୟ ଯାଞ୍ଚ କରୁଛୁ, ସେତେବେଳେ ଆମ ଦୈନନ୍ଦିନ ଜୀବନରେ ଡିଜିଟାଲ ପରିଚୟର ଭୂମିକାକୁ ନିଜେ ଅନୁଭବ କରୁଛୁ । ତେଣୁ ପ୍ରଶ୍ନ କେବଳ ଏତିକି ନୁହେଁ ଯେ ଆଧାର ଆମକୁ କ'ଣ ଦେଇଛି? ବରଂ ପ୍ରଶ୍ନ ହେଉଛି–ଏହି ଡିଜିଟାଲ ପରିଚୟକୁ ଆମେ କିପରି ଅଧିକ ସୁରକ୍ଷିତ, ସହଜ, ସମାବେଶୀ ଓ ନାଗରିକ–କୈନ୍ଦ୍ରିକ କରିପାରିବା ?

ଯେଉଁ ଦିନ ଜଣେ ସାଧାରଣ ନାଗରିକ କହିପାରିବେ–ମୋର ପରିଚୟ ସୁରକ୍ଷିତ, ମୋର ସେବା ସହଜରେ ମିଳୁଛି ଏବଂ ମୋର ସମୟ ବଞ୍ଚୁଛି–ସେହି ଦିନ ହିଁ ଆଧାରର ପ୍ରକୃତ ଅର୍ଥରେ ସହଜ ଜୀବନର ଆଧାର ହେବ ।

ଏହା ହିଁ ଆମର ସଂକଳ୍ପ–ପ୍ରଯୁକ୍ତି ମଣିଷ ପାଇଁ, ପରିଚୟ ନାଗରିକଙ୍କ ସଶକ୍ତିକରଣ ପାଇଁ ଏବଂ ଡିଜିଟାଲ ଭାରତ ଏକ ସୁରକ୍ଷିତ ଓ ସମାବେଶୀ ଭାରତ ପାଇଁ ।

**(ଓ.ଏ.ଏସ୍), ଓ.ଏସ.ଡି , ଓକାକ**
**ମୋ–୯୭୭୭୪୫୩୬୬୧**

# ସୁଶାସନ ଓ ସାଧାରଣ ଜନତା

**ବିଶ୍ୱାଳ ବିବେକାନଂଦ**

ସୁଶାସନ ବା "Good Governance' ହେଉଛି ଏକ ଏପରି ପ୍ରଶାସନିକ ବ୍ୟବସ୍ଥା, ଯାହା ଜନସାଧାରଣଙ୍କ ସର୍ବାଙ୍ଗୀନ ବିକାଶ ଏବଂ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ । ଏହା କେବଳ ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ନୁହେଁ, ବରଂ ଶାସନ ପ୍ରକ୍ରିୟାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ନିରପେକ୍ଷତା ଏବଂ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣକୁ ସୂଚାଏ ।

ସୁଶାସନ ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ସମ୍ପର୍କ ଏବଂ ଏହାର ମୁଖ୍ୟ ଦିଗଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା:

ସୁଶାସନର ମୂଳଦୁଆ ଏବଂ ଜନସାଧାରଣ

**ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧ:** ସୁଶାସନରେ ସରକାରୀ କାର୍ଯ୍ୟକଳାପ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସ୍ୱଚ୍ଛ ହୋଇଥାଏ । ଜନସାଧାରଣ ଜାଣିବାକୁ ଅଧିକାର ରଖନ୍ତି ଯେ ସରକାରୀ ପାଣ୍ଠି କିପରି ଏବଂ କେଉଁଠାରେ ଖର୍ଚ୍ଚ ହେଉଛି । ଯେତେବେଳେ ପ୍ରଶାସନ ନିଜ କାମ ପାଇଁ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ ରହେ, ସେତେବେଳେ ଦୁର୍ନୀତି ହ୍ରାସ ପାଏ ।

**ଆଇନର ଶାସନ:** ସମାଜରେ ପ୍ରତ୍ୟେକ ନାଗରିକ ଆଇନ ଆଗରେ ସମାନଛ ଜାତି, ଧର୍ମ, ଲିଙ୍ଗ କିମ୍ବା ଆର୍ଥିକ ଅବସ୍ଥା ନିର୍ବିଶେଷରେ ସମସ୍ତଙ୍କୁ ସମାନ ନ୍ୟାୟ ଏବଂ ସୁରକ୍ଷା ମିଳିବା ସୁଶାସନର ଏକ ପ୍ରମୁଖ ଲକ୍ଷ୍ୟ ।

**ଅର୍ନ୍ତଭୁକ୍ତ ବିକାଶ** ( Inclusive Development ) : ସୁଶାସନ କେବଳ କିଛି ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କ ପାଇଁ ନୁହେଁ, ବରଂ ସମାଜର ଶେଷଧାଡ଼ିରେ ଥିବା ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ସରକାରୀ ସେବା ପହଞ୍ଚାଇବାକୁ ନିଶ୍ଚିତ କରେ । ଏଥିରେ ଗରିବ, ଅସହାୟ, ମହିଳା ଏବଂ ବଞ୍ଚିତ ବର୍ଗର ଉନ୍ନତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ ।

**ଜନସାଧାରଣଙ୍କ ଅଂଶଗ୍ରହଣ:** ଗଣତନ୍ତ୍ରରେ ଜନସାଧାରଣ କେବଳ ଭୋଟଦାତା ନୁହଁନ୍ତି, ବରଂ ଶାସନ ପ୍ରକ୍ରିୟାର ଏକ ଅଭିନ୍ନ ଅଙ୍ଗ । ସୁଶାସନ ନୀତି ନିର୍ଦ୍ଧାରଣରେ ଜନମତକୁ ସମ୍ମାନ ଦିଏ ଏବଂ ଜନସାଧାରଣଙ୍କ ମତାମତକୁ ଗ୍ରହଣ କରି କାର୍ଯ୍ୟ କରିଥାଏ ।

ଜନସାଧାରଣଙ୍କ ଜୀବନରେ ସୁଶାସନର ପ୍ରଭାବ ।

**ମୌଳିକ ସୁବିଧାଗୁଡ଼ିକର ସହଜ ପ୍ରାପ୍ତି:** ସୁଶାସନ ମାଧ୍ୟମରେ ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ଶିକ୍ଷା, ପାନୀୟ ଜଳ, ବିଦ୍ୟୁତ ଏବଂ ପକ୍କାଘର ଭଳି ମୌଳିକ ଆବଶ୍ୟକତାଗୁଡ଼ିକ ଠିକ୍ ସମୟରେ ଏବଂ ସ୍ୱଚ୍ଛତା ସହ ଜନସାଧାରଣଙ୍କ ନିକଟରେ ପହଞ୍ଚିଥାଏ ।

**ଡିଜିଟାଲ୍ ସେବା ଏବଂ ସରଳୀକରଣ:** ଆଧୁନିକ ସୁଶାସନରେ ପ୍ରଶାସନିକ ପ୍ରକ୍ରିୟାଗୁଡ଼ିକୁ ଡିଜିଟାଲ୍ କରାଯାଇଛି, ଯାହାଦ୍ୱାରା ଜନସାଧାରଣ ବିନା କୌଣସି ଅସୁବିଧାରେ ଘରେ ବସି ବିଭିନ୍ନ ସରକାରୀ ପ୍ରମାଣପତ୍ର ଏବଂ ସେବାଗୁଡ଼ିକର ଲାଭ ପାଇପାରୁଛନ୍ତି ।

**ତ୍ୱରିତ ଅଭିଯୋଗ ନିବାରଣ:** ଜନସାଧାରଣଙ୍କ ସମସ୍ୟା ଶୁଣିବା ଏବଂ ସେଗୁଡ଼ିକର କମ୍ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସୁଶାସନରେ ସ୍ୱତନ୍ତ୍ର ବ୍ୟବସ୍ଥା (ଯଥା ଅନଲାଇନ୍ ପୋର୍ଟାଲ୍ ଓ ଜନଶୁଣାଣି ଶିବିର) କରାଯାଇଥାଏ ।

ସୁଶାସନ ହେଉଛି ଏକ ଏପରି ସେତୁ, ଯାହା ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସକୁ ଦୃଢ଼ କରିଥାଏ । ଯେତେବେଳେ ପ୍ରଶାସନ ସଚ୍ଚୋଟତା ଏବଂ କର୍ତ୍ତବ୍ୟନିଷ୍ଠା ସହ କାମ କରେ, ସେତେବେଳେ ରାଷ୍ଟ୍ରର ପ୍ରଗତି ସହିତ ଜନସାଧାରଣଙ୍କ ଜୀବନଧାରାର ମାନ ମଧ୍ୟ ଉନ୍ନତ ହୋଇଥାଏ ।

**ଯୋଜନା ଏକକୁ ଲୋକ କୋଟିଏ । ଏବେବି ବଡ ବଡ କୋଠା ଓ ପ୍ୟାଣ୍ଟ ସାଟ୍ ପିନ୍ଧା ଗୋଷ୍ଠୀ ଲୋକ ଚାହିଦାରୁ ଯୋଜନ ଯୋଜନ ଦୂରରେ । ନା ଅଛି ବିଶ୍ୱାସ ନା ଅଛି ଆସ୍ଥା ।**

ଦେଶ ୮୦ ବର୍ଷର ସ୍ୱାଧୀନତାକୁ ସମ୍ବଳ କରି ଲୋକ ଶାସନର ନୂତନ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି । ନିୟମ ଶୃଙ୍ଖଳା ତଥାପି ପରାଧୀନ । ଶାସନ କଳର ଶତ ଚେଷ୍ଟା ପରେ ମଧ୍ୟ ସାଧାରଣ ଲୋକର ସମସ୍ୟା ସମାଧାନ ଏକ ପ୍ରଶ୍ନବାଚୀ । ଯୋଜନା ଏକକୁ ଲୋକ କୋଟିଏ । ଏବେବି ବଡ ବଡ କୋଠା ଓ ପ୍ୟାଣ୍ଟ ସାଟ୍ ପିନ୍ଧା ଗୋଷ୍ଠୀ ଲୋକ ଚାହିଦାରୁ ଯୋଜନ ଯୋଜନ ଦୂରରେ । ନା ଅଛି ବିଶ୍ୱାସ ନା ଅଛି ଆସ୍ଥା । କାରଣ ପରାଧୀନତାର ରସି ଏବେ ବି ଏତେ ଲମ୍ବା ଓ ଶକ୍ତ ଯେ ୮୦ ବର୍ଷ ର ଲଗାତାର ଉନ୍ନତି ପ୍ରୟାସ ଶିକ୍ଷା ଓ ସୂଚନା ପ୍ରଯୁକ୍ତି ବିଦ୍ୟାର ଜାଲରେ ଏପରି ଛନ୍ଦି ହୋଇ ଯାଇଛି ଯେ ଯୋଜନାର ସୁଫଳ କେବଳ କାଗଜ ପତ୍ରରେ ସୀମାବଦ୍ଧ ।

**ପ୍ରଶ୍ନ ଗୋଟିଏ । ଗରିବ ବୁଢୀ ମାଉସୀର କ'ଣ ଅସୁବିଧା ?** କଥାବାର୍ତ୍ତା ହେଲେ ନାଇ ନ ନାଇ ନ ବକୁଛି । ମାଉସୀ ଜଣଙ୍କୁ କଥା ହେବାକୁ ବ୍ୟବସ୍ଥା କାମ କରୁନି । ବିନା ପରିଚୟ ପତ୍ରରେ ସବୁ ଠପ୍ । ଅନ୍‌ଲାଇନି କାରବାରର ପ୍ରକୃତ ପରିଚୟ ଇଣ୍ଟର୍‌ନେଟ୍‌ରେ ବନ୍ଧା ପଡିଛି । ସର୍‌ଭର୍ ଖରାପରୁ ସେବା ପ୍ରଦାନର ଶୃଙ୍ଖଳାକୁ ଏପଟ ସେପଟ କରୁଛି । ବିଶ୍ୱ ସେବା ପ୍ରଦାନର ପ୍ରତିରୂପ ଗାଁରୁ ସହର ଆସିଥିବା ବୁଢୀ ମାଉସୀ ଆଶା ଭରସାକୁ ଜାଳି ପୋଡି ଛାର ଖାର୍ କରିଛି । ହୁଏତ ଏ ସହରରେ ବିଶ୍ରାମ ନେବାକୁ ଗଛଟିଏ ବି ନାହିଁ । ପ୍ରଶ୍ନ ଗୋଟିଏ । ଅଶୀ ବର୍ଷର ସ୍ୱାଧୀନ ନ୍ୟାୟବନ୍ତ ନାଗରିକ ମତ ରଖିଛନ୍ତି–ଏପରି ସମସ୍ୟା ପାଇଁ କେହି ଦାୟୀ ନୁହଁନ୍ତି । ସରକାରୀ କଳ ଆଦୌ ଦାୟୀ ନୁହେ । ବରଂ ପ୍ରଚଳିତ ଶାସନ ବ୍ୟବସ୍ଥା ଲୋକଙ୍କ ଦାଣ୍ଡ ଦୁଆରେ ସେବା ପ୍ରଦାନ କରିବାକୁ ସର୍ବଦା ଚେଷ୍ଟିତ । ଗ୍ରାମ୍ୟ ସ୍ତରରେ ମିନି ସେକ୍ରେଟାରିଏଟ ବା ଲୋକସେବା ସଦନ । ଉତ୍ତମ ଶାସନର ପୁନଶ୍ଚ ପରିକଳ୍ପନା । ଆପଣ ମାନେ ଖୁସି ତ ?

**(ଅବସରପ୍ରାପ୍ତ ଉପ–ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା)**
**ମୋ–୯୧୮୮୯୫୫୫୫୪୭୭**

# ପୋଷଣ ମାସରେ ଶିଶୁଙ୍କ ବିକାଶ



**ସନାତନ ମହାକୁଡ଼**

ଏବେ ନବମ ଜାତୀୟ ପୋଷଣ ମାସ ସେପ୍ଟେମ୍ବର ୯ରୁ ଅକ୍ଟୋବର ୮, ୨୦୨୬ ପର୍ଯ୍ୟନ୍ତ ସାରାଦେଶରେ ପାଳନ କରାଯାଉଛି । ବାଲ୍ୟବସ୍ଥାରେ ଯତ୍ନ, ଖାଦ୍ୟ ଗ୍ରହଣର ଶୈଳୀ, ପରିଷ୍କାର ପରିଚ୍ଛନ୍ନତା ଏବଂ ଜନସାଧାରଣଙ୍କ ସହଭାଗିତା ହେଉଛି ଏଥରର ମୁଖ୍ୟ ବିଷୟବସ୍ତୁ । ପୋଷଣ ହେଉଛି ସୁସ୍ଥ ଜୀବନର ମୂଳ ଆଧାର । ଜଣେ ଶିଶୁର ଶାରୀରିକ ବିକାଶ, ମାନସିକ କ୍ଷମତା, ଶିକ୍ଷା ଗ୍ରହଣ କ୍ଷମତା ଏବଂ ଭବିଷ୍ୟତର ସ୍ୱାସ୍ଥ୍ୟ ତାହାର ଶୈଶବକାଳୀନ ପୋଷଣ ସହିତ ଗଭୀର ଭାବେ ଜଡ଼ିତ ।

ଏହି କାରଣରୁ ଶିଶୁ, କିଶୋରୀ, ଗର୍ଭବତୀ ମହିଳା ଓ ସ୍ତନ୍ୟଦାନକାରୀ ମାଆମାନଙ୍କ ମଧ୍ୟରେ ପୋଷଣ ସଂପର୍କରେ ସଚେତନତା ବୃଦ୍ଧି କରିବା ଅତ୍ୟନ୍ତ ଆବଶ୍ୟକ । ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ପ୍ରତିବର୍ଷ ସରକାରୀ ସ୍ତରରେ ପୋଷଣ ମାସ ପାଳନ କରାଯାଇ ଥାଏ ।

ପୋଷଣ ମାସ କେବଳ ଏକ ସଚେତନତା କାର୍ଯ୍ୟକ୍ରମ ନୁହେଁ, ଏହା ପରିବାର ଓ ସମାଜକୁ ସୁସ୍ଥ ଖାଦ୍ୟ ଅଭ୍ୟାସ, ପରିଷ୍କାର ପରିଚ୍ଛନ୍ନତା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ସ୍ତନ୍ୟପାନ ଏବଂ ସନ୍ତୁଳିତ ଆହାରର ଗୁରୁତ୍ୱ ସଂପର୍କରେ ବୁଝାଇବାର ଏକ ବଡ଼ ଅବସର ।

ଘରୋଇ ଭାବରେ ଓ ଉପଲବ୍ଧ ପୌଷ୍ଟିକ ଖାଦ୍ୟକୁ ଉପଯୋଗ କରି ଶିଶୁ ଓ ପରିବାରର ପୋଷଣ ସୁଧାରିବା ଏହାର ଏକ ମୁଖ୍ୟ ଉଦ୍ଦେଶ୍ୟ ।

ଅଙ୍ଗନବାଡ଼ି ହେଉଛି ପୋଷଣ ଅଭିଯାନର ମୁଖ୍ୟ ସାଥୀ–

ପୋଷଣ ସଚେତନତାକୁ ଘରେ ଘରେ ପହଞ୍ଚାଇବାରେ ଅଙ୍ଗନବାଡ଼ି କେନ୍ଦ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅଙ୍ଗନବାଡ଼ି କର୍ମୀମାନେ ଗାଁ ଓ ସ୍ଥାନୀୟ ସମୁଦାୟଙ୍କ ସହିତ ସିଧାସଳଖ ଜଡ଼ିତ ଥିବାରୁ ସେମାନେ ଶିଶୁ ଓ ମାଆମାନଙ୍କ ମଧ୍ୟରେ ପୋଷଣ ସମ୍ପର୍କିତ ସଚେତନତା ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ କାର୍ଯ୍ୟ କରନ୍ତି ।

ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁମାନଙ୍କ ପାଇଁ ପୂରକ ପୋଷଣ, ପ୍ରାଥମିକ ପୂର୍ବ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କିତ ପରାମର୍ଶ ଏବଂ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ହୋଇଥାଏ । ଏହା ସହିତ ଗର୍ଭବତୀ ଓ ସ୍ତନ୍ୟଦାନକାରୀ ମାଆମାନଙ୍କୁ ମଧ୍ୟ ଉପଯୁକ୍ତ ଆହାର, ଶିଶୁ ଯତ୍ନ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରାଯାଏ ।

ପୋଷଣରେ ମାଆର ଭୂମିକା –

ଶିଶୁର ଜୀବନର ପ୍ରଥମ ହଜାର ଦିନ ତାହାର ବିକାଶ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଜନ୍ମ ପରେ ଶୀଘ୍ର ସ୍ତନ୍ୟପାନ ଆରମ୍ଭ କରିବା ଏବଂ ଛଅ ମାସ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଦେବା ଶିଶୁର ସୁସ୍ଥ ବିକାଶରେ ସହାୟକ ହୋଇଥାଏ । ଛଅ ମାସ ପରେ ମାଆ କ୍ଷୀର ସହିତ ବୟସ ଅନୁଯାୟୀ ଉପଯୁକ୍ତ ପୂରକ ଖାଦ୍ୟ ଦେବା ଆବଶ୍ୟକ ।

ମାଆମାନେ ନିଜେ ମଧ୍ୟ ପୌଷ୍ଟିକ ଓ ବିବିଧ ଖାଦ୍ୟ ଗ୍ରହଣ କରିବା ଦରକାର । ବିଭିନ୍ନ ପ୍ରକାରର ଶସ୍ୟ ଡାଲି, ସବୁଜ ତଥା ତଟକା ପନିପରିବା, ଋତୁକାଳୀନ ଫଳ, ଦୁଗ୍ଧ, ଦୁଗ୍ଧଜାତ ଖାଦ୍ୟ, ଅଣ୍ଡା ଓ ସ୍ଥାନୀୟ ଭାବେ ମିଳୁଥିବା ପୌଷ୍ଟିକ ଖାଦ୍ୟକୁ ଆହାରରେ ସାମିଲ କରିବା ଅତ୍ୟନ୍ତ ଆବଶ୍ୟକ ।

ପୋଷଣ ସହିତ ପରିଚ୍ଛନ୍ନତା–

ଭଲ ପୋଷଣ ସହିତ ପରିଷ୍କାର ପରିଚ୍ଛନ୍ନତା ମଧ୍ୟ ଶିଶୁ ସ୍ୱାସ୍ଥ୍ୟର ଏକ ଅବିଚ୍ଛିନ୍ନ ଅଂଶ । ଖାଦ୍ୟ ପ୍ରସ୍ତୁତି ପୂର୍ବରୁ ଓ ଶିଶୁକୁ ଖାଇବାକୁ ଦେବା ପୂର୍ବରୁ ହାତ ଧୋଇବା, ପରିଷ୍କାର ପାଣି ପିଇବା, ଖାଦ୍ୟକୁ ଢାଙ୍କି ରଖିବା, ଘର ଓ ଅଙ୍ଗନବାଡ଼ିର ପାରିପାର୍ଶ୍ୱିକ ପରିବେଶକୁ ସ୍ୱଚ୍ଛ ରଖିବା ଦରକାର ।

ଜନଗଣଙ୍କ ସହଭାଗିତା ହିଁ ସଫଳତାର ଚାବି–ପୋଷଣ ମାସକୁ ସଫଳ କରିବା କେବଳ ଅଙ୍ଗନବାଡ଼ି କର୍ମୀ କିମ୍ବା ସରକାରୀ ବ୍ୟବସ୍ଥାର ଦାୟିତ୍ୱ ନୁହେଁ । ପରିବାର, ବିଦ୍ୟାଳୟ, ଶିକ୍ଷକ, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ସ୍ଥାନୀୟ ପ୍ରଶାସନ ଓ ସମାଜର ସମସ୍ତଙ୍କ ସକ୍ରିୟ ସହଯୋଗ ଆବଶ୍ୟକ । ପୋଷଣ ସମ୍ପର୍କିତ ଜ୍ଞାନ ଯେତେବେଳେ ଘରେ ଘରେ ପହଞ୍ଚିବ, ସେତେବେଳେ ଏକ ସୁସ୍ଥ ଓ ସଶକ୍ତ ପିଢ଼ି ଗଢ଼ି ଉଠିବ ।

ପୋଷଣ ମାସର ମୂଳ ବାର୍ତ୍ତା ହେଉଛି– ପ୍ରତ୍ୟେକ ଶିଶୁ ପାଇଁ ପୌଷ୍ଟିକ ଖାଦ୍ୟ, ପ୍ରତ୍ୟେକ ମା' ପାଇଁ ଯତ୍ନ ଏବଂ ପ୍ରତ୍ୟେକ ପରିବାର ପାଇଁ ପୋଷଣ ସଚେତନତା । ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଏହି ଅଭିଯାନର ଭିତ୍ତିସ୍ତମ୍ଭ ଭାବେ କାର୍ଯ୍ୟ କରି ଆମ ସମାଜରେ ସୁସ୍ଥ ଶୈଶବ ଓ ସୁଦୃଢ଼ ଭବିଷ୍ୟତର ମୂଳଦୁଆକୁ ଆହୁରି ମଜବୁତ କରିପାରିବ । ଅତଏବ ଶେଷରେ ଏତିକି କୁହାଯାଇପାରେ ଯେ– ପୋଷଣରେ ସଚେତନତା, ସ୍ୱାସ୍ଥ୍ୟରେ ସମୃଦ୍ଧି–ସୁସ୍ଥ ଶିଶୁ, ସୁସ୍ଥ ସମାଜ, ସୁନ୍ଦର ଭବିଷ୍ୟତ ।

**ଗ୍ରାମ/ପୋ.ଅ–ବେରୁଆଁବାରୀ – ୭୫୨୦୮୨,ଜିଲ୍ଲା– ନୟାଗଡ଼, ଓଡିଶା**
**ମୋ– ୯୩୩୯୬୧୦୧୬୮**
**ଇମେଲ–** sanmahakudgmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପରିବର୍ତ୍ତିତ...

ଦାଖଲ ହେବା ପରେ ଏହାର ବିସ୍ତୃତ ଯାଞ୍ଚ କରାଯିବ। ଫର୍ମ-୬ରେ ପରିବର୍ତ୍ତନ କିଏ କରିଛି, ତାହା ମଧ୍ୟ ଜାଣିବାକୁ ସେ ଚାହୁଁଥିବା କହିଛନ୍ତି।

ଅନ୍ୟପକ୍ଷରେ, ନିର୍ବାଚନ କମିଶନ କହିଛି ଯେ ଫର୍ମ-୬ରେ କୌଣସି ସଂଶୋଧନ କରାଯାଇନାହିଁ। ଏସ୍ଆଇଆର୍ ସମୟରେ ନୂଆ ଭୋଟରଙ୍କ ପାଇଁ କେବଳ ଏକ ଅତିରିକ୍ତ ଘୋଷଣାପତ୍ର ଯୋଡ଼ାଯାଇଥିବା କୁହାଯାଇଛି। ଚଳିତ ବର୍ଷ ଜୁଲାଇରେ ଯୋଡ଼ାଯାଇଥିବା ଏହି ଘୋଷଣାରେ ଭୋଟରଙ୍କ ତଥ୍ୟକୁ ପୂର୍ବ ଭୋଟର ତାଲିକାରେ ଥିବା ମାତାପିତା କିମ୍ବା ଜେଜେବାପା-ଜେଜେମାଙ୍କ ରେକର୍ଡ ସହ ଯୋଡ଼ିବାକୁ କୁହାଯାଇଛି। ଫର୍ମ-୬ 'ରେଜିଷ୍ଟ୍ରେସନ୍ ଅଫ୍ ଇଲେକ୍ଟର୍ସ ରୁଲ୍ସ, ୧୯୬୦'ର ଅଂଶ ହୋଇଥିବାରୁ ଏଥିରେ ପରିବର୍ତ୍ତନ କରିବାକୁ ନିୟମରେ ସଂଶୋଧନ ଆବଶ୍ୟକ ବୋଲି ଦାବି ହୋଇଛି।

ସେପ୍ଟେମ୍ବର ୨୯ରେ ତୃଣମୂଳ କଂଗ୍ରେସ ସାଂସଦ ସାକେତ ଗୋଖଲେ ଆରଟିଆଇ ମାଧ୍ୟମରେ ଆଇନ ମନ୍ତ୍ରଣାଳୟରୁ ମିଳିଥିବା ତଥ୍ୟର ଉଲ୍ଲେଖ କରି କହିଥିଲେ ଯେ ଫର୍ମ-୬ କିମ୍ବା ସମ୍ପର୍କିତ ନିୟମରେ ସଂଶୋଧନ ପାଇଁ ନିର୍ବାଚନ କମିଶନରୁ କୌଣସି ପ୍ରସ୍ତାବ ମନ୍ତ୍ରଣାଳୟ ନିକଟରେ ନାହିଁ। ଏହି ବିବାଦ ମଧ୍ୟରେ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

## ୧୫ରେ...

ତେବେ କାର୍ଯ୍ୟନିର୍ବାହୀ ପଦ ପାଇଁ ଦୁଇଥର ସୁଯୋଗ ରହିବ। ଏହାସହ ପୂର୍ବରୁ କୌଣସି ଅପରାଧିକ ରେକର୍ଡ ନଥିବ। କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିଲେ ମଧ୍ୟ ପ୍ରାର୍ଥୀ ହୋଇପାରିବେ ନାହିଁ।

ସେଲ୍ଫ ଫାଇନାନ୍ସ କୋର୍ସ ଛାତ୍ରଛାତ୍ରୀ ପ୍ରାର୍ଥୀ ହୋଇପାରିବେ ନାହିଁ। ଅନ୍ୟପଟେ ନିୟମ ଅନୁସାରେ ପ୍ରତ୍ୟେକ ପ୍ରାର୍ଥୀ ସର୍ବାଧିକ ୫ ହଜାର ଟଙ୍କା ପର୍ଯ୍ୟନ୍ତ ନିର୍ବାଚନୀ ଖର୍ଚ୍ଚ କରିପାରିବେ। ନିର୍ବାଚନ ଫଳାଫଳ ଘୋଷଣା ହେବାର ଦୁଇ ସପ୍ତାହ ମଧ୍ୟରେ ପ୍ରାର୍ଥୀମାନଙ୍କୁ ନିଜ ନିର୍ବାଚନୀ ଖର୍ଚ୍ଚର ସମ୍ପୂର୍ଣ୍ଣ ହିସାବ କଲେଜ କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦେବାକୁ ପଡ଼ିବ। ଏହାପରେ କଲେଜ ପକ୍ଷରୁ ଦୁଇ ଦିନ ମଧ୍ୟରେ ସେହି ଖର୍ଚ୍ଚର ହିସାବ ଏସ୍ଆଇଏମ୍ଏସ୍ ପୋର୍ଟାଲରେ ପ୍ରକାଶ କରାଯିବ।

ଆସନ୍ତା ୭ ତାରିଖରେ ପ୍ରକାଶ ପାଇବ ବିଜ୍ଞପ୍ତି। ୯ ତାରିଖରେ ପ୍ରାର୍ଥୀମାନେ ଭରିବେ ନାମାଙ୍କନ। ସେହିଦିନ ହିଁ ନାମାଙ୍କନ ଯାଞ୍ଚ ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୪ରେ ହ୍ୟାଣ୍ଡଆଉଟ୍ ଷ୍ଟିଟ୍ ମିଟ୍ ସହିତ ୧୫ ତାରିଖରେ ହେବ କ୍ୟାମ୍ପସ୍ ଭୋଟ୍। ସକାଳ ୮ଟାରୁ ଅପରାହ୍ନ ୨ଟା ଯାଏଁ ଭୋଟ୍ ଗ୍ରହଣ କରାଯାଇ ପରେ ଗଣତି ହେବ। ସେହିଦିନ ହିଁ ଫଳାଫଳ ପ୍ରକାଶ ପାଇବ। ୧୬ ତାରିଖରେ ଶପଥ ଗ୍ରହଣ ଉତ୍ସବ। ଅର୍ଥାତ ଦଶହରା ଛୁଟି ପୂର୍ବରୁ ହିଁ ସମ୍ପୂର୍ଣ୍ଣ ହେବ ନିର୍ବାଚନ ପ୍ରକ୍ରିୟା। ଛାତ୍ର ସଂସଦ ନିର୍ବାଚନୀ ପ୍ରସ୍ତୁତିକୁ ନେଇ ସୋମବାର ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଛାତ୍ର ସଂସଦ ନିର୍ବାଚନ ସମୟରେ କ୍ୟାମ୍ପସରେ ହିଂସା ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବା ପାଇଁ ଶ୍ରୀ ଅଗ୍ରୱାଲ ମହାବିଦ୍ୟାଳୟ ଅଧ୍ୟକ୍ଷ, ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଓ ପିଜି କାଉନ୍ସିଲ୍ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ବାଚନ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ବେଳେ ଏବେ କ୍ୟାମ୍ପସ୍ ରାଜନୀତିରେ ଦେଖାଦେଇଛି ନୂଆ ଉତ୍ସାହ। ୨୦୧୭ରେ ଶେଷଥର ପାଇଁ ରାଜ୍ୟରେ ହୋଇଥିଲା ଛାତ୍ର ସଂସଦ ନିର୍ବାଚନ। ଏହାପରେ ବିଭିନ୍ନ କାରଣ ଦର୍ଶାଇ କ୍ୟାମ୍ପସ୍ ଇଲେକ୍ସନ୍ ବନ୍ଦ ରହିଥିଲା। କୋଭିଡ୍ ମହାମାରୀ ସମୟରେ ମଧ୍ୟ ନିର୍ବାଚନ ହୋଇନଥିଲା। ୨୦୨୪ ନିର୍ବାଚନ ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ କରାଇବା ନେଇ ପ୍ରତିଶ୍ରୁତି ଦେଇଥିଲା ବିଜେପି ସରକାର।

## ମୌଳିକ...

ରେକର୍ଡିଂ, ଡବିଂ, ଏଡିଟିଂ ଏବଂ ପୋଷ୍ଟ-ପ୍ରଡକ୍ସନ୍ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଚଳଚ୍ଚିତ୍ର ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଏକ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମ ମଧ୍ୟ ସ୍ଥାପନ କରାଯାଇଛି, ଯେଉଁଠାରେ ପୁରୁଣା ଫିଲ୍ମ, ପୋଷ୍ଟର, ଫଟୋଗ୍ରାଫ୍ ଏବଂ ଐତିହାସିକ ଦଲିଲଗୁଡ଼ିକୁ ସଂରକ୍ଷିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟୁଡ଼ିଓ ଏବଂ ଓଡ଼ିଆ ସିନେମାର ପୁରୁଣା ଇତିହାସକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ, ପଚାଶ ଓ ଷାଠିଏ ଦଶକରେ 'ମା', 'ଅମଡ଼ାବାଟ', 'ମାଟିର ମଣିଷ' ପରି କାଳଜୟୀ ଚଳଚ୍ଚିତ୍ରଗୁଡ଼ିକ ଓଡ଼ିଆ ସାହିତ୍ୟ ସହିତ ସିନେମାର ଏକ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରିଥିଲା। ଓଡିଶାରେ ସିନେମା ନିର୍ମାଣ କରିବା ପାଇଁ ୧୯୮୦ ମସିହାରେ କଳିଙ୍ଗ ଷ୍ଟୁଡ଼ିଓ ପ୍ରତିଷ୍ଠା ହୋଇଥିଲେ ମଧ୍ୟ, ସମୟକ୍ରମେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ପ୍ରଯୁକ୍ତିବିଦ୍ୟାରେ ଆସିଥିବା ଦ୍ରୁତ ପରିବର୍ତ୍ତନ କାରଣରୁ ଏହାର ନବୀକରଣ ଅନିବାର୍ଯ୍ୟ ହୋଇପଡ଼ିଥିଲା।

ରାଜ୍ୟର ପ୍ରତିଭାବାନ ଯୁବପିଢ଼ିଙ୍କ ପ୍ରତି ଗଭୀର ଆଶା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଯୁବବର୍ଗ ଅଭିନୟ, ନିର୍ଦ୍ଦେଶନା, ସିନେମାଟୋଗ୍ରାଫି, ଆନିମେସନ୍, ସାଉଣ୍ଡ ଡିଜାଇନ୍ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ପାଇଁ କାହାଣୀ ଲେଖିବାରେ ବେଶ୍ ଆଗୁଆ ଅଛନ୍ତି। କଳିଙ୍ଗ ଷ୍ଟୁଡ଼ିଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟିବ। ନିଜର ମୌଳିକ କାହାଣୀ, ଲୋକକଥା, ଇତିହାସ ଏବଂ ସାଂସ୍କୃତିକ ପୃଷ୍ଠଭୂମିକୁ ଆଧାର କରି ସିନେମା ନିର୍ମାଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଏହି ଲୋକାର୍ପଣ ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାର ରୂପାନ୍ତରଣ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମତବ୍ୟକ୍ତ କରିଛନ୍ତି। ପୁନଃବିକଶିତ କଳିଙ୍ଗ ଷ୍ଟୁଡିଓକୁ ଏକ ଅତ୍ୟାଧୁନିକ ଫିଲ୍ମ ଷ୍ଟୁଡିଓ କମ୍ପ୍ଲେକ୍ସ ଭାବରେ ବିକଶିତ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ଏଠାରେ ଚଳଚ୍ଚିତ୍ରର ପ୍ରଡକ୍ସନ୍ ଠାରୁ ଆରମ୍ଭ କରି ପୋଷ୍ଟ-ପ୍ରଡକ୍ସନ୍ ପର୍ଯ୍ୟନ୍ତ ସମସ୍ତ ଆବଶ୍ୟକତା ପୂରଣ କରିବାର ସୁବିଧା ରହିଛି। ଚଳଚ୍ଚିତ୍ର ଶିଳ୍ପ କେବଳ କେବଳ ମନୋରଞ୍ଜନର କ୍ଷେତ୍ର ନୁହେଁ, ବରଂ ଏହା ଏକ ବିଶାଳ ଆର୍ଥିକ ଇକୋସିଷ୍ଟମ୍ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ନୂତନ ଅଫିସିଆଲ୍ ପୋର୍ଟାଲକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ କଳିଙ୍ଗ ଷ୍ଟୁଡ଼ିଓର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ତ୍ରିଶିକାକୁ ଏକ ମାସର ଦରମା ଦାନ କଲେ ସମାଜସେବୀ ପ୍ରଶାନ୍ତ

କୁଆଖିଆ,(ସବ୍ୟୁ) : ଯାଜପୁର ଜିଲ୍ଲା ମହେଶ୍ୱରପୁର ପଞ୍ଚାୟତ କଣ୍ଟାବଣିଆ ଗ୍ରାମର ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସୁପୁତ୍ର ତଥା ହେଲପିଙ୍ଗ ହ୍ୟାଣ୍ଡସ ସାମାଜିକ ଅନୁଷ୍ଠାନର ପ୍ରତିଷ୍ଠାତା ଏବଂ ଶିକ୍ଷକ ପ୍ରଶାନ୍ତ କୁମାର ଷଡ଼ଙ୍ଗୀ ଯାଜପୁର ଜିଲ୍ଲା ଧର୍ମଶାଳା ନିବାସୀ ମୁକେଶ ଚନ୍ଦ୍ର ରାୟଙ୍କ ସୁକନ୍ୟା କୁନିଝିଅ ତ୍ରିଶିକା ମନଭି ରାୟ ଯିଏ କି ବିରଳ ସ୍ପାଇନାଲ ମସ୍କୁନାଲ ଆଟ୍ରୋଫି ଟାଇପ ୨ ରେ ପୀଡିତ ଏବଂ ଯାହାଙ୍କର ଚିକିତ୍ସା ନିମନ୍ତେ ୧୬ କୋଟି ଟାଙ୍କର ଆବଶ୍ୟକ ଅଛି , ଏହା ଜାଣିବା ପରେ ଆଜି ପ୍ରଶାନ୍ତ ନିଜର ଏକ ମାସର ସମ୍ପୂର୍ଣ୍ଣ ଦରମା ୪୨୯୨୦ ଟଙ୍କା ତାଙ୍କର ପିତା ମାତାଙ୍କୁ ଭେଟି ପ୍ରଦାନ କରିବା ସହିତ ଭଗବାନଙ୍କ ନିକଟରେ କୁନି ଝିଅର ସମ୍ପୂର୍ଣ ଆରୋଗ୍ୟ କାମନା କରିଛନ୍ତି ।ପ୍ରକାଶଥାଉକି ପୂର୍ବରୁ ମହାମାରୀ କରୋନା ସମୟରେ ମଧ୍ୟ ନିଜର ଏକ ମାସର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଦାନ କରି ଚର୍ଚ୍ଚାରେ ଥିଲେ ।ସେ ଶିକ୍ଷକତା ସହିତ ହେଲପିଙ୍ଗ ହ୍ୟାଣ୍ଡସ ନାମକ ଏକ ସାମାଜିକ ଅନୁଷ୍ଠାନ ଗଢି ୫୦୦ ରୁ ଉର୍ଦ୍ଧ୍ୱ ର୍ ସଦସ୍ୟଙ୍କୁ ନେଇ ଜିଲ୍ଲା ତଥା ଜିଲ୍ଲା ବାହାରେ ସମାଜ ସେବା ଜାରି ରଖିଛନ୍ତି ।ଆଜି ତାଙ୍କର ଏହି ସାମାଜିକ କାର୍ଯ୍ୟ ପାଇଁ ଅଞ୍ଚଳବାସୀ , ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ମାନେ ତାଙ୍କୁ ସାଧୁବାଦ ଜଣାଇଛନ୍ତି ।

## ରାସ୍ତା କଡ଼ରେ ବିରାଟ ଖାଲ ଦୁର୍ଘଟଣା ଆଶଙ୍କା

ଯାଜପୁରସଦର,(ସବ୍ୟୁ):ବରୀ ମାଉଣ୍ଡ-ରାମଚନ୍ଦ୍ରପୁର ରାସ୍ତାର କଣିବାଙ୍କ ନିକଟ ରାସ୍ତା କଡ଼ରେ ବିଶାଳ ଖାଲ ସୃଷ୍ଟି ହୋଇଛି । ବର୍ଷା ପାଣି ଯୋଗୁ ଏହି ଖାଲ ସୃଷ୍ଟି ହୋଇଥିଲା ବେଳେ କିଛି ଅଂଶ ପିଚୁ ମଧ୍ୟ ଭାଙ୍ଗି ଯାଇଛି । ଏହା ସହିତ ଏକ ବଡ଼ ଅଂଶର ପିଚୁ ତଳୁ ମାଟି ଧୋଇ ଯାଇଥିବା ମଧ୍ୟ ଦେଖିବାକୁ ମିଳିଛି । ପିଚୁର ପ୍ରାୟ ଦୁଇଫୁଟରୁ ତିନି ଫୁଟ ଭିତରକୁ ଏକ ଗୁମ୍ଫା ଭଳି ସୃଷ୍ଟି ହୋଇଛି । ଖାଲରେ କେହି ଜଣେ ବାଉଁଶ ପୋତି ବିପଦର ସୂଚନା ଦେଉଥିଲା ବେଳେ ଏହି ସ୍ଥାନରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି । ଏହି ରାସ୍ତା ଦେଇ ଦୈନିକ ଦଶରୁଉର୍ଦ୍ଧ୍ୱର୍ ବସସହିତ ଅନ୍ୟ ଭାରିଯାନ ମଧ୍ୟ ଯାତାୟାତ କରୁଛି । ଯଦି ଅସାବଧାନତାରେ ବଡ଼ ଗାଡ଼ିର ଚକ ଏହି ସ୍ଥାନରେ ପଡେ ତେବେ ଦୁର୍ଘଟଣା ସୁନିଶ୍ଚିତ । ବିଭାଗ ପକ୍ଷରୁ ଏହି ରାସ୍ତା ଉପରେ ନଜର ଦେଇ ସୃଷ୍ଟି ହୋଇଥିବା ଖାଲକୁ ପୋତିବାକୁ ସାଧାରଣରେ ଦାବି ହୋଇଛି ।

## ଜବରଦଖଲକାରୀ ଏପଟୁ ଉଠିଲେ ସେପଟେ ବସିଲେ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ପୌରାଂଚଳର ମୁଖ୍ୟ ପ୍ରବେଶପଥ ତିନିମୁହାଣୀଠାରେ ରାସ୍ତା ଉପରେ ବେଆଇନ୍ ଭାବେ ବସିଥିବା ବ୍ୟବସାୟୀଙ୍କୁ ପୂର୍ତ୍ତ ବିଭାଗ ସାଇଡ୍‌ରୁ ଉଠାଯାଇଥିଲା । ରାସ୍ତାକୁ ପ୍ରଶସ୍ତୀକରଣ କରିବା ପାଇଁ ଜବରଦଖଲକାରୀଙ୍କୁ ଉଠାଇବା ସହ ସେଠାରେ ଥିବା ପ୍ରାୟ ୨୦ ରୁ ଉର୍ଦ୍ଧ୍ୱର୍ ପୌରସଂସ୍ଥାର କେବିନ୍‌କୁ ହଟାଯାଇ ରାସ୍ତା ପ୍ରଶସ୍ତୀକରଣ କରାଯିବ ବୋଲି ପ୍ରକାଶ କରାଯାଇଥିଲା । କିନ୍ତୁ ରାସ୍ତା ପ୍ରଶସ୍ତୀକରଣ ହେବା ପରିବର୍ତ୍ତେ ଏହି ବ୍ୟବସାୟୀମାନେ ଏପଟୁ ଉଠି ଜନସ୍ୱାସ୍ଥ୍ୟ ଉପଖଣ୍ଡ କାନ୍ଥକୁ ଲାଗି ଆରପଟେ ମୁଖ୍ୟ ରାସ୍ତା ଉପରେ ଏହି ଦଖଲକାରୀମାନେ ପୁନର୍ବାର ନିଜ କବ୍‌ଜାରେ ରଖି ପୁଣି ବ୍ୟବସାୟ ମେଲେଇଛନ୍ତି । ପୌର ପ୍ରଶାସନ ଏମାନଙ୍କୁ ନ ଉଠାଇବାରୁ ଏହି ବ୍ୟବସାୟୀମାନେ ପୁନର୍ବାର ଏପଟୁ ଉଠି ସେପଟେ ମୁଖ୍ୟ ରାସ୍ତାରେ ବସି ବ୍ୟବସାୟ କରିବା ଫଳରେ ଯାତାୟତରେ ବହୁ ଅସୁବିଧା ହେବା ସହ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହି ଜବରଦଖଲକାରୀ ମାନଙ୍କୁ ସେଠାରୁ ଉଚ୍ଛେଦ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଦୁଇ ବାଇକ ମୁହାଁମୁହିଁ ଧକ୍କା, ୩ ଆହତ

ପାଣିକୋଇଲି,(ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଆଙ୍କୁଲା ରାସ୍ତାର ନମଟିକରି ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ଫଳରେ ତିନି ଜଣ ଆହତ ହୋଇଥିବା ଜଣାପଡିଛି। ପ୍ରକାଶ ଯେ ଯାଜପୁର ସଦରର ଥାନା ଅନ୍ତର୍ଗତ ବେରୁଦା ଗ୍ରାମର ତଥା ଯାଜପୁରରୋଡ ସାଇବର ଥାନାର କର୍ମଚାରୀ ସ୍ମୃତି ପ୍ରକାଶ ପଣ୍ଡା ତାଙ୍କ ବାଇକ (ଓଡି ୩୪ଏଏ ୧୨୨୨) ଯୋଗେ ଘରକୁ ଫେରୁଥିବା ବେଳେ ଯାଜପୁର ଟାଉନ ପଟୁ ଯାଜପୁର ଡାକ୍ତରଖାନାର ଦୁଇ ଜଣ ଚଣ୍ଡିଖୋଲର ସଂଜିତ ରାଉତ ଓ ଯାଜପୁରରୋଡର ବିଜୟ ପଣ୍ଡା ତାଙ୍କ ବାଇକ ( ଓଡି୦୪ଜେ ୮୪୮୮) ଯୋଗେ ଫେରୁଥିବା ବେଳେ ନମଟିକିରି ପାଖରେ ଧକ୍କା ହୋଇଥିଲା । ଫଳରେ ତିନିଜଣ ଯାକ ଆହତ ହୋଇଥିଲେ। ଖବରପାଇ ପେଟ୍ରୋଲିଂଗ ଅଧିକାରୀ ଅଶୋକ ବଳ ପହଂଚି ଗାଡିରେ ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିସାଳୟରେ ଭର୍ତି କରିଥିଲ। ଘଟଣାସ୍ଥଳେ ପୁଲିସ ପହଂଚି ବାଇକ ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ଗଛ କାଟିବା ବେଳେ ଅଘଟଣ ଗଛ ପଡ଼ି ବୃଦ୍ଧ ମୃତ

ବିଞ୍ଝାରପୁର, (ସବ୍ୟୁ):ଗଛ କାଟିବା ବେଳେ ଘଟିଲା ଅଘଟଣ । କାଟୁଥିବା ଗଛ ତଳେ ଚାପି ହୋଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ନାଉପାଳ ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି । ମୃତକ ହେଉଛନ୍ତି କଲ୍ୟାଣପୁର ରୁଦ୍ରପୁର ଗ୍ରାମର ନୀଳ ମଲ୍ଲିକ (୫୫) ।ସୂଚନା ଅନୁଯାୟୀ, ନୀଳ ମଲ୍ଲିକ ନାଉପାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ିକୁ ଗଛ କାଟିବା ପାଇଁ ଯାଇଥିଲେ । ଗଛ କାଟିବା କାର୍ଯ୍ୟ ଚାଲିଥିବା ସମୟରେ ଗଛଟି ଭାଙ୍ଗି ତାଙ୍କ ଉପରେ ପଡ଼ିଥିଲା । ଫଳରେ ଗଛ ତଳେ ଚାପି ହୋଇ ନୀଳ ଗୁରୁତର ଆହତ ହୋଇଥିଲେ । ପରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ପ୍ରଥମେ ନୀଳ ମଲ୍ଲିକଙ୍କୁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା,ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।ପରେ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନୀଳଙ୍କ ମୃତ ଶରୀରକୁ ପଠାଯାଇଛି ।

ବିଞ୍ଝାରପୁର ଅନ୍ୟପକ୍ଷରେ, ଉକ୍ତ ଗଛ କାଟିବା ପାଇଁ ବନବିଭାଗର କୌଣସି ଅନୁମତି ନିଆଯାଇନଥିବା ନେଇ ବନବିଭାଗ ଏବଂ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ ସୂଚନା ମିଳିଛି । ତେବେ ବିନା ଅନୁମତିରେ ଗଛ କାଟିବା କାର୍ଯ୍ୟ କିପରି ଚାଲିଥିଲା ଏବଂ ଏହି ଘଟଣା ପାଇଁ କିଏ ଦାୟୀ, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି ।ଘଟଣା ସମ୍ପର୍କରେ ମୃତକଙ୍କ ଭାଇ ବିଂାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି ।

## ଜ୍ଞାନେଶଙ୍କ ଗିରଫ, ନିର୍ବାଚନ ବାତିଲ୍ ଦାବିକଲା ନାଗରିକ ମଞ୍ଚ




ଭୁବନେଶ୍ୱର (ସବ୍ୟୁ) : ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଭୋଟର୍ ସଂଶୋଧନ (ଏସ ଅଇ ଆର୍) ଜରିଆରେ ତେର କୋଟି ରୁ ବେଶୀ ଭୋଟର ଙ୍କ ନାମ ବାଦ ଦେବା ଦେଶର ପବିତ୍ର ସଂବିଧାନ ଉପରେ ଆକ୍ରମଣ ବୋଲି ସୋମବାର ପୂର୍ବାହ୍ନରେ ଭୁବନେଶ୍ୱର ରେ ଆୟୋଜିତ ପ୍ରତିବାଦ ଶୋଭାଯାତ୍ରା ରେ ଓଡ଼ିଶା ନାଗରିକ ମଞ୍ଚ ଅଭିଯୋଗ କରିଛି। ମାଷ୍ଟର କ୍ୟାଣ୍ଟିନ ଛକ ଠାରୁ ରାଜମହଲ ବ୍ରିଜ୍ ପର୍ଯ୍ୟନ୍ତ ବ୍ୟସ୍ତ ବହୁଳ ଜନପଥରେ " ଭୋଟ ଚୋର ଗାଦି ଛାଡ଼" ନାରା ଦେଇ ନାଗରିକ ମଞ୍ଚ ର ଶତାଧିକ ଶୋଭାଯାତ୍ରା କାରୀ ଯାଇଥିଲେ। ଭୋଟ ଚୋରୀ ଯୋଗୁଁ ଭାରତବର୍ଷ ର ଆତ୍ମା ପବିତ୍ର ସଂବିଧାନ କ୍ଷତାକ୍ତ ହୋଇଛି ବୋଲି ତୀବ୍ର ସମାଲୋଚନା କରି ଭୋଟର ତାଲିକା ସଂଶୋଧନ ପରେ ଅନୁଷ୍ଠିତ ସମସ୍ତ ନିର୍ବାଚନ ବାତିଲ୍ ପାଇଁ ନାଗରିକ ମଞ୍ଚ ପକ୍ଷରୁ ଆବାହକ ଦେବୀପ୍ରସାଦ ପୃଷ୍ଟି ଦାବି କରିଛନ୍ତି। ଜ୍ଞାନେଶଙ୍କ ପଦ ତ୍ୟାଗ ଓ ଗିରଫ ସହ ଛାତ୍ର ନେତ୍ରୀ ସୁଶ୍ରୀ ନେହା ବୋରା ଓ ଅନ୍ୟ ସାଥୀ ଙ୍କ ଉପରେ ଦିଲ୍ଲୀ ପୋଲିସ୍ ର ବର୍ବରତା କୁ ଦେବପ୍ରସାଦ ରାୟ କଡ଼ା ଭାଷାରେ ନିନ୍ଦା କରିଛନ୍ତି।। ଦେଶବାସୀ ଜାତି ଧର୍ମ ବର୍ଣ୍ଣ ଅଂଚଳ ଭାଷା ନିର୍ବିଶେଷରେ ଏକ ହୋଇ ପ୍ରତିବାଦ କରୁଥିବା ବେଳେ ଓଡିଶାବାସୀ ରାଜରାସ୍ତାରେ ଭୋଟ ଚୋରୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ ପାଇଁ ଅନୁରୋଧ କରିଛନ୍ତି।

ଦେବପ୍ରସାଦ ରାୟ, ବିଷ୍ଣୁପ୍ରସାଦ ମିଶ୍ର, ଶିବାନନ୍ଦ ରାୟ, ପ୍ରଫେସର ଅଭୟ ରାଉତ, ଦେବୀପ୍ରସାଦ ପୃଷ୍ଟି, ଅକ୍ଷୟ ବେହେରା ଶରତ ଭୂୟାଁ, ପ୍ରଭାସ ମହାପାତ୍ର ଷ୍ଟାଲିନ ଲେଙ୍କା ପ୍ରମୁଖ ପ୍ରତିବାଦ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ତାଙ୍କ ପକ୍ଷରୁ, ବରିଷ୍ଠ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଡି), ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡରଗୁଡ଼ିକ ନିର୍ଦ୍ଦିଷ୍ଟ ତାରିଖରେ ୧୫:୦୦ ଘଟିକା ପୂର୍ବରୁ ଦାଖଲ କରାଯିବ ଏବଂ ୧୫:୩୦ ଘଟିକାରେ ଖୋଲାଯିବ । ଟେଣ୍ଡର ବିଜ୍ଞପ୍ତି ନଂ: ଟିଆରଡି/କେଜିପି/କର୍ଣ୍ଣ/୨୦୨୬-୨୭/୦୨ଆରଟି ୧, ତାରିଖ: ୩୦.୦୯.୨୦୨୬ କାର୍ଯ୍ୟର ବିବରଣୀ: ଖଡ଼ଗପୁର ଡିଭିଜନ୍ ଅଧୀନରେ ନର୍ଦ୍ଧ ପଡ଼ିଥିବା ଓଏଚଇ ମାଷ୍ଟ/ଷ୍ଟ୍ରକ୍ଚର ର ସଂଶୋଧନ/ସିଧା କରିବା, ଟେଣ୍ଡର ମୂଲ୍ୟ: ଟ. ୨,୧୬,୨୪,୩୦୫.୧୫ ଇଏମଡି: ଟ. ୪,୩୩,୫୦୦.୦୦, ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ଶୂନ୍ୟ (ଇଏମଡି) କାର୍ଯ୍ୟ ସମାପ୍ତି ଅବଧି: ୧୮ (ଅଠର) ମାସ ଦାଖଲ ତାରିଖ: ୨୬.୧୦.୨୦୨୬ ରିଖ ୧୫:୦୦ ଘଟିକା ପର୍ଯ୍ୟନ୍ତ ଖୋଲିବା ତାରିଖ: ୨୬.୧୦.୨୦୨୬ ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଓ ନିର୍ଦ୍ଦିଷ୍ଟ ବିବରଣୀ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନଲାଇନ୍ ମାଧ୍ୟମରେ ନିଜର ବିଡ୍ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ସୂଚନା: ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରିବେ । (PR-854)

**AFFIDAVIT**

By virtue of an affidavit sworn before Notary Public, Bhubaneswar. on dated. 28.09.2026. I, Ranjit Jena, S/o- Gandharba Jena, Resident of Vill- Dighi, Po- Sithalo, Ps- Niali, Dist- Cuttack, Pin- 754294. Declare that I have changed my name from Babuli Jena to Ranjit Jena. Henceforth, I shall be known as Ranjit Jena for all purposes.

Sd/- Ranjit Jena

**ZILLA SWASTHYA SAMITI, GAJAPATI**
(Department of Health & FW, Govt, of Odisha)

Advertisement No : 12//DPMUGJP Date.01/10/2026

10001/612/2627

**NOTICE**

Applications are invited from eligible candidates for empanelment of Yoga Instructor for different health institutions of Gajapati district. The details, required qualifications, age limit, format of application is hoisted in the district website i.e., www.gajapati.odisha.gov.in. Interested candidates fulfilling the eligibility criteria for the posts can apply to Chief District Medical & Public Health Officer, At/Po- Paralakhemundi, Gajapati, 761200 on or before 23.10.2026 by 05.00 PM through Registered Post/ Speed Post only and the envelope containing the application should be superscribed with the name of the post applied for. Visit the district website www.gajapati.odisha.gov.in regularly for all updates.

Sd/-
CDM & PHO-cum- District Mission Director, Gajapati

OIPR : 10001/10105/1/26-27/0005

**OFFICE OF THE NOTIFIED AREA COUNCIL, DHARMAGARH**
**DIST-KALAHANDI, PIN-766015**

13001/2037/2627

**'e'-Procurement NOTICE**

**Bid Identification No. DHM / 05 / 2026-27**

The Executive Officer on behalf of Dharmagarh NAC invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

| | | |
|---|---|---|
| 1. | Number of Civil works | 7 (Seven) numbers |
| 2. | Estimated Costs | 8.47 Lakh to 16.94 Lakh |
| 3. | Period of completion | As per NIT |
| 4. | Date and time of availability of the bid documents in the portal | From 11.00 A.M. of 30.09.2026 to 05.00 PM of 15.10.2026 |
| 5. | Last Date/ Time for receipt of bids in the portal | 05.00 PM of 15.10.2026 |
| 6. | Bids will be opened on | 11.00 AM of Dt 16.10.2026 |
| 7. | Name and address of the officer inviting bid | Executive Officer, Dharmagarh NAC |

Sd/- Executive Officer
Dharmagarh NAC

OIPR : 13001/13163/1/26-27/0018

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** SBI
ଗୃହ ଋଣ କେନ୍ଦ୍ର, ଭୁବନେଶ୍ୱର,
୪ର୍ଥ ମହଲା, ଏସ୍‌ବିଆଇ ମେନ୍ ବ୍ରାଞ୍ଚ ବିଲ୍ଡିଂ, ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯

**ରିକୋଲ୍ୟୁସନ୍ ଏଜେଣ୍ଟଙ୍କ ଡିପାନେଲମେଣ୍ଟ ସମ୍ପର୍କରେ ନୋଟିସ୍**

ଏତଦ୍ୱାରା ସୂଚିତ କରାଯାଉଛି ଯେ, **ମେସର୍ସ ମା ଭଗବତୀ ଆସୋସିଏଟ୍ସ**, ଏହାର ପରିଚାଳନା ନିର୍ଦ୍ଦେଶକ **ଶ୍ରୀ ଫକୀର ଚରଣ ବଳିଆରସିଂହଙ୍କ** ମାଧ୍ୟମରେ ପ୍ରତିନିଧିତ୍ୱ କରୁଥିବା ସଂସ୍ଥାକୁ ଅନୁମୋଦିତ ରିକଭରି ଏବଂ ସିଜର ଏଜେଣ୍ଟମାନଙ୍କ ପ୍ୟାନେଲରୁ **ତା.୨୪.୦୯.୨୦୨୬ରିଖ** ଠାରୁ ତତ୍କାଳ ପ୍ରଭାବରେ ଡିପାନେଲ/ବାଦ ଦିଆଯାଇଛି ।

**ଏହି ଅନୁଯାୟୀ:**

- ଉପରୋକ୍ତ ରିକଭରି ଏଜେନ୍ସି (RA) ବର୍ତ୍ତମାନ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ କୌଣସି ରିକଭରି ସମ୍ବନ୍ଧୀୟ କାର୍ଯ୍ୟ କରିବା ପାଇଁ ଅଧିକୃତ ନୁହେଁ ।
- ଉକ୍ତ ବ୍ୟକ୍ତି କିମ୍ବା ତାଙ୍କ ସଂସ୍ଥାର ପ୍ରତିନିଧି ବୋଲି ପରିଚୟ ଦେଇ କେହି ଯୋଗାଯୋଗ କଲେ, ତାଙ୍କ ସହିତ କେହି ଯଦି କୌଣସି କାରବାର କରନ୍ତି ସେଥିପାଇଁ ସମ୍ପୂର୍ଣ୍ଣ ଦାୟୀ ନିଜେ ରହିବେ ।
- ଜନସାଧାରଣଙ୍କୁ ପରାମର୍ଶ ଦିଆଯାଉଛି ଯେ, ଉକ୍ତ RA ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହିତ ସମ୍ପର୍କିତ ବୋଲି ଦାବି କରି କୌଣସି ଯୋଗାଯୋଗ, ଅନୁରୋଧ କିମ୍ବା ଆର୍ଥିକ କାରବାର କରନ୍ତୁ ନାହିଁ ।

ସହାୟକ ମହା ପ୍ରବନ୍ଧକ
ଗୃହ ଋଣ କେନ୍ଦ୍ର, ଭୁବନେଶ୍ୱର

ତାରିଖ: ୦୬.୧୦.୨୦୨୬

**Sambalpur Municipal Corporation**
**Sambalpur**

Email id: sambalpurm.hud@nic.in

No. 13238/ SMC /Electrical Dt. 29.09.2026

13001/2039/2627

**'e' Procurement NOTICE.**

**Bid Reference No: Electrical-S/SMC_SBP/2026-27**

**Tender ID No: 2026_ORULB_141985**

The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in.

| | | |
|---|---|---|
| 1. | Number of Electrical works | 1 (One) numbers |
| 2. | Estimated Costs | 7.89 lakhs |
| 3. | Period of completion | As per NIT |
| 4. | Date and time of availability of the bid documents in the portal | From 11.00 AM. of 30.09.2026 to 05.00 PM of 06.10.2026 |
| 5. | Last Date/ Time for receipt of bids in the portal | 05.00 PM of 06.10.2026 |
| 6. | Bids will be opened on | 11.00 AM of Dt. 07.10.2026 |
| 7. | Name and address of the officer inviting bid | Municipal Commissioner, Sambalpur Municipal Corporation, Sambalpur |

Sd/- Commissioner
Sambalpur Municipal Corporation

OIPR : 13001/13122/1/26-27/0034

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୨୦୯୫୯/ଭୁ.ଉ.କ., ଭୁବନେଶ୍ୱର ତା.୩୦.୦୯ ରିଖ
SRB-64/88

13001/2051/2627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ଫେଜ୍-୨ ପ୍ରଜେକ୍ଟ ଡେଭଲପମେଣ୍ଟ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ – **S-5/256**କୁ ଶ୍ରୀ ବିଜୟ କୁମାର ମହାନ୍ତି, ପିତା - ନରସିଂହ ଚରଣ ମହାନ୍ତି, ଗ୍ରାମ / ପୋଷ୍ଟ - ମାଣିକଘୋଡ଼ା, ଥାନା- ଗୋପ ବଡ଼, ଜିଲ୍ଲା-ପୁରୀ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଅଛି । ଆବଣ୍ଟନଗ୍ରାହୀ ବିଜୟ କୁମାର ମହାନ୍ତି ଗତ ତା.୦୫.୧୦.୨୦୨୫ ରିଖରେ ମୃତ୍ୟୁ ବରଣ କରଅଛନ୍ତି ।

(Death certificate) Registration No. 14684/2025 dated 31.10.2025.

Legal heir certificate Misc. Case No. E-LHC/2025/130144 dated 14.08.2026 ଅନୁଯାୟୀ ବିଜୟ କୁମାର ମହାନ୍ତିଙ୍କର ଉତ୍ତରାଧିକାରୀ (୧) ପ୍ରଭାସିନୀ ମହାନ୍ତି (ସ୍ତ୍ରୀ) ଓ (୨) ସମିତ କୁମାର ମହାନ୍ତି (ପୁତ୍ର) ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟ ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟ ମାଲିକାନା ସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ସ୍ୱା/- ଅବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR : 13001/13033/1/26-27/0149

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER MAYURBHANJ**
DISTRICT PROGRAMME MANAGEMENT UNIT (DPMU), NHM, Mayurbhanj, Odisha
**ZILLA SWASTHYA SAMITI, MAYURBHANJ**
Office of the CDM&PHO-cum- District Mission Director, NHM, Mayurbhanj, Odisha, 757001

Advt. No. 5129/NHM /2026-27 Dt : 5/10/26

10001/614/2627

**Tender Call Notice**

Sealed tenders are invited from the interested eligible bidders for ( **RFP for Selection of Agencies/ Firms for Operation & Management of Hand-held X-Rays for Screening of TB**") The eligible criteria, the terms of reference and the formats for submission of bid as set forth in the tender document can be downloaded from the website https://mayurbhanj. odisha.gov.in. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o: The CDM & PHO cum District Mission Director, Mayurbhanj. Proposal(s) complete in all respect should reach the undersigned on or before **5.00 PM** of **28.10.2026** through Regd.post/Speed post/ Courier and the same will be opened on **29.10.2026** at **11.30 AM**. The undersigned reserves the right to reject any or all the tender(s) without assigning any reason thereof.

Sd/- Chief District Medical & Public Health Officer
Mayurbhanj

OIPR : 10001/10020/1/26-27/0008

13001/2055/2627

**OFFICE OF THE GENERAL MANAGER, WATCO DIVISION, KATAKA.**

Telephone/e-mail/FAX: 0671-2547115/gmwatcoctc@gmail.com

**NATIONAL COMPETITIVE BIDDING THROUGH e-Procurement**

**Bid Identification No. GMWATCO (W)-11/2026-27 Dtd.01.10.2026**

| | | |
|---|---|---|
| Name of the work | : | 3 Nos. work |
| 1. Estimated cost | : | Rs.7.32 Lakh to Rs.82.66 Lakh (Approx.). |
| 2. Period of completion | : | 3 (Three) months to 6 (Six) months. |
| 3. Date & time of availability of bid document in the portal | : | From 11 A.M of dt.07.10.2026 to 5.00 P.M. of dt.14.10.2026. |
| 4. Last date / time of receipt of bids in the portal | : | 14.10.2026 up to 05.00 P.M. |
| 5. Date & time of opening of bids | : | 15.10.2026 at 12.30 P.M. |
| 6. Name and address of the Officer Inviting Bid | : | The General Manager, WATCO Division, Kataka-753003, Odisa, Ph. (0671) 2547115, email:gmwatcoctc@gmail.com |

7. The bidders have to participate in ONLINE bidding only.

Further details can be seen from the website **www.tendersodisha.gov.in**

Sd/- General Manager,
WATCO Division, Kataka

OIPR : 13001/13170/1/26-27/0012

32001/972/2627

**OFFICE OFTHE EXECUTIVE ENGINEER GROUND WATER DEVELOPMENT DIVISION IHP BUILDING,UNIT-8, DELTA SQUARE,BHUBANESWAR-751012**

[Phone No. 2561040(O), email:executiveengineerhpbbsr@gmail.com

**"e" Procurement Notice No.120 OF 2026-27 Dt. 3/10/26**

**Bid Identification No. GWD DIV-1BBSR-14/26-27**

Executive Engineer, GWD Division-I, Delta square, Unit- 8, Bhubaneswar on behalf of Hon'ble Governor of Odisha invites on-line percentage-rate tender through "e" Procurement in Single cover system for execution of the following work.

| | | | |
|---|---|---|---|
| 1 | Nature of the Work | : | Civil Work |
| 2 | Name of the Work | : | Installation of 2 nos. of Rooftop Rainwater Harvesting structures at Gopabandhu Govt. High School, Balipatana, Khordha for FY 2026-27 |
| 3 | Approximate amount put to tender | : | Rs.5.16 Lakhs (Excluding GST) |
| 4 | Period of Completion | : | 1 (ONE) Calendar Month |
| 5 | Class of Contractor | : | "C"& "D" Class Contractor |
| 6 | Date & Time of Availability of Bid document in the portal | : | Dt. 08.10.2026 at 11.00 AM to 21.10.2026 up to 11.00 AM |
| 7 | Last date & time of receipt of Bids in the Portal | : | Dt. 21.10.2026 up to 11.00 AM |
| 8 | Date, time & place of opening of Technical/ Financial Bids | : | Dt. 21.10.2026 at 11.30 AM in O/o the EE GWD Divn-I |
| 9 | Name & address of the officer inviting Bid | : | OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-IHP ADMINISTRATIVE BUILDING. UNIT-8.DELTA SQUARE. BHUBANESWAR-751012 |

Further details can be seen from the Govt, website www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd/- Executive Engineer
GWD Division-I Bhubaneswar.

OIPR : 32001/32331/1/26-27/0009

**ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ**

ଇ-ଟେଣ୍ଡର ନୋଟିସ ନଂ. ଏନଆଇଟି/୧୪/୨୬/୪୨, ତାରିଖ : ୨୨.୦୯.୨୦୨୬

| କ୍ରମିକ ନଂ. | ଟେଣ୍ଡର ନଂ. | ବିବରଣୀ | ଟେଣ୍ଡର ଶେଷ /ଖୋଲିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୨୨୬୧୧୨୦ବି | ଥିକ ସ୍ପେକ୍ ଯୁକ୍ତ ଏକ୍ସପାଣ୍ଡ କଭର (ପ୍ରତ୍ୟେକ ପ୍ରାନ୍ତରେ ୧୦୦ ମିମି ପର୍ଯ୍ୟନ୍ତ ଭରିଣୀକରା ଅନୁମୋଦିତ | ୧୫.୧୦.୨୦୨୬ ପୂର୍ବାହ୍ନ ୧୦:୩୦ | ୧୨୦୬ ସେଟ୍ |
| ୨ | ୦୮୨୬୧୫୧୨ | ସେଲ୍ ଲାଇନ୍ର ଏସଇବି୪୨ପି୭.୫ | ୧୬.୧୦.୨୦୨୬ ପୂର୍ବାହ୍ନ ୧୦:୩୦ | ୧୨୨୨୬ ନେକି |
| ୩ | ୦୪୨୬୨୪୧୧ | ବ୍ରାଇଣ୍ଡ ସକେଟ୍ ଆସେମ୍ବ୍ଲି ସହିତ ଇଣ୍ଟି କାବସ୍ଥା | ୦୮.୧୦.୨୦୨୬ ପୂର୍ବାହ୍ନ ୧୦:୩୦ | ୨୨୪ ଟି |
| ୪ | ୦୪୨୬୨୪୦୬ | ୧୧୦ ଭି ଟ୍ରେନ୍ ଲାଇଟିଂ ସିଷ୍ଟମ ପାଇଁ ୧୨ ଭି, ୨୦ଏଏଚ୍ | ୧୬.୧୦.୨୦୨୬ ପୂର୍ବାହ୍ନ ୧୦:୩୦ | ୧୮୮ ସେଟ୍ |
| ୫ | ୦୨୨୬୧୬୪୪୯ | ଏଫ୍‌ଟିଆରଟିଆରଡିଏଲ୍ ପାର୍ଟ ନଂ.୬୯୦୦୧୩୧୦୫ ଅନୁଯାୟୀ ଇ-୨୦ ବ୍ରେକ୍ ସିଷ୍ଟମ ସହାଯେ ଭଟି ରିଲେ ଭାଲଭ୍ ପାଇଁ କିଟ୍ | ୧୫.୧୦.୨୦୨୬ ପୂର୍ବାହ୍ନ ୧୦:୩୦ | ୮୧୦ ସେଟ୍ |
| ୬ | ୦୨୨୬୧୮୫୩ | କେନ୍ଦ୍ର-୯ ଲୋକୋ ପାଇଁ ଲୋକୋପାଇଲଟ୍ ଚଫଣ ୧୫ କେଜି କାପାସିଟି | ୧୪.୧୦.୨୦୨୬ ପୂର୍ବାହ୍ନ ୧୦:୩୦ | ୧୬୦ ଟି |
| ୭ | ୦୨୨୬୪୩୦୫୯ | ଡ୍ରାଫ୍ଟ ଗିଅର ବିନା ହାଇ ଟେନସିଲ୍ ଟ୍ରାକ୍ସନ ସି.ବି କପଲର | ୧୩.୧୦.୨୦୨୬ ପୂର୍ବାହ୍ନ ୧୦:୩୦ | ୧୪୬ ଟି |
| ୮ | ୦୪୨୬୧୨୨୪ବି | ପ୍ରୋଲଟେକ୍ ବ୍ରାକେଟ୍ ଇନ୍ସୁଲେଟର (ପ୍ରତ୍ୟକ୍ଷିତ କୋର) (ଆରଡିଏସ-୬୦୩୦-୧) (୧୦୫୦ମିମି ସିଡି) | ୧୩.୧୦.୨୦୨୬ ପୂର୍ବାହ୍ନ ୧୦:୩୦ | ୧୬୬୯ ଟି |
| ୯ | ୦୩୨୬୨୯୩୧ | ଡ୍ରାଇଂ ନଂ. ଅନୁଯାୟୀ ବଗି ବୋଲଷ୍ଟର କାବସ୍ଥା | ୧୨.୧୦.୨୦୨୬ ପୂର୍ବାହ୍ନ ୧୦:୩୦ | ୬୯ ଟି |
| ୧୦ | ୦୩୨୬୧୦୨୨୯ | ଇଲେକ୍ଟ୍ରନ ମୋଲଡେଡ୍ ଉଚ୍ଚ କ୍ଷମତା ସମ୍ପନ୍ନ ପରିଷ୍କାରିଟି ଏବସିଟିଏ | ୧୪.୧୦.୨୦୨୬ ପୂର୍ବାହ୍ନ ୧୦:୩୦ | ୩୮୦ ସେଟ୍ |

ଟେଣ୍ଡର ସମ୍ବନ୍ଧୀୟ ଯେକୌଣସି ସଂଶୋଧନ ଜାରି କରିବାର ଅଧିକାର ରେଳବାଇ ନିକଟରେ ସୁରକ୍ଷିତ ଅଛି । ଟେଣ୍ଡର ମାନଙ୍କ ପାଇଁ ସଂଶୋଧନ ଏବଂ ଗୁରୁତ୍ୱପୂର୍ଣ୍ଣ ସୂଚନା ଲିଙ୍କ www.ireps.gov.in. ରେ ଦେଖିବାକୁ ମିଳିପାରିବ ।

ଏଏମଏମ/୩
ଏସ.ଇ.ସି. ରେଳବାଇ, ବିଳାସପୁର

CPR/10/427

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-ଏମ୍. ଅମରେଶ କୁମାର- ୯୪୩୯୯୨୮୮୭୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଯୁବଗୋଷ୍ଠୀଙ୍କୁ ଯୋଡ଼ିଲା 'ପ୍ରଜ୍ୱଳିତ ଓଡ଼ିଶା: ୟୁଥ୍ କନେକ୍ଟ' କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଦୈନିକ ଖବରକାଗଜ 'ସମାଜ' ଶତାୟୁ ହୋଇଛି ସତ, ହେଲେ ଯୁବକ ପରି କାମ କରୁଛି। ଓଡ଼ିଶା ଯେତେବେଳେ ପରାଧୀନ ଥିଲା, ସେତେବେଳେ ଓଡ଼ିଶାକୁ ପ୍ରାକୃତିକ ଦୁର୍ବିପାକ କବଳିତ କରି ରଖୁଥିଲା। ବନ୍ୟା, ବାତ୍ୟା ପ୍ରପୀଡ଼ିତ ଲୋକେ ଭାବୁଥିଲେ, ଆମ ପାଖରେ ଆଉ କିଏ ପହଞ୍ଚୁ କି ନ ପହଞ୍ଚୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ନିଶ୍ଚିତ ପହଞ୍ଚିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। 'ସମାଜ'ର ୧୦୭ତମ ସ୍ୱନକ୍ଷତ୍ର ଦିବସ ଅବସରରେ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଟେଲିଭିଜନ ଯେତେ ୨୪ ଘଣ୍ଟିଆ ଖବର ଦେଲେ ମଧ୍ୟ ଛାପା ଗଣମାଧ୍ୟମ ତା'ର ବିଶ୍ୱସନୀୟତା ବଜାୟ ରଖିଛି। ଲୋକସେବକ ମଣ୍ଡଳର ସଭାପତି ଶ୍ରୀ ରାଜକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ, ଦେଶ ସ୍ୱାଧୀନ ହେବା ପୂର୍ବରୁ ଯେଉଁ ମହତ୍ ଉଦ୍ଦେଶ୍ୟ ରଖି ପଣ୍ଡିତ ଗୋପବନ୍ଧୁ 'ସମାଜ'ର ପ୍ରତିଷ୍ଠା କରିଥିଲେ, ତାଙ୍କ ଅବର୍ତ୍ତମାନରେ ମଧ୍ୟ 'ସମାଜ' ତାହା ପରିପୂରଣ କରି ଚାଲିଛି।

ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ଉତ୍କଳମଣିଙ୍କ ଦ୍ୱାରା ପ୍ରତିଷ୍ଠିତ ଦୈନିକ 'ସମାଜ' ପିଢ଼ି ପରେ ପିଢ଼ି ଧରି ଓଡ଼ିଆ ଜାତିକୁ ସତ୍ୟ, ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ କରି ଆସୁଛି। ସଭାପତିତ୍ୱ ଅଭିଭାଷଣରେ ଲୋକସେବକ ମଣ୍ଡଳ ସଭାପତି ଶ୍ରୀ ରାଜକୁମାର କହିଥିଲେ, ଉତ୍କଳମଣି ଗୋପବନ୍ଧୁ ଲୋକସେବକ ମଣ୍ଡଳକୁ 'ସମାଜ' ପରିଚାଳନାର ଦାୟିତ୍ୱ ଦେବା ହୁଏତ ଏହି ଖବରକାଗଜକୁ ଶତାୟୁ କରିଛି। ସ୍ୱାଧୀନତା ପୂର୍ବରୁ ଉତ୍କଳମଣି ଗୋପବନ୍ଧୁ କଲମକୁ ଜନସେବାର ସାଧନ କରିଥିଲେ। ସେହି ଆଦର୍ଶରେ ଏହା ଆଜି ବି ଚାଲିଛି। 'ସମାଜ' ଖବରକାଗଜ କେବଳ କାଗଜ ଉପରେ ଛାପା ଶବ୍ଦ ନୁହେଁ, ଲୋକତନ୍ତ୍ରର ସ୍ୱର ହେଉଛି 'ସମାଜ'। ଲୋକସେବକ ମଣ୍ଡଳର ଉପସଭାପତି ଦୀପକ ମାଳବ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ 'ସମାଜ'ର ୧୦୭ ବର୍ଷ ପଦାର୍ପଣ ସମ୍ପର୍କିତ ଲୋଗୋ, ବାର୍ଷିକ ପ୍ରସଙ୍ଗଭିତ୍ତିକ ଲୋଗୋ 'ନିଶାମୁକ୍ତ ଯୁବ ସମାଜ, ସମାଜର ପ୍ରୟାସ' ସମେତ 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ଆଗାମୀ ପୂଜା ସଂଖ୍ୟା ସହ 'ସମାଜ'ର ସ୍ୱତନ୍ତ୍ର ସ୍ୱନକ୍ଷତ୍ର ବିଶେଷାଙ୍କ ସଂଖ୍ୟା ଉନ୍ମୋଚିତ ହୋଇଥିଲା।

## ନାଲ୍‌କୋର ସିଏସ୍ଆର୍ ଏବଂ ଏଲ୍‌ଭି ପ୍ରସାଦର ମିଳିତ ପ୍ରୟାସ

# ଶୀଘ୍ର କାର୍ଯ୍ୟକ୍ଷମ ହେବ ଅନୁଗୋଳ ଚକ୍ଷୁ ଚିକିତ୍ସାଳୟ

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ 'ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍' (ନାଲକୋ) ନିଜର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଲୋକଙ୍କ ପାଇଁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହି କ୍ରମରେ, ହାଇଦ୍ରାବାଦସ୍ଥିତ 'ଏଲ୍. ଭି. ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍' ସହ ପୂର୍ବରୁ ହୋଇଥିବା ଚୁକ୍ତିନାମାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅତିରିକ୍ତ ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏହି ପଦକ୍ଷେପ ଅନୁଗୋଳସ୍ଥିତ ନାଲକୋ ନଗରରେ 'ସେକେଣ୍ଡାରୀ ପ୍ଲସ୍ ଆଇ କେୟାର ସେଣ୍ଟର' (ଚକ୍ଷୁ ଚିକିତ୍ସା କେନ୍ଦ୍ର) କାର୍ଯ୍ୟକ୍ଷମ ହେବା ଦିଗରେ ସହାୟକ ହେବ।



ଏହି ଅଞ୍ଚଳକୁ ବିଶେଷଜ୍ଞ-ସ୍ତରୀୟ ତଥା ସୁଲଭ ଚକ୍ଷୁ ଚିକିତ୍ସା ସେବା ଯୋଗାଇବା ଲକ୍ଷ୍ୟରେ ନାଲକୋ, ଏଲ୍‌ଭିପିଇଆଇ ସହଯୋଗରେ ଅନୁଗୋଳଠାରେ ଏକ ଆଧୁନିକ ଚକ୍ଷୁ ଚିକିତ୍ସା କେନ୍ଦ୍ର ପାଇଁ ଭିତ୍ତିଭୂମି ସ୍ଥାପନ କରିଥିଲା। ଭିତ୍ତିଭୂମି ସ୍ଥାପନ ପରେ ପରିଚାଳନାଗତ ସମସ୍ୟା ଯୋଗୁଁ ଏହି ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା କେନ୍ଦ୍ରର କାର୍ଯ୍ୟ ଆରମ୍ଭ ହେବାରେ ବିଳମ୍ବ ଘଟିଥିଲା। ଏହି, ପ୍ରକଳ୍ପର ଏକ ବିସ୍ତୃତ ସମୀକ୍ଷା ପରେ ନାଲକୋ ଏବଂ ହାଇଦ୍ରାବାଦସ୍ଥିତ ଏଲ୍‌ଭିପିଇଆଇ ଏକ ଅତିରିକ୍ତ ଚୁକ୍ତିନାମା ସ୍ୱାକ୍ଷର କରିବା ସହ ମୁଖ୍ୟ ପ୍ରତିବନ୍ଧକଗୁଡ଼ିକର ସମାଧାନ ଦିଗରେ ତତ୍ପରତା ପ୍ରକାଶ କରିଛନ୍ତି; ଫଳସ୍ୱରୂପ ଆଗାମୀ କିଛି ମାସ ମଧ୍ୟରେ ଏହି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ପଥ ପରିଷ୍କାର ହୋଇପାରିଛି।

ନାଲକୋ କର୍ପୋରେଟ୍ କାର୍ଯ୍ୟାଳୟରେ ନାଲକୋର ସିଏସ୍ଆର୍ ଶାଖା 'ନାଲକୋ ଫାଉଣ୍ଡେସନ୍' ଏବଂ ହାଇଦ୍ରାବାଦସ୍ଥିତ 'ଏଲ୍‌ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍' ମଧ୍ୟରେ ଏକ ଅତିରିକ୍ତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ନାଲକୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ନାଲକୋର ନିର୍ଦ୍ଦେଶକବୃନ୍ଦ, ଏଲ୍‌ଭିପିଇଆଇର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡକ୍ଟର ପ୍ରଶାନ୍ତ ଗର୍ଗ ଏବଂ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, 'ସେକେଣ୍ଡାରୀ ପ୍ଲସ୍ ଆଇ କେୟାର ସେଣ୍ଟର' ର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ନାଲକୋ ଫାଉଣ୍ଡେସନ୍ ଏବଂ ଏଲ୍‌ଭିପିଇଆଇ ମିଳିତ ଭାବେ ପ୍ରୟାସ କରିବେ। ଏହି ପ୍ରସ୍ତାବିତ କେନ୍ଦ୍ରର ପରିଚାଳନା ଦାୟିତ୍ୱ ଏଲ୍‌ଭିପିଇଆଇକୁ ପ୍ରଦାନ କରାଯାଇଛି। ଅନୁଗୋଳ ତଥା ଆଖପାଖ ଜିଲ୍ଲାର ବାସିନ୍ଦାଙ୍କ ପାଇଁ ଏହି ବହୁ-ପ୍ରତୀକ୍ଷିତ ଚକ୍ଷୁ ଚିକିତ୍ସା କେନ୍ଦ୍ର ଯଥେଷ୍ଟ ସହାୟକ ହେବ ବୋଲି ଆଶା କରାଯାଉଛି।

## ଛାତ୍ର କଂଗ୍ରେସରୁ ଲଢ଼ନ୍ତୁ ଛାତ୍ର ସଂସଦ ନିର୍ବାଚନ

# ନିରପେକ୍ଷ, ଅବାଧ ଓ ସ୍ୱଚ୍ଛ ନିର୍ବାଚନ ପାଇଁ ଦାବି

ଭୁବନେଶ୍ୱର,(ସବ୍ୟୁ) : ରାଜ୍ୟରେ ଦୀର୍ଘ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପରେ ଛାତ୍ର କଂଗ୍ରେସ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଥିବାବେଳେ, ନିର୍ବାଚନ ପ୍ରକ୍ରିୟା ଓ ସରକାରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଯାଇଛି। ନିର୍ବାଚନ ପାଇଁ ଛାତ୍ର ସଂଗଠନ ଗୁଡ଼ିକୁ ଯଥେଷ୍ଟ ସମୟ ଦିଆଯାଇନଥିବା ଅଭିଯୋଗ କରିବା ସହ ଏହା ପଛରେ ସରକାରଙ୍କ ଷଡଯନ୍ତ୍ର ରହିଥିବା ଛାତ୍ର କଂଗ୍ରେସ ଅଭିଯୋଗ କରିଛି।

ଛାତ୍ର କଂଗ୍ରେସ ସଭାପତି ବିଭୁତି ଭୂଷଣ ମହାପାତ୍ର କହିଛନ୍ତି ଯେ, ଦୀର୍ଘ ସମୟ ପରେ କ୍ୟାମ୍ପସରେ ଛାତ୍ର ନିର୍ବାଚନ ଫେରୁଛି। ଏହା କେବଳ ଏକ ନିର୍ବାଚନ ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାର, ନେତୃତ୍ୱ ବିକାଶ ଏବଂ ନିଜ ସମସ୍ୟାକୁ ନିଜେ ଉଠାଇବାର ଏକ ବଡ଼ ସୁଯୋଗ। ତେବେ ନିର୍ବାଚନ ପାଇଁ ଖୁବ କମ ସମୟ ଦିଆଯାଇଥିବାରୁ ଛାତ୍ର ସଂଗଠନ ଓ ପ୍ରାର୍ଥୀମାନେ ପ୍ରସ୍ତୁତି ପାଇଁ ଆବଶ୍ୟକ ସମୟରୁ ବଞ୍ଚିତ ହେଉଥିବା ସେ ଅଭିଯୋଗ କରିଛନ୍ତି। ଏହାକୁ ସରକାରଙ୍କ ଏକ ଯୋଜନାବଦ୍ଧ ପଦକ୍ଷେପ ବୋଲି ଅଭିଯୋଗ କରି ବିଭୁତି କହିଛନ୍ତି, ସରକାରଙ୍କ ଏହି ଷଡଯନ୍ତ୍ରକୁ ଆମେ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରୁଛୁ। ଏହି ଷଡଯନ୍ତ୍ରକୁ ସଫଳ ହେବାକୁ ଦିଆଯିବ ନାହିଁ। ପ୍ରତ୍ୟେକ କଲେଜରେ ଛାତ୍ର କଂଗ୍ରେସ ଦୃଢ଼ତାର ସହ ନିର୍ବାଚନ ଲଢ଼ିବ। ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟର ବିଭିନ୍ନ କଲେଜରେ ଦକ୍ଷ ଓ ଯୁବ ନେତୃତ୍ୱକୁ ନିର୍ବାଚନୀ ମଇଦାନକୁ ଆଣିବା ପାଇଁ ଆହ୍ୱାନ ଦିଆଯାଇଛି। ଛାତ୍ର ସମସ୍ୟା, ଶିକ୍ଷା ବ୍ୟବସ୍ଥା, କ୍ୟାମ୍ପସରେ ମୌଳିକ ସୁବିଧା, ଛାତ୍ର ସୁରକ୍ଷା ଓ ଅଧିକାର ପାଇଁ ଲଢ଼ିବାକୁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆଗେଇ ଆସି ଛାତ୍ର ସଂସଦ ନିର୍ବାଚନ ଲଢ଼ନ୍ତୁ ବୋଲି ସଂଗଠନ ଆହ୍ୱାନ ଦେଇଛି। ଏନେଇ ଛାତ୍ର କଂଗ୍ରେସ ପକ୍ଷରୁ ସୋସିଆଲ ମିଡିଆରେ ଏକ "ବାର୍ କୋର୍ଟ" ଜାରି କରି ନିର୍ବାଚନ ଲଢ଼ିବାକୁ ଇଚ୍ଛୁକ ଛାତ୍ରଛାତ୍ରୀଙ୍କୁ ସଂଗଠନ ସହ ଯୋଡ଼ିବାକୁ ଅପିଲ କରାଯାଇଛି।

## ସେଣ୍ଟ୍ ଜାଭିଅର୍ସର ଗ୍ରୁପଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ୧୪ତମ ଜାତୀୟ ସମ୍ମିଳନୀ

# ଶିକ୍ଷାର ନୂଆ ଦିଗ ଓ ଭବିଷ୍ୟତ ରଣନୀତି ଉପରେ ମାନସମନ୍ଥନ

କଟକ ,(ସବ୍ୟୁ): ସେଣ୍ଟ୍ ଜାଭିଅର୍ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ୧୪ତମ ଜାତୀୟ ସମ୍ମିଳନୀ ଭୁବନେଶ୍ୱରସ୍ଥିତ ଏକ ତାରକା ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରଭୁ ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରିନସିପାଲ, ପ୍ରଧାନଶିକ୍ଷକ/ଶିକ୍ଷୟତ୍ରୀ, ବିଦ୍ୟାଳୟର ମୁଖ୍ୟ ଶିକ୍ଷାବିତ ମାନେ ଯୋଗଦେଇ ଶିକ୍ଷାର ନୂଆ ଦିଗ ଓ ଭବିଷ୍ୟତ ରଣନୀତି ଉପରେ ଦିନ ତମାମ ମାନସମନ୍ଥନ କରିଥିଲେ। ଅଧ୍ୟକ୍ଷତା କରୁଥିବା ଡ଼କ୍ଟର ମହାନ୍ତି ଶିକ୍ଷାରେ ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ରହିଥିବା ଏସଓପି ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ବିଦ୍ୟାର୍ଥୀ ମାନଙ୍କର ନାମ ଲେଖା ବେଳେ ସିବିଏସଇ ଦ୍ୱାରା ସ୍ଥିରୀକୃତ ମାନଦଣ୍ଡ ଯଥା -ଡୋନେସନ, ଫି,ପାଠ୍ୟପୁସ୍ତକ, ସ୍କୁଲ ୟୁନିଫର୍ମ, ଅଭିଭାବକଙ୍କ ପରାମର୍ଶ ଆଦି ଉପରେ ଧ୍ୟାନ ଦେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପଣ୍ଡିତ ମାତୃପ୍ରସାଦ ମିଶ୍ର ଏହି ସମ୍ମିଳନୀକୁ ଉଦଘାଟନ କରି ଗୁରୁଙ୍କ ସାନ୍ନିଧ୍ୟରେ ଜ୍ଞାନ, ଶୃଙ୍ଖଳା ଓ ମାନବିକତାର




ବିକାଶ ହେଉଛି ଗୁରୁକୁଳ ଶିକ୍ଷାର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତି ସଂଗଠନର ଭବିଷ୍ୟତ ଲକ୍ଷ୍ୟ ସହ ଶିକ୍ଷାଗତ ଉତ୍କର୍ଷ, ଚରିତ୍ର ଗଠନ, ସୃଜନଶୀଳତା ଓ ଜୀବନଦକ୍ଷତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।ପଶ୍ଚିମବଙ୍ଗର ସେଣ୍ଟ ନିକୋଲାସ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଧନଞ୍ଜୟ ପାନ ଜାତୀୟ ଶିକ୍ଷା ନୀତି ୨୦୨୦ ନିୟମାନୁଯାୟୀ କ'ଣ ପଢ଼ାଯିବ,କିପରି ପଢ଼ାଯିବ କେଉଁ ପ୍ରକାରର ଶିକ୍ଷଣ ପଦ୍ଧତି ହେବ, ବିଦ୍ୟାର୍ଥୀଙ୍କ ମୂଲ୍ୟାଙ୍କନ କିପରି ହେବ,ଶ୍ରେଣୀ ଅନୁସାରେ ଶିକ୍ଷାର ଲକ୍ଷ୍ୟ କ'ଣ ହେବ ସେ ସଂକ୍ରାନ୍ତରେ ଦୀକ୍ଷାନ୍ତ ମତ ରଖିଥିଲେ। ଏସସିବି ଡ଼ିଏଭି ପବ୍ଲିକ ସ୍କୁଲର ପ୍ରିନସିପାଲ ନିରଞ୍ଜନ ସ୍ୱାଇଁ ସିବିଏସଇ ନିୟମାନୁଯାୟୀ ଏକାଡେମିକ୍ ଅଡିଟ୍ ସମ୍ପର୍କରେ ଆଲୋଚନା କରିଥିଲେ। ଉପାଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି ଓ ଅନ୍ୟତମ ନିର୍ଦ୍ଦେଶିକା ଆୟଶା ଦାସ ସଂଗଠନର ମିଶନ୍, ଭିଜନ୍ ଓ ଲକ୍ଷ୍ୟ ସମ୍ପର୍କରେ ଏବଂ ନିର୍ଦ୍ଦେଶକ ସମର୍ଥ ମହାନ୍ତି ବିଭିନ୍ନ ଶାଖା ମଧ୍ୟରେ ସମନ୍ୱୟ ଓ ଅଭିଜ୍ଞତା ବିନିମୟ ଉପରେ ଆଲୋଚନା କରିଥିଲେ। କଟକ, ଭୁବନେଶ୍ୱର, ବାରିପଦା, କେନ୍ଦୁଝର, ଆଠଗଡ଼ ସମେତ ବିଭିନ୍ନ ସ୍ଥାନରେ ଥିବା ୧୭ଟି ଶାଖାର ପ୍ରଧାନଶିକ୍ଷକ ଓ ମୁଖ୍ୟ ଅଧିକାରୀଙ୍କ ସହ ବିଭିନ୍ନ ରାଜ୍ୟର ପ୍ରତିନିଧିମାନେ ଯୋଗଦେଇଥିଲେ। 'ଡମ୍ବରୁ' ପକ୍ଷରୁ ଚିତ୍ରଭିତ୍ତିକ ପୁସ୍ତକ ପ୍ରଦର୍ଶନ ସହ ଶିଶୁମାନଙ୍କୁ କିଭଳି ସରଳ ଓ ଆକର୍ଷଣୀୟ ଶିକ୍ଷା ଦିଆଯାଉଛି ତାର ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା। ନୟାବଜାର ସେଣ୍ଟ୍ ଜାଭିଅର୍ସ ହାଇସ୍କୁଲର ପ୍ରିନ୍ସିପାଲ ପ୍ରଦୀପ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁପମ ଭଗତ ବକ୍ତାମାନଙ୍କୁ ସମ୍ମାନିତ କରିଥିଲେ।

## ଟ୍ରକ ଧକ୍କାରେ ମହିଳା ମୃତ

କେନ୍ଦୁଝର,(ଜିପ୍ର): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଚିଲିଦାସ୍ଥିତ ଏବିସିଡିଆର ଅଙ୍ଗିକଳା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ରବିବାର ରାତିରେ ଏକ ଅଜଣା ଟ୍ରକ ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ମାନସିକ ବିକାରଗ୍ରସ୍ତ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଟ୍ରକଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ମହିଳା ଜଣକ ରାସ୍ତା ପାର ହେଉଥିବା ସମୟରେ ଦ୍ରୁତଗତିରେ ଆସୁଥିବା ଟ୍ରକଟି ତାଙ୍କୁ ଧକ୍କା ଦେଇ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ମୃତଦେହ କ୍ଷତବିକ୍ଷତ ହୋଇପଡ଼ିଥିବାରୁ ପୋଲିସ ପକ୍ଷରୁ ତାହାକୁ ପଲିଥିନରେ ସଂଗ୍ରହ କରି ଉଦ୍ଧାର କରିଥିଲା।

## ଜିନ୍ଦଲ ଷ୍ଟେନଲେସ୍ ଏବଂ ଇଣ୍ଡିଆନ୍ ଅଏଲ୍ ମଧ୍ୟରେ

# ୫ ବର୍ଷ ପାଇଁ ଲୁବ୍ରିକାଣ୍ଟ ସହଭାଗିତାର ନବୀକରଣ

ଭୁବନେଶ୍ୱର, (ସବ୍ୟୁ): ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ କମ୍ପାନୀ ଜିନ୍ଦଲ




ଷ୍ଟେନଲେସ୍ ଏବଂ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ (ଆଇଓସିଏଲ୍) ସେମାନଙ୍କ ଲୁବ୍ରିକାଣ୍ଟ ଭେଣ୍ଡର ମ୍ୟାନେଜ୍ଡ ଇନଭେଂଟରି (ଭିଏମ୍ଆଇ) ସହଭାଗିତାକୁ ଆଉ ପାଂଚ ବର୍ଷ ପାଇଁ ନବୀକରଣ କରିଛନ୍ତି। ଏହା ଦ୍ୱାରା ଉଭୟ ସଂସ୍ଥା ମଧ୍ୟରେ ଦୀର୍ଘଦିନର ସମ୍ପର୍କ ଜାରି ରହିବା ସହ ସହଯୋଗ ଆହୁରି ମଜଭୁତ ହେବ। କମ୍ପାନୀର ହିସାର ୟୁନିଟରେ ଚୁକ୍ତି ସ୍ୱାକ୍ଷର ସମାରୋହ ଆୟୋଜିତ ହୋଇଥିଲା। ଇଣ୍ଡିଆନ୍ ଅଏଲର ଉତ୍ତରାଞ୍ଚଳ ଏବଂ ରାଜ୍ୟ ମୁଖ୍ୟ, ଡିଏସଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହେମନ୍ତ ରାଠୋର ଏବଂ ଜିନ୍ଦଲ ଷ୍ଟେନଲେସର ହିସାର ୟୁନିଟ ମୁଖ୍ୟ ବିଜୟ ବିନ୍ଦଲିଶ ଏହି ସମାରୋହକୁ ସମ୍ମାନିତ କରିଥିଲେ।

ଏ ସମ୍ପର୍କରେ ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ, ଜିନ୍ଦଲ ଷ୍ଟେନଲେସ୍ କହିଛନ୍ତି, "ଇଣ୍ଡିଆନ୍ ଅଏଲ ସହିତ ଆମର ଦୀର୍ଘଦିନର ସମ୍ପର୍କ ଗୁଣବତା, ନିର୍ଭରଯୋଗ୍ୟତା ଏବଂ ବୈଷୟିକ ଉତ୍କର୍ଷତା ଉପରେ ସମ ଗୁରୁତ୍ୱ ରଖୁଥିବା ତଥା ଦୁଇ ସଂସ୍ଥା ମଧ୍ୟରେ ନିରନ୍ତର ସହଯୋଗର ମୂଲ୍ୟକୁ ପ୍ରତିଫଳିତ କରେ। ଆଉ ପାଂଚ ବର୍ଷ ପାଇଁ ଏହି ବ୍ୟବସ୍ଥାର ନବୀକରଣ ଏହି ସମ୍ପର୍କକୁ ଆହୁରି ଦୃଢ଼ କରୁଛି ଏବଂ ଆମର ସହଯୋଗକୁ ଆହୁରି ଗଭୀର କରିବାର ସୁଯୋଗ ପ୍ରଦାନ କରୁଛି। ଶିଳ୍ପ ଆବଶ୍ୟକତା ବଦଳୁଥିବା ବେଳେ ଆମେ ଇଣ୍ଡିଆନ୍ ଅଏଲ ସହିତ ସହଯୋଗ ଜାରି ରଖିବା ଏବଂ ବୈଷୟିକ ସହଯୋଗର ନୂଆ ପଥ ଅନ୍ୱେଷଣ କରିବାକୁ ଅପେକ୍ଷା କରୁଛୁ।

## ଆର୍‌ବିଆଇ ୫୦-୭୫ ବେସିସ୍ ପଏଣ୍ଟ ସୁଧହାର ବଢ଼ାଇପାରେ: ବନ୍ଧନ ଲାଇଫ୍

ଭୁବନେଶ୍ୱର (ସବ୍ୟୁ): ବଢୁଥିବା ବ୍ୟାପକ ଆର୍ଥିକ ଚାପ ଏବଂ ଭୂ-ରାଜନୈତିକ ଅନିଶ୍ଚିତତା ମଧ୍ୟରେ, ବର୍ତ୍ତମାନର ସୁଧ ହାର ଚକ୍ରରେ ଭାରତୀୟ ରିଜର୍ଭ ବ୍ୟାଙ୍କ ନୀତିଗତ ରେପୋ ହାର ୫୦–୭୫ ବେସିସ୍ ପଏଂଟ ବଢ଼ାଇପାରେ ବୋଲିବନ୍ଧନ ଲାଇଫ୍ ଇନ୍ସୁରାନ୍ସଅନୁମାନ କରିଛି। ଆରବିଆଇ ଆମେରିକାର ଫେଡେରାଲ୍ ରିଜର୍ଭର ସୁଧ ହାର ନୀତିର ପଥକୁ ଅନୁସରଣ କରିବାର ସମ୍ଭାବନା କମ୍। କୌଣସି ନୀତିଗତ ପଦକ୍ଷେପ ଘରୋଇ ମୁଦ୍ରାସ୍ଫୀତି, ଅଭିବୃଦ୍ଧି, ତରଳତା ଏବଂ ଆର୍ଥିକ ସ୍ଥିରତା ଉପରେ ଆଧାରିତ ହେବ। ଯଦି ସୁଧ ହାର ସମ୍ବନ୍ଧୀୟ ପଦକ୍ଷେପ ଆବଶ୍ୟକ ହୁଏ, ତେବେ ଏହା କେବଳ ଫେଡ୍‌ର ସୁଧ ହାର ବୃଦ୍ଧି ତୁଳନାରେ ଘରୋଇ କାରକଗୁଡ଼ିକ ଦ୍ୱାରା ଅଧିକ ପ୍ରଭାବିତ ହେବ," ବୋଲିବନ୍ଧନଲାଇଫ୍ର ଇକ୍ୱିଟି ବିଭାଗର ସିନିୟର ଭାଇସ୍ ପ୍ରେସିଡେଂଟ ଏବଂ ମୁଖ୍ୟ ଅବିନାଶ ଅଗ୍ରୱାଲ କହିଛନ୍ତି। ଭାରତୀୟ ଇକ୍ୱିଟି ବଜାର ପାଇଁ, ବଢୁଥିବା ବିଶ୍ୱସ୍ତରୀୟ ଅନିଶ୍ଚିତତା ଏବଂ ତୁଳନାମୂଳକ ଭାବେ ଉଚ୍ଚ ମୂଲ୍ୟାୟନ ଯୋଗୁଁ ବଜାରରେ ନିର୍ଦ୍ଦିଷ୍ଟ ଷ୍ଟକ୍‌ଗୁଡ଼ିକ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ ହେବାର ସମ୍ଭାବନା ରହିଛି। ତେଣୁ, ଅଧିକ ସ୍ୱଷ୍ଟ ଆୟ ଦୃଶ୍ୟପଟ ଏବଂ ସ୍ଥାୟୀ ଅଭିବୃଦ୍ଧି ଥିବା କମ୍ପାନୀଗୁଡ଼ିକ ନିବେଶକମାନଙ୍କର ଅଧିକ ଧ୍ୟାନ ଆକର୍ଷଣ କରିବାର ସମ୍ଭାବନା ରହିଛି।

## ରୋଟାରି କ୍ଲବ ଭୁବନେଶ୍ୱର ମେଟ୍ରୋ ଦ୍ୱାରା ମେଗା ରକ୍ତଦାନ ଶିବିର

ଭୁବନେଶ୍ୱର (ସବ୍ୟୁ): ରୋଟାରି କ୍ଲବ ଅଫ ଭୁବନେଶ୍ୱର ମେଟ୍ରୋ ଓ ବିରଳା ଗ୍ଲୋବାଲ ୟୁନିଭରସିଟି ଙ୍କ ମିଳିତ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଗୋଠପାଟଣା ସ୍ଥିତ ୟୁନିଭରସିଟି ପରିସରରେ ଅନୁଷ୍ଠିତ ହୋଇ ଯାଇଅଛି। ଏମ୍ସ ରକ୍ତ ଭଣ୍ଡାର ର ଡାକ୍ତରୀ ଟିମ ରକ୍ତ ସଂଗ୍ରହ କରିଥିଲ। ଡକ୍ଟର ସୁଭେନ୍ଦୁ ପ୍ରତିହାରି ଙ୍କ ନେତୃତ୍ୱ ରେ ବି ଜିୟୁର ଏନ୍ ଏସ୍ ଏସ୍ ଟିମ୍ ଖୁବ ପରିଶ୍ରମ ଓ ଉତ୍ସାହ ସହ ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରୋଫେସର ଡ. କୁଳଭୂଷଣ ବଲୁନି ଉପସ୍ଥିତ ରହି ସମସ୍ତଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ। ରୋଟାରି ଜିଲ୍ଲା ୩୨୬୨ ର ଗଭର୍ଣ୍ଣର ଅବସର ପ୍ରାପ୍ତ ଆଇ ଏ ଏସ ରୋଟାରିଆନ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଏବଂ ଏ ଜି ରୋଟାରିଆନ କବୀ ପ୍ରସାଦ ରାଉତରାୟ ଓ ଡି ଏସ ଜି ରୋଟାରିଆନ ରସାନନ୍ଦ ରାଉତ ଅନେକ ରୋଟାରିଆନ ଓ ଇନର ହୁଇଲ ସଦସ୍ୟ ଉପସ୍ଥିତ ରହି




ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ରୋଟାରିଆନ ଡକ୍ଟର ବ୍ରଜେନ୍ଦ୍ର କୁମାର ଦାସ ଶିବିର ର ସଂଯୋଜନା କରିଥିଲେ। କ୍ଲବ ପ୍ରେସିଡେଣ୍ଟ ମିହିର କୁମାର ପଟ୍ଟନାୟକଙ୍କ ଓ ସେକ୍ରେଟାରୀ ଅନାଦି ସାହୁଙ୍କ ନେତୃତ୍‌ବରେ ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲେ। ସକାଳ ନ ଟା ଠାରୁ ଅପରାହ୍ନ ଚାରିଟା ମଧ୍ଯରେ ଶତାଧିକ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଆଉ ଅଧିକ ଛାତ୍ର ଛାତ୍ରୀ ରକ୍ତଦାନ ପାଇଁ ଇଚ୍ଛୁକ ଥିବା ଦୃଷ୍ଟିରୁ ଏକ ମାସ ପରେ ଆଉ ଏକ ଶିବିର ଆୟୋଜନ କରିବାକୁ ସ୍ଥିର କରାଯାଇଛି।

## ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାରେ

# ସବାଇ ହସ୍ତଶିଳ୍ପ ପ୍ରଶିକ୍ଷଣ ଜରିଆରେ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରୁଛି

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ସାଂସ୍କୃତିକ ପରମ୍ପରା ସହ ଗଭୀର ଭାବେ ଜଡ଼ିତ ସବାଇ ଘାସ ବୁଣାକାମ ଦଶନ୍ଧି ଧରି ଗ୍ରାମୀଣ ଲୋକଙ୍କ ଜୀବିକାର ଏକ ମୁଖ୍ୟ ଆଧାର ହୋଇଆସିଛି। ହସ୍ତନିର୍ମିତ ଓ ପରିବେଶ ଅନୁକୂଳ ସାମଗ୍ରୀର ଚାହିଦା ବଢୁଥିବା ବେଳେ ପାରମ୍ପରିକ କାରିଗରମାନେ ନୂଆ ଆର୍ଥିକ ସୁଯୋଗ ହାସଲ କରିବା ପାଇଁ ନୂତନ ପ୍ରକାରର ଉତ୍ପାଦ ଓ କୌଶଳ ଆପଣାଇବାର ସୁଯୋଗ ପାଉଛନ୍ତି। ଏହି ସମ୍ଭାବନାକୁ ଦୃଷ୍ଟିରେ ରଖି ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର କୁମୁଡ଼ାପାଲି ସବାଇ ପ୍ରଶିକ୍ଷଣ କେନ୍ଦ୍ରରେ ୬ ମାସିଆ ମୌଳିକ ସବାଇ ଘାସ ହସ୍ତଶିଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜରିଆରେ ୩୨ ଜଣ କାରିଗରଙ୍କୁ ସହାୟତା ପ୍ରଦାନ କରିଛି। ସବାଇ ଘାସ ଏକ ବହୁମୁଖୀ ପ୍ରାକୃତିକ ତନ୍ତୁ। ଏହାକୁ ହାତରେ ବୁଣି ବିଭିନ୍ନ ପ୍ରକାରର ପରିବେଶ ଅନୁକୂଳ ସାମଗ୍ରୀ, ଯଥା ଟୋକେଇ, ଦୈନନ୍ଦିନ ବ୍ୟବହାର ଉପକରଣ, ଘରସଜ୍ଜା ସାମଗ୍ରୀ ଏବଂ



ଜୀବନଶୈଳୀ ସାମଗ୍ରୀ ତିଆରି କରାଯାଇପାରେ। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି. ଚନ୍ଦ୍ରୁ କହିଛନ୍ତି, "ପାରମ୍ପରିକ ହସ୍ତଶିଳ୍ପ ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଅବିଚ୍ଛେଦ୍ୟ ଅଂଶ। ଏହା ଗ୍ରାମୀଣ ସମୁଦାୟ ପାଇଁ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବାରେ ବିପୁଳ ସମ୍ଭାବନା ରଖେ। କାରିଗରମାନଙ୍କ ଦକ୍ଷତା ବୃଦ୍ଧି ସହ ବଜାର ସହ ସେମାନଙ୍କ ସଂଯୋଗକୁ ସୁଦୃଢ଼ କରିପାରିଲେ ପରିବର୍ତ୍ତିତ ଅର୍ଥନୀତିରେ ପାରମ୍ପରିକ ହସ୍ତଶିଳ୍ପକୁ ପ୍ରାସଙ୍ଗିକ ରଖିବା ସମ୍ଭବ ହେବ। 'ବେଦକଳା' ପଦକ୍ଷେପ ଜରିଆରେ ସ୍ଥାନୀୟ ହସ୍ତଶିଳ୍ପ ପରମ୍ପରାର ସଂରକ୍ଷଣ ସହ କାରିଗରମାନଙ୍କୁ ସ୍ଥାୟୀ ଜୀବିକା ଗଢ଼ିବାରେ ସକ୍ଷମ କରିବା ପାଇଁ ଆମେ ପ୍ରତିବଦ୍ଧ।"

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବେଦାନ୍ତ ଆଲୁମିନିୟମର ସମୁଦାୟ ବିକାଶ ପଦକ୍ଷେପ 'ବେଦକଳା' ଅଧୀନରେ ଆୟୋଜିତ ହୋଇଥିଲା। ପାରମ୍ପରିକ ହସ୍ତଶିଳ୍ପର ସଂରକ୍ଷଣ ଏବଂ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ। ଝାରସୁଗୁଡ଼ାରେ ସବାଇ ଘାସ ହସ୍ତଶିଳ୍ପ, ବାଉଁଶ ହସ୍ତଶିଳ୍ପ ଓ ସଉରା ଚିତ୍ରକଳା କ୍ଷେତ୍ରରେ ୧୭୫ରୁ ଅଧିକ କାରିଗରଙ୍କୁ ଏହି ପଦକ୍ଷେପ ସହ ଯୋଡ଼ାଯାଇଛି। ଦକ୍ଷତା ବିକାଶ, ଉତ୍ପାଦର ଉନ୍ନତି ଏବଂ ବଜାର ସୁଯୋଗ ଉପଲବ୍ଧ କରାଇବା ଜରିଆରେ କାରିଗରମାନଙ୍କ ଜୀବିକାର ସୁଯୋଗ ବଢ଼ାଇବା ସହ ସ୍ଥାନୀୟ କଳା ଓ ପରମ୍ପରାକୁ ଜୀବନ୍ତ ରଖିବା ଉପରେ ଏହି ପଦକ୍ଷେପ ଗୁରୁତ୍ୱ ଦେଉଛି। କୁମୁଡ଼ାପାଲି ଗାଁର ସବାଇ ଘାସ ହସ୍ତଶିଳ୍ପ ପ୍ରଶିକ୍ଷଣର ଅନ୍ୟତମ ଅଂଶଗ୍ରହଣକାରୀ ମୀନା ପିଙ୍ଗ କହିଛନ୍ତି, "ସବାଇ ଘାସ ବୁଣାକାମ ପିଢ଼ି ପରେ ପିଢ଼ି ଆମ ଜୀବନର ଅଂଶ ହୋଇଆସିଛି। ଏହି ପ୍ରଶିକ୍ଷଣ ଆମକୁ ପାରମ୍ପରିକ ଭାବେ ମିଳିଥିବା ଦକ୍ଷତାକୁ ଆହୁରି ବିକଶିତ କରିବାରେ ସହାୟତା କରିଛି। ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାରେ ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ଉଦ୍ୟମିତା ଏବଂ ସାଂସ୍କୃତିକ ସଂରକ୍ଷଣ ଭଳି କ୍ଷେତ୍ରକୁ କେନ୍ଦ୍ର କରି ବିଭିନ୍ନ ସମାବେଶୀ ବିକାଶମୂଳକ ପଦକ୍ଷେପ ଜାରି ରଖିଛି। ଏହାର ବ୍ୟାପକ ସମୁଦାୟ ବିକାଶ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା ଓ ଛତିଶଗଡ଼ର ୧୦ ଲକ୍ଷରୁ ଅଧିକ ଲୋକ ଉପକୃତ ହେଉଛନ୍ତି।

## ବିନାୟକ ରଥଙ୍କ ପୁସ୍ତକ 'କିଛି କଥା, କିଛି ବ୍ୟଥା ' ଲୋକାର୍ପିତ

ଭୁବନେଶ୍ୱର (ସବ୍ୟୁ): ଲେଖକ ବିନାୟକ ରଥଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ "କିଛି କଥା କିଛି ବ୍ୟଥା"ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲେଖକ ନିଜର ଦୀର୍ଘ ବର୍ଷର ପ୍ରଶାସନିକ ଓ ସାମାଜିକ ଅଭିଜ୍ଞତାକୁ ଆଧାର କରି ନିଜେ ପ୍ରତ୍ୟକ୍ଷ କରିଥିବା ଭିନ୍ନ ଭିନ୍ନ ବିଷୟବସ୍ତୁକୁ ସ୍ଥାନିତ କରିଛନ୍ତି। ବରିଷ୍ଠ ଅଧିବକ୍ତା ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱ ତଥା ସଞ୍ଚାଳନରେ ଆୟୋଜିତ ଉତ୍ସବରେ ବିଶିଷ୍ଟ କଥାକାର ତଥା ଗବେଷକ କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ପରିବର୍ତ୍ତନରେ ଏହିଭଳି ଅଧିକରୁ ଅଧିକ ସଚେତନତାମୂଳକ ପୁସ୍ତକ ପ୍ରକାଶ ପାଇବା ଉଚିତ ବୋଲି କହିଥିଲେ। ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର ଯୋଗଦେଇ କହିଥିଲେ କି, ସମାଜର ବିଭିନ୍ନ ବର୍ଗର ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତି




ନିଜ ନିଜର ଅନୁଭୂତିକୁ ପୁସ୍ତକ ମାଧ୍ୟମରେ ପ୍ରକାଶ କଲେ, ପରପିଢୀ ଅତୀତକୁ ସମୀକ୍ଷା କରି ଭବିଷ୍ୟତକୁ ସୁବ୍ୟବସ୍ଥିତ କରିବାର ସୁଯୋଗ ପାଇପାରନ୍ତେ। ଏହି ଅବସରରେ ଲେଖକ ଶ୍ରୀ ରଥ , ପୁସ୍ତକ ପ୍ରକାଶନ ସମ୍ବନ୍ଧୀୟ ଘଟଣାବଳୀର ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ପାଲାକାର ସୁଦର୍ଶନ ମହାପାତ୍ର ଅଭିଭାଷଣ ରଖି ଥିବା ବେଳେ ପୁସ୍ତକର ପ୍ରକାଶକ କାଦମ୍ବିନୀ ରଥ ସ୍ୱାଗତଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ବହୁ ବିଶିଷ୍ଟ ସାମ୍ବାଦିକ, ସାହିତ୍ୟିକ, ଆଇନଜୀବୀ ଓ ବୁଦ୍ଧିଜୀବୀ ମାନେ ଯୋଗଦେଇ ଥିଲାବେଳେ ଲେଖକଙ୍କ ପରିବାରବର୍ଗ ଉତ୍ସବକୁ ପରିଚାଳନା କରିଥିଲେ।

## ଫ୍ଲାଏଦୁବାଇ ଘଟଣା

# ଓମାନୀ ସହ-ପାଇଲଟଙ୍କୁ ମିଳୁ ମୃତ୍ୟୁଦଣ୍ଡ

ଆବୁଧାବି : ଫ୍ଲାଏଦୁବାଇ ବିମାନରେ ହୋଇଥିବା ବିଫଳ ଆତଙ୍କବାଦୀ ଆକ୍ରମଣ ମାମଲାରେ ଓମାନୀ ସହ-ପାଇଲଟ୍ ହାମାମ ଅଲ-ହାମାମିଙ୍କ ବିରୋଧରେ ସର୍ବାଧିକ କଠୋର ଦଣ୍ଡ, ଏପରିକି ମୃତ୍ୟୁଦଣ୍ଡ ଦେବାକୁ ୟୁଏଇ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି ।ସେପ୍ଟେମ୍ବର ୩୦ରେ ଦୁବାଇରୁ ତେଲ୍ ଆଭିଭ୍ ଯାଉଥିବା ଫ୍ଲାଏଦୁବାଇର FZ1073 ବିମାନରେ ହାମାମି ଭାରତୀୟ କ୍ୟାପଟେନ୍ ସ୍ମିତ ମଛାରଙ୍କୁ କକ୍‌ପିଟରେ ଥିବା ଆପାତକାଳୀନ କୁରାଢ଼ିରେ ଆକ୍ରମଣ କରି ବିମାନର ନିୟନ୍ତ୍ରଣ ନେବାକୁ ଚେଷ୍ଟା କରିଥିଲେ।




ଏହି ସମୟରେ ଯାତ୍ରୀ ଓ କ୍ରୁ ସଦସ୍ୟମାନେ ହସ୍ତକ୍ଷେପ କରି ତାଙ୍କୁ କାବୁ କରିଥିଲେ। ପରେ ବିମାନଟି ସାଉଦି ଆରବର ତାବୁକରେ ଜରୁରୀକାଳୀନ ଅବତରଣ କରିଥିଲା।

ୟୁଏଇ କର୍ତ୍ତୃପକ୍ଷ ଏହି ଘଟଣାକୁ ଆତଙ୍କବାଦୀ ଆକ୍ରମଣ ବୋଲି ବର୍ଣ୍ଣନା କରିଛନ୍ତି। ହାମାମିଙ୍କୁ ପ୍ରଥମେ ସାଉଦି ଆରବରେ ଅଟକ ରଖାଯାଇଥିଲା ଏବଂ ପରେ ୟୁଏଇକୁ ହସ୍ତାନ୍ତର କରାଯାଇଥିଲା। ତଦନ୍ତକାରୀମାନେ ସେ ଏକାକୀ ଏହି ଆକ୍ରମଣର ଯୋଜନା କରିଥିଲେ କି ତାଙ୍କ ପଛରେ କୌଣସି ଚରମପନ୍ଥୀ ନେଟୱର୍କ ଥିଲା, ତାହା ଖୋଜୁଛନ୍ତି।

ରିପୋର୍ଟ ଅନୁସାରେ, ହାମାମି ପୂର୍ବରୁ ଓମାନ୍ ଏୟାରରେ କାମ କରୁଥିଲେ। ଚରମପନ୍ଥୀ ୱେବସାଇଟ୍ ପ୍ରତି ତାଙ୍କ ଆଗ୍ରହ ନେଇ ଚିନ୍ତା ପ୍ରକାଶ ପାଇବା ପରେ ଓମାନ୍ କର୍ତ୍ତୃପକ୍ଷ ତାଙ୍କୁ ବିମାନ ଉଡ଼ାଣରୁ ବାରଣ କରିଥିବା ଖବର ରହିଛି। ପରେ ସେ ଡି-ରାଡିକାଲାଇଜେସନ୍ କାର୍ଯ୍ୟକ୍ରମରେ ଥିଲେ ଏବଂ ଡେସ୍କ ଜବରେ ନିଯୁକ୍ତ ହୋଇଥିଲେ। ଏହାପରେ ଚଳିତ ବର୍ଷ ଫେବୃଆରୀରେ ସେ ଫ୍ଲାଏଦୁବାଇରେ ଯୋଗ ଦେଇଥିବା ଜଣାପଡ଼ିଛି। ତଦନ୍ତରେ ତାଙ୍କ ପୂର୍ବ ରେକର୍ଡ, ଅନଲାଇନ୍ କାର୍ଯ୍ୟକଳାପ ଓ ବିମାନ ଚାଳନା ସମ୍ପର୍କିତ ଇତିହାସ ଯାଞ୍ଚ କରାଯାଉଛି। ୟୁଏଇର ତଦନ୍ତରେ ଇସ୍ରାଏଲୀ ଗୁଇନ୍ଦା ଅଧିକାରୀ ଓ ବିମାନ ଚଳାଚଳ ବିଶେଷଜ୍ଞମାନେ ମଧ୍ୟ ସହଯୋଗ କରୁଥିବା ରିପୋର୍ଟ ରହିଛି।

# କ୍ୟାପଟେନ୍ ମଛାରଙ୍କୁ ପୁରସ୍କାରର ସୁଅ

ନୂଆଦିଲ୍ଲୀ: ଫ୍ଲାଇଦୁବାଇର ଫ୍ଲାଇଟ୍ ଏଫଜେଡ୧୦୭୩ରେ ନିଜ ଜୀବନକୁ ବିପଦରେ ପକାଇ ୧୭୪ ଜଣ ଯାତ୍ରୀଙ୍କ ଜୀବନ ବଞ୍ଚାଇଥିବା ଭାରତୀୟ ପାଇଲଟ୍ କ୍ୟାପଟେନ୍ ସ୍ମିତ ମଛାରଙ୍କ ସାହସ ଚର୍ଚ୍ଚାର ବିଷୟ ପାଲଟିଛି। କଠିନ ପରିସ୍ଥିତିରେ ବିମାନକୁ ନିୟନ୍ତ୍ରଣରେ ରଖିଥିବା ସ୍ମିତଙ୍କୁ ଏବେ ପ୍ରଶଂସା ଓ ସମ୍ମାନ ସହିତ ଲକ୍ଷ ଲକ୍ଷ ଟଙ୍କାର ପୁରସ୍କାର ମଧ୍ୟ ପ୍ରଦାନ କରାଯାଉଛି। ସ୍ମିତଙ୍କ ସାହସ, ଧୈର୍ଯ୍ୟ ଏବଂ ବିପଦ ସମୟରେ ନେଇଥିବା ନିଷ୍ପତ୍ତିକୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି। ମ୍ୟାନକାଇଣ୍ଡ ଫାର୍ମା ସହିତ ଗୁଜରାଟ ସରକାର ଏବଂ ଜଣେ ରାଜ୍ୟସଭା ସାଂସଦ ମଧ୍ୟ ତାଙ୍କ ପାଇଁ ନଗଦ ପୁରସ୍କାର ଘୋଷଣା କରିଛନ୍ତି।

ସ୍ମିତ ମଛାରଙ୍କୁ ସବୁଠାରୁ ବଡ଼ ନଗଦ ପୁରସ୍କାର ମ୍ୟାନକାଇଣ୍ଡ ଫାର୍ମା ପକ୍ଷରୁ ମିଳିଛି। କମ୍ପାନି ତାଙ୍କ ଏବଂ ତାଙ୍କ ପରିବାର ପାଇଁ ୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛି। କମ୍ପାନି କହିଛି ଯେ ସ୍ମିତ ନିଜ ଜୀବନର ଚିନ୍ତା ନକରି କ୍ରୁ ସଦସ୍ୟ ଏବଂ ଯାତ୍ରୀମାନଙ୍କ



ସୁରକ୍ଷାକୁ ପ୍ରାଥମିକତା ଦେଇଛନ୍ତି। ଏହା ତାଙ୍କ ଦାୟିତ୍ୱବୋଧର ଏକ ଉଦାହରଣ । ସ୍ମିତ ମଛାର ମୂଳତଃ ଗୁଜରାଟର ବାସିନ୍ଦା। ତାଙ୍କ ସାହସକୁ ଦୃଷ୍ଟିରେ ରଖି ଗୁଜରାଟ ସରକାର ତାଙ୍କୁ 'ବିଶିଷ୍ଟ ଗୁଜରାଟ ଗରିମା ପୁରସ୍କାର' ଦେବାକୁ ଘୋଷଣା କରିଛନ୍ତି। ଏହା ସହିତ ସରକାର ତାଙ୍କୁ ୨୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ଦେବାକୁ ମଧ୍ୟ ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଅକ୍ଟୋବର ୧ ତାରିଖରେ ଏନେଇ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ରାଜ୍ୟସଭା ସାଂସଦ ବିକ୍ରମଜିତ ସିଂହ ସାହନୀ (ସନ୍ ଫାଉଣ୍ଡେସନ୍) ମଧ୍ୟ ସ୍ମିତ ମଛାରଙ୍କ ପାଇଁ ୨୫ ଲକ୍ଷ ଟଙ୍କାର 'ସ୍ମିତ ମଛାର ଶୌର୍ଯ୍ୟ ପୁରସ୍କାର' ଘୋଷଣା କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ମିତଙ୍କୁ ଜାତୀୟ ସ୍ତରର ବୀରତା ପୁରସ୍କାର ଦେବାକୁ ମଧ୍ୟ ଦାବି କରିଛନ୍ତି। ଏହା ସହିତ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ପାଇଲଟ୍ସ ଏବଂ ଅନ୍ୟ ଜନପ୍ରତିନିଧିମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସ୍ମିତଙ୍କୁ ଜାତୀୟ ବୀରତା ପୁରସ୍କାର କିମ୍ବା ଅଶୋକ ଚକ୍ର ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।

## ଚୀନର ମହିଳା ଗୁପ୍ତଚରଙ୍କୁ ଗିରଫ କଲା ଏଫବିଆଇ

ୱାଶିଂଟନ: ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ, ଏଫବିଆଇ ଜଣେ ଚୀନ୍ ଗୁପ୍ତଚର ମହିଳାଙ୍କୁ ଗିରଫ କରିଛି । ତାଙ୍କ ବିରୋଧରେ ଆମେରିକାରେ ଚୀନ୍ ପାଇଁ ଗୁପ୍ତଚରୀ କାର୍ଯ୍ୟ କରିବାର ଅଭିଯୋଗ ଆସିଛି । କାଲିଫର୍ନିଆର ଇରଭାଇନର ୩୪ ବର୍ଷୀୟା ୱାନିଙ୍ଗ୍ ଜେଡଙ୍କୁ ଲସ୍ ଆଞ୍ଜେଲସ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅଟକ ରଖାଯାଇଥିଲା । ସେ ଚୀନ୍ ଯିବାକୁ ଏକ ବିମାନରେ ଚଢ଼ିବାକୁ ଯାଉଥିଲେ । ତାଙ୍କ ବିରୋଧରେ ଆମେରିକାରେ ଚୀନ୍ ପାଇଁ ଜଣେ ପଞ୍ଜିକୃତ ବିଦେଶୀ ଏଜେଣ୍ଟ ଭାବରେ କାର୍ଯ୍ୟ କରିବାର ଅଭିଯୋଗ ହୋଇଛି ।ଆମେରିକାର ଆଇନଜୀବୀ ବିଲ୍ ଏସ୍ସଲିଙ୍କ ଅନୁଯାୟୀ, ମହିଳା ଜଣକ ୨୦୨୫ ମସିହାରେ ସିଆଟେଲ ଯାତ୍ରା କରିଥିଲେ। ଚୀନ୍ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ତାଙ୍କ ଉପରେ ତାଇୱାନର ଜଣେ ସରକାରୀ ଅଧିକାରୀଙ୍କ ନିକଟ ସମ୍ପର୍କୀୟଙ୍କ ଉପରେ ନଜର ରଖିବାର ଅଭିଯୋଗ ରହିଛି । ତଦନ୍ତକାରୀମାନେ କହିଛନ୍ତି ଯେ, ସେ ଚୀନ୍ କର୍ତ୍ତୃପକ୍ଷଙ୍କୁ ଫଟୋଗ୍ରାଫ୍, ଭିଡିଓ ଏବଂ ଯାନବାହାନ ଲାଇସେନ୍ସ ପ୍ଲେଟର ସୂଚନା ପଠାଇଥିଲେ । ଏହା ମଧ୍ୟ ଅଭିଯୋଗ ହୋଇଛି ଯେ ସେ ଜଣେ ସହଯୋଗୀଙ୍କ ସହିତ ଯାତ୍ରା ଯୋଜନା କରିଥିଲେ ଏବଂ ତାଙ୍କର କାର୍ଯ୍ୟକଳାପକୁ ଲୁଚାଇବା ପାଇଁ ବିଶେଷ ପଦ୍ଧତିର ବ୍ୟବହାର କରିଥିଲା ଅଭିଯୋଗ ହୋଇଛି ।




# ମେଡିସିନ୍‌ରେ ୩ ବୈଜ୍ଞାନିକଙ୍କୁ ନୋବେଲ

ନୂଆଦିଲ୍ଲୀ, : ମସ୍ତିଷ୍କରେ ବ୍ୟକ୍ତିଗତ ସ୍ନାୟୁକୋଷ କିପରି ସକ୍ରିୟ କିମ୍ବା ନିଷ୍କ୍ରିୟ ହୁଏ, ସେ ସମ୍ପର୍କିତ ଗବେଷଣା ପାଇଁ ୨୦୨୬ର ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର ୩ ବୈଜ୍ଞାନିକଙ୍କୁ ପ୍ରଦାନ କରାଯାଇଛି । ସେମାନେ ହେଲେ କାର୍ଲ ଡିସେରୋଥ୍, ପିଟର ହେଗେମାନ୍ ଓ ଜର୍ଜ ନାଗେଲ୍।

ଲାଇଟ୍-ଗେଟେଡ୍ ଆୟନ୍ ଚ୍ୟାନେଲ୍ ଏବଂ ଅପ୍ଟୋଜେନେଟିକ୍ସ କ୍ଷେତ୍ରରେ ଗବେଷଣା ପାଇଁ ସେମାନଙ୍କୁ ଏହି ସମ୍ମାନ ଦିଆଯାଇଛି । କାର୍ଲ ଡିସେରୋଥ୍ ଆମେରିକାର ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ଏବଂ ପିଟର ହେଗେମାନ୍ ଓ ଜର୍ଜ ନାଗେଲ୍ ଜର୍ମାନୀର ହମ୍‌ବୋଲ୍ଟ ବିଶ୍ୱବିଦ୍ୟାଳୟ ଓ ୱୁର୍ଜବର୍ଗ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ।



ନୋବେଲ ଆସେମ୍ବ୍ଲି କହିଛି ଯେ ଏହି ଗବେଷଣା ମସ୍ତିଷ୍କର ରହସ୍ୟ ଉନ୍ମୋଚନ ପାଇଁ ବିଶ୍ୱର ବିଭିନ୍ନ ପରୀକ୍ଷାଗାରରେ ବ୍ୟବହୃତ ହେଉଛି । ଅପ୍ଟୋଜେନେଟିକ୍ସ ମାଧ୍ୟମରେ ଆଲୋକର ନିୟନ୍ତ୍ରଣରେ ମସ୍ତିଷ୍କର ସ୍ନାୟୁକୋଷ ଓ ସ୍ନାୟୁ ସର୍କିଟ୍‌କୁ ସକ୍ରିୟ କିମ୍ବା ନିଷ୍କ୍ରିୟ କରି ଏହାର କାର୍ଯ୍ୟପ୍ରଣାଳୀ ବୁଝିବା ସମ୍ଭବ ହୋଇଛି ।

ଗବେଷଣାର ଆରମ୍ଭରେ ପିଟର ହେଗେମାନ୍ ଏକକୋଷୀୟ ସବୁଜ ଶୈବାଳ ଆଲୋକ ଆଡ଼କୁ କିପରି ଗତି କରେ, ତାହା ଅଧ୍ୟୟନ କରିଥିଲେ । ପରେ ହେଗେମାନ୍ ଓ ନାଗେଲ୍ ଏକ ବିଶେଷ ପ୍ରୋଟିନ୍ ଆବିଷ୍କାର କରିଥିଲେ, ଯାହା ନୀଳ ଆଲୋକ ପଡ଼ିଲେ ଏକ ଚ୍ୟାନେଲ୍ ଖୋଲି ଦେଇ ବିଦ୍ୟୁତ୍ ସଙ୍କେତ ସୃଷ୍ଟି କରେ। ଏହି ପ୍ରୋଟିନ୍‌କୁ ଅନ୍ୟ କୋଷରେ ସ୍ଥାପନ କଲେ ସେଗୁଡ଼ିକ ଆଲୋକ ସମ୍ବେଦନଶୀଳ ହୋଇଯାଏ। ଏହାକୁ ଆଧାର କରି କାର୍ଲ ଡିସେରୋଥ୍ ଉକ୍ତ ପ୍ରୋଟିନ୍‌କୁ ନିୟନ୍ତ୍ରଣ କରୁଥିବା ଜିନ୍ ଉପରେ କାମ କରି ଜୀବନ୍ତ ମୂଷାର ମସ୍ତିଷ୍କର ସ୍ନାୟୁକୋଷକୁ ଆଲୋକ ମାଧ୍ୟମରେ ନିୟନ୍ତ୍ରଣ କରିବାର ପଦ୍ଧତି ବିକଶିତ କରିଥିଲେ।

ଷ୍ଟକହୋମ୍‌ର କାରୋଲିନ୍‌ସ୍କା ଇନ୍‌ଷ୍ଟିଚ୍ୟୁଟ୍‌ରେ ଏହି ପୁରସ୍କାର ଘୋଷଣା କରାଯାଇଛି। ଚଳିତ ବର୍ଷ ନୋବେଲ ପୁରସ୍କାରର ଅର୍ଥରାଶି ୧୧ ନିୟୁତ ସ୍ୱିଡିଶ୍ କ୍ରୋନା, ଯାହାର ମୂଲ୍ୟ ପ୍ରାୟ ୧୨ ଲକ୍ଷ ଆମେରିକୀୟ ଡଲାର। ଚିକିତ୍ସା ପରେ ମଙ୍ଗଳବାର ପଦାର୍ଥ ବିଜ୍ଞାନ, ବୁଧବାର ରସାୟନ ବିଜ୍ଞାନ ଏବଂ ଗୁରୁବାର ସାହିତ୍ୟ ନୋବେଲ ଘୋଷଣା ହେବ। ଶୁକ୍ରବାର ଶାନ୍ତି ନୋବେଲ ଏବଂ ଅକ୍ଟୋବର ୧୨ରେ ଅର୍ଥନୀତି ବିଜ୍ଞାନର ନୋବେଲ ସ୍ମାରକୀ ପୁରସ୍କାର ଘୋଷଣା କରାଯିବ।

# ସୁପ୍ରିମ୍‌କୋର୍ଟରେ ୩ ନୂଆ ଜଜ୍

ନୂଆଦିଲ୍ଲୀ, : ସୁପ୍ରିମ୍‌କୋର୍ଟରେ ୩ ନୂଆ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଛି । ନୂଆ ବିଚାରପତିମାନେ ହେଉଛନ୍ତି ଜଷ୍ଟିସ୍ ସୁନିତା ଅଗ୍ରୱାଲ, ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଓ ଜଷ୍ଟିସ୍ ଅପରେସ୍ କୁମାର ସିଂ । ସୁପ୍ରିମ୍‌କୋର୍ଟର କଲେଜିୟମ୍ ସେପ୍ଟେମ୍ବର ୨୮ରେ ଏହି ୩ ଜଣଙ୍କ ନାମ ସୁପ୍ରିମ୍‌କୋର୍ଟ ବିଚାରପତି ଭାବେ ନିଯୁକ୍ତି ଲାଗି ସୁପାରିଶ କରିଥିଲେ । ପରେ କେନ୍ଦ୍ର ସରକାର ଏହାକୁ ମଞ୍ଜୁର କରିଥିବାବେଳେ ରାଷ୍ଟ୍ରପତି ମଧ୍ୟ ଅନୁମୋଦନ କରିଛନ୍ତି ।

ଜଷ୍ଟିସ୍ ସୁନୀତା ଅଗ୍ରୱାଲ ପୂର୍ବରୁ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ । ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ତୁଲାଇଥିଲେ । ଜଷ୍ଟିସ୍ ଅପରେସ୍ କୁମାର ସିଂ ତେଲେଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ରହିଥିଲେ । ଜଷ୍ଟିସ୍ ସୁନୀତା ଅଗ୍ରୱାଲ ସୁପ୍ରିମ୍‌କୋର୍ଟରେ



ଯୋଗ ଦେବାପରେ ମହିଳା ବିଚାରପତିଙ୍କ ସଂଖ୍ୟା ୩କୁ ବୃଦ୍ଧି ପାଇବ । ଏହି ୩ ବିଚାରପତିଙ୍କ ନିଯୁକ୍ତି ସହ ସୁପ୍ରିମ୍‌କୋର୍ଟରେ ଜଜ୍‌ଙ୍କ ସଂଖ୍ୟା ୩୪ ରୁ ବଢ଼ି ୩୭ ହୋଇଛି । ଅନୁମୋଦିତ ୩୮ ପଦ ମଧ୍ୟରୁ ଗୋଟିଏ ପଦ ଖାଲି ରହିଛି ।

## ଜ୍ଞାନେଶଙ୍କୁ ରାହୁଲଙ୍କ ଟାର୍ଗେଟ୍

# ଏକତରଫା ଭାବେ ଫର୍ମ-୬ର ପରିବର୍ତ୍ତନ ହୋଇଛି

ନୂଆଦିଲ୍ଲୀ, : ପରିବର୍ତ୍ତିତ ଫର୍ମ-୬କୁ ସୁପ୍ରିମକୋର୍ଟ ଅନୁମୋଦନ କରିନଥିବା ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ମନ୍ତବ୍ୟ ପରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପୁଣି ଟାର୍ଗେଟ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ଜ୍ଞାନେଶ କୁମାର ଫର୍ମ-୬ରେ ଆଇନବିରୋଧୀ ଓ ଏକତରଫା ଭାବେ ପରିବର୍ତ୍ତନ କରିଥିବା ରାହୁଲ ଅଭିଯୋଗ କରିଛନ୍ତି।



ରାହୁଲ ଗାନ୍ଧୀ ନିଜ ସୋସିଆଲ ମିଡିଆ ପୋଷ୍ଟରେ ନିର୍ବାଚନ କମିଶନଙ୍କ ସେପ୍ଟେମ୍ବର ୨୬ର ଏକ ବିବୃତି ମଧ୍ୟ ସେୟାର କରିଛନ୍ତି। ସେଥିରେ ଏସ୍ଆଇଆର୍ ପାଇଁ ଫର୍ମ-୬ ସହ ଯୋଡ଼ାଯାଇଥିବା ଘୋଷଣାକୁ ସୁପ୍ରିମକୋର୍ଟ ଅନୁମୋଦନ କରିଥିବା କମିଶନ ଦାବି କରିଥିଲା। ରାହୁଲଙ୍କ ଅଭିଯୋଗ ଅନୁଯାୟୀ, ଫର୍ମ-୬ରେ ପରିବର୍ତ୍ତନ କରିବା ଘଟଣା ଏବେ ସନ୍ଦେହାତୀତ ଭାବେ ପ୍ରମାଣିତ ହୋଇଛି। ତାଙ୍କ ମତରେ, ଏହା ନିର୍ବାଚନ କମିଶନ ମୁଖ୍ୟଙ୍କ ପଦର ଦୁରୁପଯୋଗର ଆଉ ଏକ ଉଦାହରଣ। ଏହି ଅଭିଯୋଗଗୁଡ଼ିକ ରାହୁଲ ଗାନ୍ଧୀ ଓ କଂଗ୍ରେସର ରାଜନୈତିକ ଦାବି ଭାବେ ଉଲ୍ଲେଖ କରାଯାଇଛି

ସେପ୍ଟେମ୍ବର ୨୬ରେ ନିର୍ବାଚନ କମିଶନ କହିଥିଲା ଯେ ଏସ୍ଆଇଆର୍ ସମୟରେ ଫର୍ମ-୬ ସହ ଯୋଡ଼ାଯାଇଥିବା ଘୋଷଣାକୁ ସୁପ୍ରିମକୋର୍ଟ ଅନୁମୋଦନ କରିଛନ୍ତି। କିନ୍ତୁ ସୋମବାର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ସ୍ପଷ୍ଟ କରିଛନ୍ତି ଯେ କୌଣସି ପରିବର୍ତ୍ତିତ ଫର୍ମ-୬କୁ ସୁପ୍ରିମକୋର୍ଟ ଅନୁମୋଦନ କରିନାହାନ୍ତି। ଏହାପରେ କଂଗ୍ରେସ ନେତାମାନେ ଜ୍ଞାନେଶ କୁମାରଙ୍କୁ ନେଇ ନିଜର ଆକ୍ରମଣ ଜୋରଦାର କରିଛନ୍ତି। ପ୍ରିୟଙ୍କା ଗାନ୍ଧୀ ଏସ୍ଆଇଆର୍ ମାଧ୍ୟମରେ ଭୋଟରଙ୍କ ନାମ ବାଦ୍ ଦେବାକୁ ନେଇ ପ୍ରଶ୍ନ ଉଠାଇଥିବାବେଳେ, ଜୟରାମ ରମେଶ ନିର୍ବାଚନ କମିଶନ ଉପରେ ଜନସାଧାରଣଙ୍କ ବିଶ୍ୱାସ ପୁନଃସ୍ଥାପନ ପାଇଁ ସୁପ୍ରିମକୋର୍ଟଙ୍କ ନିକଟରେ ସୁଯୋଗ ରହିଛି ବୋଲି କହିଛନ୍ତି।

ଏପଟେ କଂଗ୍ରେସ ନିଜର ଅଧିକୃତ ସୋସିଆଲ ମିଡିଆ ହ୍ୟାଣ୍ଡେଲ ମାଧ୍ୟମରେ ଜ୍ଞାନେଶ କୁମାରଙ୍କ ଗିରଫଦାରି ମଧ୍ୟ ଦାବି କରିଛି। ଅନ୍ୟ ବିରୋଧୀ ଦଳର ନେତାମାନେ ମଧ୍ୟ ଏହି ପ୍ରସଙ୍ଗରେ ନିର୍ବାଚନ କମିଶନକୁ ଟାର୍ଗେଟ କରିଛନ୍ତି। ଫର୍ମ-୬କୁ ସୁପ୍ରିମକୋର୍ଟ ଅନୁମୋଦନ କରିଥିବା ନିର୍ବାଚନ କମିଶନର ପୂର୍ବ ଦାବିକୁ ସୁପ୍ରିମକୋର୍ଟଙ୍କ ସଦ୍ୟ ମନ୍ତବ୍ୟ ବିରୋଧାଭାସୀ ବୋଲି ବିରୋଧୀ ନେତାମାନେ ଦାବି କରିଛନ୍ତି।

# ଜେନ୍ ଜି ଆଗରେ ମୁଣ୍ଡ ନୁଆଁଇଲେ ସ୍ପେନ୍ ସରକାର

## ଆଗୁଆ ନିର୍ବାଚନ ଘୋଷଣା କଲେ ରାଷ୍ଟ୍ରପତି

ମାଦ୍ରିଦ : ଜେନ୍ ଜି ର ବହିଷ୍କାର ଦାବି ସହ ସ୍ପେନ ସଂସଦରେ ଶୋଚନୀୟ ପରାଜୟ ପରେ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ସୋମବାର ଦିନ ଆଗୁଆ ନିର୍ବାଚନ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଏହି ଘୋଷଣା ଏପରି ସମୟରେ କରିଛନ୍ତି ଯେତେବେଳେ ତାଙ୍କ ସରକାର ସମଗ୍ର ଦେଶରେ ଗୃହ ସଙ୍କଟକୁ ନେଇ ବ୍ୟାକଫୁଟରେ ଅଛନ୍ତି। ଗତ ସପ୍ତାହରେ ଦେଶର ଗୃହ ସଙ୍କଟ ସହିତ ଜଡିତ



ଜରୁରୀକାଳୀନ ପଦକ୍ଷେପକୁ ନେଇ ତାଙ୍କ ସରକାରଙ୍କୁ ସଂସଦରେ ଏକ ବଡ଼ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା। ପ୍ରଧାନମନ୍ତ୍ରୀ ସାଞ୍ଚେଜଙ୍କ ଘୋଷଣା ପରେ ନିର୍ବାଚନର ତାରିଖ ୨୯ ନଭେମ୍ବର ସ୍ଥିର କରାଯାଇଛି। ଗତ କିଛି ସପ୍ତାହ ମଧ୍ୟରେ ସ୍ପେନୀୟ ଜନସାଧାରଣ ଦେଶରେ ଘରେ ଘରେ ବୃଦ୍ଧି ପାଉଥିବା ସମସ୍ୟାର ସମାଧାନ ସରକାରଙ୍କଠାରୁ ଦାବି କରିଛନ୍ତି। ଗତ ମାସରେ, ମାଦ୍ରିଦରେ ଜଣେ ୮୭ ବର୍ଷୀୟ ବୃଦ୍ଧା ମହିଳାଙ୍କୁ ତାଙ୍କ ଘରୁ ବାହାର କରିଦିଆଯାଇଥିଲା। ଏହି ଘଟଣାର ଭିଡିଓ ଟେଲିଭିଜନରେ ବ୍ୟାପକ ଭାବରେ ପ୍ରସାରିତ ହୋଇଥିଲା, ଯାହା ସାରା ଦେଶରେ ଉତ୍ତେଜନା ସୃଷ୍ଟି କରିଥିଲା। ଦେଶର ବିଭିନ୍ନ ସହରଗୁଡ଼ିକରେ ପ୍ରବଳ ପ୍ରତିବାଦ ପ୍ରକାଶ ପାଇଥିଲା। ୫୪ ବର୍ଷୀୟ ପେଡ୍ରୋ ସାଞ୍ଚେଜ୍ ୨୦୧୮ ମସିହାରୁ ସ୍ପେନର ପ୍ରଧାନମନ୍ତ୍ରୀ ଅଛନ୍ତି। ଏହା ତାଙ୍କୁ ୟୁରୋପର ସବୁଠାରୁ ଦୀର୍ଘ ସମୟ ଧରି କାର୍ଯ୍ୟ କରୁଥିବା ନେତାମାନଙ୍କ ମଧ୍ୟରେ ସ୍ଥାନୀତ କରିଛି।

# ଦୁଷ୍କର୍ମ ରୋକିବାକୁ ଅପରାଧୀଙ୍କ ମନରେ ଭୟ ସୃଷ୍ଟି କର : ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୫।୧୦ : ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ବଢ଼ୁଥିବା ଦୁଷ୍କର୍ମ ମାମଲାକୁ ନେଇ ସୁପ୍ରିମକୋର୍ଟ ଦିଲ୍ଲୀ ପୁଲିସକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଯୌନ ଅପରାଧ ପ୍ରବଣ ଅସାମାଜିକ ତତ୍ତ୍ୱଙ୍କ ମନରେ ଆଇନର କଡ଼ା ଭୟ ସୃଷ୍ଟି କରିବାକୁ କୋର୍ଟ କହିଛନ୍ତି। ଏଭଳି ଅପରାଧ ରୋକିବା ପାଇଁ ପୁଲିସକୁ କଠୋର ଓ ସକ୍ରିୟ ପଦକ୍ଷେପ ନେବାକୁ ଜଷ୍ଟିସ୍ ଜେ.ବି. ପାରିଡ଼ିୱାଲାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି।

ପ୍ରଥମେ ମହିଳା ଓ ଛାତ୍ରୀମାନଙ୍କୁ ହଇରାଣ କରୁଥିବା ହୁଲିଗାନ୍‌ଙ୍କ ଉପରେ ନଜର ଦେବାକୁ କୋର୍ଟ କହିଛନ୍ତି। ଏହା ସହ ଦିଲ୍ଲୀରେ ଥିବା ହଜାର ହଜାର ଅନଧିକୃତ ଖାଦ୍ୟ ଦୋକାନ ଓ ଢାବା ଉପରେ ମଧ୍ୟ ନଜର ରଖିବାକୁ କୁହାଯାଇଛି। ଏଭଳି ସ୍ଥାନରେ ଅସାମାଜିକ ତତ୍ତ୍ୱଙ୍କ ଭିଡ଼ ହେଉଥିବା ଏବଂ ମଦ୍ୟପାନ ହେଉଥିବା ନେଇ କୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦକ୍ଷିଣ ଦିଲ୍ଲୀର ଏକ ପାର୍କରେ ଘଟିଥିବା ଗଣଦୁଷ୍କର୍ମ ମାମଲାକୁ ନେଇ ମଧ୍ୟ କୋର୍ଟ ପୁଲିସର ପୂର୍ବସତର୍କତାମୂଳକ ପଦକ୍ଷେପ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣାସ୍ଥଳ ଏକ ବାଳିକା ମହାବିଦ୍ୟାଳୟଠାରୁ ମାତ୍ର ପ୍ରାୟ ୨ କିଲୋମିଟର ଦୂରରେ ଥିବା କୋର୍ଟ କହିଛନ୍ତି। ଅପରାଧୀଙ୍କ ସମ୍ପର୍କରେ ପୂର୍ବରୁ ସୂଚନା ମିଳିଥିଲେ ମଧ୍ୟ ପୁଲିସ କାହିଁକି ଆଗୁଆ ପଦକ୍ଷେପ ନେଇନଥିଲା ବୋଲି ପ୍ରଶ୍ନ କରାଯାଇଛି। ଯୌନ ଅପରାଧୀଙ୍କ ଜାତୀୟ ଡାଟାବେସ୍‌ରୁ ସନ୍ଦିଗ୍ଧଙ୍କୁ ଚିହ୍ନଟ ଓ ଟ୍ରାକ୍ କରିବା ଏବଂ ଏହି ମାମଲାର ମୁକାବିଲା ପାଇଁ ଏକ 'ୱାର୍ ରୁମ୍' ଗଠନ ଉପରେ ମଧ୍ୟ କୋର୍ଟ ସୂଚନା ମାଗିଛନ୍ତି।

୨୦୧୨ର ନିର୍ଭୟା ମାମଲାକୁ ମନେ ପକାଇ କୋର୍ଟ କହିଛନ୍ତି, ସେହି ମାମଲାର ଦୋଷୀମାନେ ମଧ୍ୟ ଅପରାଧ ପୂର୍ବରୁ ମଦ୍ୟପାନ କରିଥିଲେ। ଯୌନ ଅପରାଧ ରୋକିବା ପାଇଁ ଦିଲ୍ଲୀ ପୁଲିସକୁ କଠୋର ପଦକ୍ଷେପ ନେବାରେ ଦ୍ୱିଧା ନକରିବାକୁ କୋର୍ଟ କହିଛନ୍ତି। ଲୋକଙ୍କ ବିରୋଧ କିମ୍ବା ପ୍ରତିବାଦ ହେଲେ ମଧ୍ୟ ଯୁବତୀ ଓ ମହିଳାଙ୍କ ସୁରକ୍ଷା ପାଇଁ ପୁଲିସ ନିଜ କର୍ତ୍ତବ୍ୟ କରିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ରାଜ୍ୟସଭା ନିର୍ବାଚନ

### ବାଦ୍ ପଡିଲେ ହରଦୀପ ଓ ଅନ୍ୟ ୭ ସାଂସଦ

ନୂଆଦିଲ୍ଲୀ : ଭାରତୀୟ ଜନତା ପାର୍ଟି (ବିଜେପି) ଉତ୍ତର ପ୍ରଦେଶରୁ ରାଜ୍ୟସଭା ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ଜାରି କରିଥିବାବେଳେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ସମେତ କାର୍ଯ୍ୟକାଳ ଶେଷ



ହେଉଥିବା ସମସ୍ତ ଆଠ ଜଣ ସାଂସଦଙ୍କୁ ଏଥିରୁ ବାଦ୍ ଦେଇଛି। ୨୦୨୬ ରାଜ୍ୟସଭା ଦ୍ୱିବାର୍ଷିକ ନିର୍ବାଚନ ପାଇଁ ଦଳ ୮ ନୂଆ ନାମ ଘୋଷଣା କରିଛି। ରାଜ୍ୟସଭା ନିର୍ବାଚନ ପାଇଁ ବିଜେପିର ପ୍ରାର୍ଥୀ ତାଲିକାରେ ଧରମପାଲ ସିଂହ, ରାଧାକାନ୍ତ ଓଝା, ପ୍ରକାଶ ପାଲ, ବିଦ୍ୟାସାଗର ସୋନକର, ଗୋପୀ କ୍ରିଷ୍ଣ ପାଣ୍ଡେ, ପ୍ରିୟଙ୍କା ସିଂହ ରାୱତ, ରାମ ପ୍ରତାପ ସିଂହ ଚୌହ୍ୱାନ ଓ ଶ୍ରୁତି ଗଙ୍ଗୱାର ଅଛନ୍ତି। ଏମାନଙ୍କ ମଧ୍ୟରେ ୩ ଜଣ ପଛୁଆବର୍ଗ (ଓବିସି), ଦୁଇ ଜଣ ଅନୁସୂଚିତ ଜାତି (ଏସ୍ସି) ଓ ତିନିଜଣ ସାଧାରଣ ବର୍ଗରୁ ଅଛନ୍ତି।

# ଟ୍ରୁକଲର ସ୍କାମ ଚେକରର ଶୁଭାରମ୍ଭ

ନୂଆଦିଲ୍ଲୀ : ଟ୍ରୁକଲର୍ ପକ୍ଷରୁ ୱେବ୍ ଏବଂ ଆପରେ ଟ୍ରୁକଲର୍ ସ୍କାମ୍ ଚେକରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ଏହା ଏକ ନୂତନ ଗନ୍ତବ୍ୟସ୍ଥଳ ଯାହା ଲୋକଙ୍କୁ ସେମାନେ କୌଣସି ଠକେଇର ସମ୍ମୁଖୀନ ହେଉଛନ୍ତି କି ନାହିଁ ଶୀଘ୍ର ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରିବ ଏବଂ ଯାହାଫଳରେ ସେମାନେ ନୂଆ ଠକେଇ ଧାରା ସମ୍ପର୍କରେ ଅବଗତ ରହିବେ । ଏହାର ଉଦ୍ଦେଶ୍ୟ ହେଉଛି କଲର୍ ଚିହ୍ନଟ ଏବଂ ସ୍କାମ୍ ବ୍ଲକିଙ୍ଗ କରିବା ବ୍ୟତୀତ ଟ୍ରୁକଲର୍‌ର ସ୍କାମ୍ ସୁରକ୍ଷାକୁ ବିସ୍ତାର କରିବା । ଏହି ସମାଧାନ ଏକାଧିକ ସ୍କାମ୍-ଚିହ୍ନଟ କ୍ଷମତାକୁ ଏକ ଅଭିଜ୍ଞତାରେ ଏକତ୍ରିତ କରିଥାଏ, ଯାହା ବ୍ୟବହାରକାରୀଙ୍କୁ ସନ୍ଦେହଜନକ ୱେବ୍ ଲିଙ୍କ୍ ଯାଂଚ କରିବା, ଫୋନ୍ ନମ୍ବର ଖୋଜିବା, ପ୍ରାସଙ୍ଗିକ ସ୍କାମ୍ ରିପୋର୍ଟ ଅନୁସନ୍ଧାନ କରିବା ଏବଂ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ସମ୍ଭାବ୍ୟ ଠକେଇ ପ୍ରୟାସକୁ ଭଲ ଭାବରେ ବୁଝିବାକୁ ଅନୁମତି ଦେଇଥାଏ ।

## ପ୍ରତ୍ୟକ୍ଷ ଟିକସ ପଇଠକୁ ସହଜ କରିଛି ଆଇଡିଏଫସି ଫାଷ୍ଟ ବ୍ୟାଙ୍କ

ନୂଆଦିଲ୍ଲୀ : ଆଇଡିଏଫସି ଫାଷ୍ଟ ବ୍ୟାଙ୍କ, ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ (ସିବିଡିଟି) ସଂଗ୍ରହ ପାଇଁ ଏହାର ପେମେଣ୍ଟ ଗେଟୱେର ଏକତ୍ରୀକରଣ ସମ୍ପୂର୍ଣ୍ଣ କରିଛି, ଯାହା ଭାରତବ୍ୟାପୀ ଟିକସଦାତାଙ୍କୁ ଏକାଧିକ ଡିଜିଟାଲ ଓ ଫିଜିକାଲ ଚ୍ୟାନେଲ ମାଧ୍ୟମରେ ପ୍ରତ୍ୟକ୍ଷ ଟିକସ ପଇଠ କରିବା ପାଇଁ ସକ୍ଷମ କରୁଛି । ପ୍ରତ୍ୟକ୍ଷ ଟିକସ ପଇଠକୁ ସରଳ ଓ ସୁବିଧାଜନକ କରିବା ପାଇଁ ଟିକସଦାତାମାନେ ୟୁପିଆଇ, କ୍ରେଡିଟ କାର୍ଡ, ଡେବିଟ କାର୍ଡ ଏବଂ ଆଇଡିଏଫସି ବ୍ୟାଙ୍କର ରିଟେଲ ଓ କର୍ପୋରେଟ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ପ୍ଲାଟଫର୍ମ ଭଳି ଏକାଧିକ ପେମେଣ୍ଟ ବିକଳ୍ପରୁ ଚୟନ କରିପାରିବେ । ଅଫଲାଇନ ପେମେଣ୍ଟକୁ ପସନ୍ଦ କରୁଥିବା ଟିକସଦାତାମାନେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ଯେକୌଣସି ବ୍ରାଂଚକୁ ପରିଦର୍ଶନ କରି ଚେକ୍, ଡିମାଣ୍ଡ ଡ୍ରାଫ୍ଟ କିମ୍ବା ନଗଦ ମାଧ୍ୟମରେ ଟିକସ ପଇଠ କରିପାରିବେ । ଏହାବ୍ୟତୀତ ଅନ୍ୟ ବ୍ୟାଙ୍କର ଗ୍ରାହକମାନେ ମଧ୍ୟ ନିଜର ସମ୍ବନ୍ଧିତ ବ୍ୟାଙ୍କର ଇଂଟରନେଟ୍ ବ୍ୟାଙ୍କିଙ୍ଗ ସିଷ୍ଟମ ବ୍ୟବହାର କରି ସହଜରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ପେମେଣ୍ଟ ଗେଟୱେ ମାଧ୍ୟମରେ ଡାଇରେକ୍ଟ ଟ୍ୟାକ୍ସ ବା ପ୍ରତ୍ୟକ୍ଷ ଟିକସ ପଇଠ କରିପାରିବେ ।

# ଗାନ୍ଧୀଜୀଙ୍କ ସମ୍ପର୍କରେ ଆପତ୍ତିଜନକ ରିଲ୍ କରି ବନ୍ଧା ହେଲେ ମହିଳା

ନୂଆଦିଲ୍ଲୀ : ଜାତିର ପିତା ମହାତ୍ମା ଗାନ୍ଧିଙ୍କୁ ଅପମାନ। ସୋଶାଲ ମିଡିଆରେ ଚର୍ଚ୍ଚା ସାଉଁଟିବାକୁ ମହାତ୍ମା ଗାନ୍ଧିଙ୍କ ସମ୍ପର୍କରେ ଆପତ୍ତିଜନକ ରିଲ୍ ପୋଷ୍ଟ କରିବା ଜଣେ ମହିଳାଙ୍କୁ ମହଙ୍ଗା ପଡ଼ିଛି। ଏହି ତଥାକଥିତ ସୋଶାଲ ମିଡିଆ କଣ୍ଟେଣ୍ଟ କ୍ରିଏଟରଙ୍କୁ ଗୁଜରାଟ ପୁଲିସ୍ ଗିରଫ କରିଛି। ଏହି ମହିଳା ଜଣଙ୍କ ପବିତ୍ର ଗାନ୍ଧି ଜୟନ୍ତୀ ଗୋଟିଏ ଦିନ ପୂର୍ବରୁ ୫୦୦ ଟଙ୍କିଆ ନୋଟ୍ ଧରି ଏହାକୁ ଅତ୍ୟନ୍ତ ଆପତ୍ତିଜନକ ଭାବେ ପ୍ରଦର୍ଶନ କରିଥିଲେ। ଗାନ୍ଧି ଜୟନ୍ତୀରେ ମହାତ୍ମା ଗାନ୍ଧିଙ୍କୁ ଅପମାନିତ କରିବା ଉଦ୍ଦେଶ୍ୟରେ ମହିଳା ଜଣଙ୍କ ଏପରି କରିଥିବା ଅଭିଯୋଗ ହୋଇଥିଲା। ଏଥିପାଇଁ ସୁରଟ ପୁଲିସ ୪୭ ବର୍ଷୀୟ ସିମରନ ପଟେଲଙ୍କୁ






ଗିରଫ କରିଛି। ଇନଷ୍ଟାଗ୍ରାମରେ ସିମରଣଙ୍କୁ ଅନୁଗାମୀଙ୍କ ସଂଖ୍ୟା ୧୦ ଲକ୍ଷରୁ ଅଧିକ। ସେ ଅଦାଜନ ଅଞ୍ଚଳରେ ରୁହନ୍ତି ଓ ଗାନ୍ଧି ଜୟନ୍ତୀର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଅକ୍ଟୋବର ୧ ତାରିଖ ଦିନ ୧ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ସେ ଏହି ଭିଡିଓକୁ ପୋଷ୍ଟ କରିଥିଲେ। ତାଙ୍କୁ ଗିରଫ କରାଯାଇଥିବା ନେଇ ସୁରଟ ପୁଲିସ ଏକ୍ସରେ ଗୋଟିଏ ପୋଷ୍ଟ କରିଛି। ପୁଲିସ୍ ପୋଷ୍ଟ କରିଥିବା ଭିଡିଓରେ ସିମରନ କେମିତି ୫୦୦ ଟଙ୍କିଆ ନୋଟକୁ ଆପତ୍ତିଜନକ ଭାବେ ଧରି ଅଭଦ୍ର ଇଙ୍ଗିତ କରୁଛନ୍ତି, ତାହା ଦେଖିବାକୁ ମିଳୁଛି। ପରବର୍ତ୍ତୀ ସମୟରେ ତାଙ୍କୁ ଗିରଫ କରାଯିବା ଓ ସେ କ୍ଷମା ମାଗିବା ଦୃଶ୍ୟ ମଧ୍ୟ ଭିଡିଓରେ ସ୍ଥାନିତ କରାଯାଇଛି। ପୁଲିସର କହିବା କଥା ଯେ ସିମରନ ପୋଷ୍ଟ କରିଥିବା ଭିଡିଓରେ ଆପତ୍ତିଜନକ ବିଷୟବସ୍ତୁ ରହିଥିଲା। ସେହିପରି ସେ ମହାତ୍ମା ଗାନ୍ଧିଙ୍କ ଛବି ଥିବା ନୋଟ ସହ ଆପତ୍ତିଜନକ ଇଙ୍ଗିତ ମଧ୍ୟ କରିଥିଲେ। ସିମରନଙ୍କ ରିଲ୍ ଭାଇରାଲ ହେବା ପରେ ଧର୍ମେଶ ଗାମି ନାମକ ଜଣେ ସାମାଜିକ କର୍ମୀ ପ୍ରଥମେ ସୁରଟ କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଆଇଟି ଆକ୍ଟର ଧାରା ୬୭ ଅନୁସାରେ ମାମଲା କରଥିଲା। ଏହାପରେ ଗିରଫଦାରୀ ହୋଇଛି। ଏହି ଘଟଣା ପରେ ପୁଲିସ୍ ଲୋକଙ୍କୁ ଆପତ୍ତିଜନକ ବିଷୟବସ୍ତୁ ସୋଶାଲ ମିଡିଆରେ ପୋଷ୍ଟ କରିବାକୁ ବାରଣ କରିଛି। ୧୭ ବର୍ଷ ହେଲା ବାହା ହୋଇ ସିମରନ ସୁରଟରେ ରହୁଛନ୍ତି। ସେ ନିୟମିତ ସୋଶାଲ ମିଡିଆରେ ରିଲ୍ସ ପୋଷ୍ଟ କରିଛନ୍ତି। ତାଙ୍କ ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ ଶ୍ରେଣୀ ବୋଲି ମଧ୍ୟ ପୁଲିସ ସ୍ପଷ୍ଟ କରିଛି।

# ଏସିଆନ ଗେମ୍ସ : ଆରଏଫ ଖେଳାଳିଙ୍କ ଚମକ

**୮୫ ପଦକ ମଧ୍ୟରୁ ୨୯ ଟିରେ ଯୋଗଦାନ**



### ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଲେ ନୀତା ଅମ୍ବାନୀ

### ୪୮ ଜଣ ଖେଳାଳି ଟିମ୍ ଇଣ୍ଡିଆର ଅଂଶ ରହିଥିଲେ

ମୁମ୍ବାଇ, ୬।୧୦(ଏଜେନ୍ସି) : ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ମୁକେଶ ଅମ୍ବାନୀ ଟିମ୍ ଇଣ୍ଡିଆକୁ ଚମତ୍କାର ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଏସିଆନ୍ ଗେମ୍ସ ୨୦୨୬ରେ ଭାରତ ଜିତିଥିବା ୮୫ଟି ପଦକରୁ ୨୯ଟିରେ ରିଲାଏନ୍ସ ଫାଉଣ୍ଡେସନ (ଆରଏଫ)ର କାର୍ଯ୍ୟକ୍ରମ ଏବଂ ସହଭାଗିତା ସହିତ ଯୋଡି ହୋଇରହିଥିବା ଖେଳାଳିମାନଙ୍କ ଅବଦାନ ରହିଛି। ଫାଉଣ୍ଡେସନ ସହିତ ଯୋଡି ହୋଇ ରହିଥିବା ୪୮ ଜଣ ଖେଳାଳି ଟିମ୍ ଇଣ୍ଡିଆର ପ୍ରତିନିଧିତ୍ୱ କରିଥିଲେ। ଭାରତ ୮୫ଟି ପଦକ ସହିତ ପଦକ ତାଲିକାରେ ଚତୁର୍ଥ ସ୍ଥାନରେ ରହିଥିଲା। ଅଭିନନ୍ଦନ ଜଣାଇ ନୀତା ଅମ୍ବାନୀ କହିଛନ୍ତି, "ଟିମ୍ ଇଣ୍ଡିଆ ଦେଶକୁ ଗର୍ବିତ କରିବା ପାଇଁ ଅନେକ ସ୍ମରଣୀୟ ମୁହୂର୍ତ୍ତ ଦେଇଛି। ବିଶେଷକରି ଆମ ମହିଳା ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ଯୁବତୀମାନଙ୍କୁ ପ୍ରେରଣା ଦେଇଛନ୍ତି। ରିଲାଏନ୍ସ ଫାଉଣ୍ଡେସନର ଖେଳାଳିମାନଙ୍କ ସଫଳତା ଯୁବ ପ୍ରତିଭାମାନଙ୍କ ଉପରେ ଆମର ବିଶ୍ୱାସକୁ ଆହୁରି ଦୃଢ଼ କରିଛି।" ଏସିଆନ୍ ଗେମ୍ସ ଆରମ୍ଭ ହେବା ପୂର୍ବରୁ ମଧ୍ୟ ନୀତା ଅମ୍ବାନୀ ଟିମ୍ ଇଣ୍ଡିଆ ପାଇଁ ଏକ ସନ୍ଦେଶ ଜାରି କରିଥିଲେ। ସେତେବେଳେ ସେ ବିଶେଷଭାବେ ରିଲାଏନ୍ସ ଫାଉଣ୍ଡେସନ (ଆରଏଫ) ସହିତ ଯୋଡି ହୋଇରହିଥିବା ୪୮ ଜଣ ଖେଳାଳିଙ୍କ ବିଷୟରେ ଉଲ୍ଲେଖ କରି ସେମାନଙ୍କର ବର୍ଷତମାମ ପରିଶ୍ରମ ଏବଂ ପରିବାରର ତ୍ୟାଗକୁ ମନେପକାଇଥିଲେ। ଅଲିମ୍ପିକ୍ସରେ ସାମିଲ ହେଉଥିବା ୧୦ରୁ ଅଧିକ କ୍ରୀଡ଼ାରେ ରିଲାଏନ୍ସ ଫାଉଣ୍ଡେସନ ୨୦୦ରୁ ଅଧିକ ଖେଳାଳିଙ୍କୁ ସହାୟତା କରୁଛି। ଏହା ଅଧୀନରେ ଖେଳାଳିମାନଙ୍କୁ ଛାତ୍ରବୃତ୍ତି ସହିତ କ୍ରୀଡ଼ା ବିଜ୍ଞାନ, କ୍ରୀଡ଼ା ଚିକିତ୍ସା, ପ୍ରଶିକ୍ଷଣ, ପ୍ରଯୁକ୍ତିବିଦ୍ୟା, ଉପକରଣ ଏବଂ ଆନ୍ତର୍ଜାତୀୟ ଅଭିଜ୍ଞତା ଭଳି ବିବିଧ ସୁବିଧା ଯୋଗାଇ ଦିଆଯାଉଛି। ନୀତା ଅମ୍ବାନୀ ଭାରତର ଜର୍ସି ପିନ୍ଧି ମଇଦାନକୁ ଓହ୍ଲାଇଥିବା ପ୍ରତ୍ୟେକ ଖେଳାଳିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏସିଆନ୍ ଗେମ୍ସରେ ଅନେକ ଭାରତୀୟ ଖେଳାଳି ନିଜ ପ୍ରଦର୍ଶନ ଆଧାରରେ ଲସ୍ ଏଞ୍ଜେଲସ୍ ୨୦୨୮ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏହିପରି ଭାବେ ଏସିଆନ୍ ଗେମ୍ସର ଏହି ସଫଳତା ଏବେ ଭାରତର ପରବର୍ତ୍ତୀ ଅଲିମ୍ପିକ୍ସ ଆହ୍ୱାନ ପାଇଁ ପ୍ରସ୍ତୁତି ସହିତ ମଧ୍ୟ ଯୋଡି ହୋଇଛି।

# ରଣଜୀ ପାଇଁ ଓଡ଼ିଶା ଦଳ ଘୋଷଣା

### ଶୁଭ୍ରାଂଶୁ ଅଧିନାୟକ, ୪ ନୂଆ ଚେହେରା

ଭୁବନେଶ୍ୱର, ୬।୧୦(ସବ୍ୟୁ) : ଆଗାମୀ ରଣଜୀ ଟ୍ରଫି ପାଇଁ ଆଜି ଓଡ଼ିଶା ଟିମ ଘୋଷଣା ହୋଇଛି। ପ୍ରଥମ ପର୍ଯ୍ୟାୟରେ ଆଜି କେବଳ ଆଗାମୀ ୨ଟି ମ୍ୟାଚ୍ ପାଇଁ ଖେଳାଳିଙ୍କ ନାଁ ଘୋଷଣା ହୋଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ ପୁଣିଥରେ ଅଭିଜ୍ଞ ଶୁଭ୍ରାଂଶୁ ସେନାପତିଙ୍କ ଉପରେ ଭରସା ଦେଖାଇଛି। ଆଗାମୀ ରଣଜୀ ଋତୁରେ ସେ ଦଳର ଅଧିନାୟକ ଦାୟିତ୍ୱ ପାଇଛନ୍ତି। ସେହିପରି ଏନଓସି ନେଇ ଓଡ଼ିଶାରେ ଖେଳୁଥିବା ୨ ଜଣ ରାଜ୍ୟ ବାହାରର ଖେଳାଳିଙ୍କୁ ମଧ୍ୟ ୧୭ ଜଣିଆ ସ୍କ୍ୱାଡରେ ରଖାଯାଇଛି। ଏହି ୨ ଜଣଙ୍କୁ ବ୍ୟତୀତ ୨୦୨୬-୨୭ ରଣଜୀ ଟ୍ରଫି ଟିମରେ ୪ ନୂଆ ମୁହଁଙ୍କୁ ସୁଯୋଗ ମିଳିଛି। ନିନନ୍ଦା ରାଟଭ ଓ ଲଳିତ ଯାଦବ ବାହାର ରାଜ୍ୟର ଖେଳାଳି ହୋଇଥିବା ବେଳେ ଓମ ଟି ମୁଣ୍ଡେ, ଶ୍ରେୟାଂଶ ଭରଦ୍ୱାଜ, ସମ୍ବିତ ବେଜ, ସୌମ୍ୟ ଲେଙ୍କାଙ୍କୁ ପ୍ରଥମଥର ପାଇଁ ଓଡ଼ିଶା ଟିମରେ ସୁଯୋଗ ମିଳିଛି। ନିକଟରେ ଶେଷ ହୋଇଥିବା ଓଡ଼ିଶା କ୍ରିକେଟ ଲିଗରେ ସୌମ୍ୟ ଲେଙ୍କା ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଏଥିପାଇଁ ତାଙ୍କୁ ସ୍କ୍ୱାଡରେ ରଖାଯାଇଛି। ସେହିପରି ଟିମରେ ବାମହାତୀ ସ୍ପିନର ସୟଦ ଟୁଫେଲ ଅହମଦ ମଧ୍ୟ ରହିଛନ୍ତି। ଆସନ୍ତା ୧୧ ତାରିଖରେ ଗୁଜରାଟ ବିପକ୍ଷରେ ଓଡ଼ିଶା ଟିମ ନିଜର ରଣଜୀ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ। ସେହିପରି ୧୯ ତାରିଖରେ ଥିରୁଅନନ୍ତପୁରମରେ କେରଳକୁ ଭେଟିବ ଦଳ। ଚଳିତ ସିଜିନରେ ଓଡ଼ିଶା ଘରୋଇ ମାଟିରେ ନିଜର ପ୍ରଥମ ମ୍ୟାଚ୍ ସିର୍ଭିସେସ ବିପକ୍ଷରେ ଖେଳିବ। ୨୬ ଅକ୍ଟୋବରରୁ ଓଡ଼ିଶା ଓ ସର୍ଭିସେସ ଭୁବନେଶ୍ୱରର କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି ଷ୍ଟାଡିୟମରେ ମୁହାଁମୁହିଁ ହେବେ। ସମାନ ଭେନ୍ୟୁରେ ଓଡ଼ିଶା ନଭେମ୍ବର ୨ରୁ ଝାଡ଼ଖଣ୍ଡ ବିପକ୍ଷରେ ଖେଳିବ। ଏହି ମ୍ୟାଚ ପରେ ମିଳିବ ଲମ୍ବା ବ୍ରେକ। ଏହାପରେ ଓଡ଼ିଶା ନିଜର ପରିଚିତ ବାରବାଟୀ ଷ୍ଟାଡିୟମରେ ଦିଲ୍ଲୀକୁ ଭେଟିବ। ଏହି ମ୍ୟାଚଟି ୧୭ ଜାନୁଆରୀରୁ ଖେଳାଯିବ। ଏହାପରେ ମହାରାଷ୍ଟ୍ରକୁ ମହାରାଷ୍ଟ୍ରରେ ଓ ଶେଷ ମ୍ୟାଚରେ ଦଳ ବେଙ୍ଗଲକୁ ଐତିହାସିକ ଇଡେନ ଗାର୍ଡେନ୍ସ



ଷ୍ଟାଡିୟମରେ ଭେଟିବ। ଚଳିତ ରଣଜୀ ଋତୁରେ ଓଡ଼ିଶା କଷ୍ଟସାଧ୍ୟ ଗ୍ରୁପରେ ସ୍ଥାନ ପାଇଛି। ଏହି ଗ୍ରୁପରେ ଦିଲ୍ଲୀ, ମହାରାଷ୍ଟ୍ର, ବେଙ୍ଗଲ, କେରଳ, ସର୍ଭିସେସ ଓ ଝାଡ଼ଖଣ୍ଡ ଭଳି ଶକ୍ତିଶାଳୀ ଦଳ ରହିଛନ୍ତି। ଓଡ଼ିଶା ରଣଜୀ ସ୍କ୍ୱାଡ: ସ୍ୱସ୍ତିକ ସାମଲ, ଶୁଭ୍ରାଂଶୁ ସେନାପତି(ଅଧିନାୟକ), ଓମ ଟି ମୁଣ୍ଡେ, ଗୌରବ ଚୌଧୁରୀ, ଶ୍ରେୟାଂଶ ଭରଦ୍ୱାଜ, ସନ୍ଦୀପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, ଆଶୀର୍ବାଦ ସ୍ୱାଇଁ (ୱିକେଟ କିପର), ଦୀନେଶ ମାଝୀ(ୱିକେଟ କିପର), ନିନନ୍ଦା ରାଟଭ, ଲଳିତ ଯାଦବ, ରାଜେଶ ମହାନ୍ତି, ପ୍ରଶାନ୍ତ ରାଣା, ସୌମ୍ୟ ଲେଙ୍କା, ସମ୍ବିତ ବେଜ୍, ସୟଦ ଟୁଫେଲ ଅହମଦ ଓ ବାଦଲ ବିଶ୍ୱାଳ।

## ଅଲିମ୍ପିକ୍ସ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦିଅ: ଅଭିନବ ବିନ୍ଦ୍ରା

ନୂଆଦିଲ୍ଲୀ, ୬।୧୦(ଏଜେନ୍ସି) : ଏସୀୟ କ୍ରୀଡ଼ାରେ ଭାରତୀୟ କ୍ରୀଡ଼ାବିତଙ୍କ ପ୍ରଦର୍ଶନକୁ ଅଭିନନ୍ଦନ ଜଣାଇବା ସହ ଦେଶର ହାଇ-ପରଫର୍ମାନ୍ସ ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ପାଇଁ ତତ୍ପରତାର ସହ କାମ କରିବାକୁ ଆହ୍ୱାନ ଦେଇଛନ୍ତି ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ସୁଟର ଅଭିନବ ବିନ୍ଦ୍ରା। ଲସ୍ଏଞ୍ଜେଲସ୍ ଅଲିମ୍ପିକ୍ସକୁ ଆଉ ଦୁଇ ବର୍ଷରୁ କମ୍ ସମୟ ଥିବାରୁ ଏବେଠାରୁ ପ୍ରସ୍ତୁତିକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏଥର ଏସୀୟ କ୍ରୀଡ଼ାରେ ଅନେକ ଯୁବ ଖେଳାଳି ନିଜ ପ୍ରତିଭାର ପରିଚୟ ଦେଇଥିବା ବିନ୍ଦ୍ରା କହିଛନ୍ତି। ତେବେ କିଛି କ୍ଷେତ୍ରରେ ନିରାଶା ମଧ୍ୟ ରହିଛି। ଏହି ଅଭିଜ୍ଞତାରୁ ସଚ୍ଚୋଟ ଭାବେ ଶିଖି ଆଗକୁ ବଢ଼ିବା ଦରକାର ବୋଲି ସେ ମତ ଦେଇଛନ୍ତି। ଆଇଚି-ନାଗୋୟା ଏସୀୟ କ୍ରୀଡ଼ାରେ ଭାରତ ୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୭ କାଂସ୍ୟ ସହ ମୋଟ ୮୫ଟି ପଦକ ଜିତି ପଦକ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛି। ବିନ୍ଦ୍ରା କହିଛନ୍ତି, ଲସ୍ଏଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ଆଉ ଦୁଇ ବର୍ଷରୁ କମ୍ ସମୟ ରହିଛି। ଅଲିମ୍ପିକ୍ସ ପାଇଁ ଏହା ଆଦୌ ଦୀର୍ଘ ସମୟ ନୁହେଁ। ଯେଉଁ ଆଥଲେଟମାନେ ଅଲିମ୍ପିକ୍ସରେ ପଦକ ଜିତିବେ, ସେମାନେ ଏବେଠାରୁ ନିଜ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ତେଣୁ ଏସୀୟ କ୍ରୀଡ଼ାର ସଫଳତାକୁ ପାଳନ କରିବା ସହ ଯେଉଁଠି ତ୍ରୁଟି ରହିଛି ତାହାର ନିରପେକ୍ଷ ସମୀକ୍ଷା କରି ତୁରନ୍ତ ନୂଆ ଉତ୍ସାହ ଓ ଲକ୍ଷ୍ୟ ସହ କାମ ଆରମ୍ଭ କରିବାର ସମୟ ଆସିଛି।

## କବାଡିରେ ୯ ଛାତ୍ର ଛାତ୍ରୀ ଜିଲାସ୍ତରକୁ ମନୋନୀତ

କଣିହାଁ, ୬ ।୧୦(ସବ୍ୟୁ) : କଣିହାଁ ବ୍ଲକ କମରେଇ ପଞ୍ଚାୟତ ଦାଣ୍ଡସିଂହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୯ ଜଣ ଛାତ୍ରଛାତ୍ରୀ ବ୍ଲକସ୍ତରୀୟ କବାଡି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ମନୋନିତ ହୋଇଥିବା ୯ ଜଣ ଛାତ୍ର ଛାତ୍ରୀ ମଧ୍ୟରେ ୭ଜଣ ଛାତ୍ରୀ ଓ ୨ଜଣ ଛାତ୍ର ଅଟନ୍ତି। ଛାତ୍ରୀ ମାନଙ୍କ ମଧ୍ୟରେ ଲକ୍ଷ୍ମୀପ୍ରିୟା ମହାନ୍ତି, ପ୍ରିୟଙ୍କା ସାହୁ, ଲେସମା ଦେହୁରୀ, ଆରୋହୀ ଗୋଛାୟତ, ପ୍ରାଚି ପ୍ରିୟଦର୍ସିନି ସେଠି, ଅଙ୍କିତା ବେହେରା, ସ୍ନେହାରାଣୀ ପ୍ରଧାନ, ଛାତ୍ର ୨ଜଣ ହେଲେ ରିତେଶ ସାମଲ, ସୋମନାଥ ବେହେରା। ସମସ୍ତ କୃତୀ ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ଶୁଭେଚ୍ଛା ଜଣାଯାଇଥିଲା। ଜାତିୟ ସ୍ତରିୟ ରେଫରି ତଥା ବିଦ୍ୟାଳୟ ଖେଳ ଶିକ୍ଷକ ବୁଦ୍ଧଦେବ ପ୍ରଧାନଙ୍କ ନେତୃତ୍ୱରେ ଗାଇଡ ଶିକ୍ଷକ ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନଙ୍କ ସହଯୋଗରେ ଛାତ୍ର ଛାତ୍ରୀ ଖେଳିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭଜମନ ପ୍ରଧାନ, ଶିକ୍ଷୟିତ୍ରୀ ଅନିତା ସାହୁ ପ୍ରମୁଖ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା ତାଙ୍କ ଅଭିଭାବକ ପିଲାଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ଷଷ୍ଠ ଇଷ୍ଟଜୋନ କରାଟେ ପ୍ରତିଯୋଗିତା
## ୪୦ ପଦକ ସହ ଓଡିଶା ତୃତୀୟ

ଭୁବନେଶ୍ୱର, ୬।୧୦(ସବ୍ୟୁ) : ଚଳିତ ମାସ ୨ ରୁ ୪ ତାରିଖ ପର୍ଯ୍ୟନ୍ତ ଷଷ୍ଠ ଇଷ୍ଟି ଜୋନ୍ କରାଟେ ପ୍ରିଯୋଗିତା ବିହାର ର ପାଟଣା ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରତିଯଗିତାରେ ଓଡ଼ିଶା, ୱେଷ୍ଟ ବେଙ୍ଗଲ, ବିହାର ଓ ଝାଡ଼ଖଣ୍ଡ ରାଜ୍ୟରୁ ପ୍ରାୟ ୬୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଓଡ଼ିଶା ରୁ ୫୦ ଜଣ କରାଟେକା ଓଡ଼ିଶା ରାଜ୍ୟ କରାଟେ ସଂଘ ତରଫରୁ ଅଂଶ ଗ୍ରହଣ କରି ୧୬ ଟି ସ୍ୱର୍ଣ୍ଣ, ୧୧ ଟି ରୌପ୍ୟ ଓ ୧୩ ଟି କାଂସ୍ୟ ପଦକ ସହ ୪୦ ପଦକ ହାସଲ କରି ୩ ୟ ସ୍ଥାନ ଅଧିକାର କରିଛନ୍ତି । ଏହି ପ୍ରତିଯୋଗିତାରେ ରାଜ୍ୟ କରାଟେ ସଂଘ ତରଫରୁ ରେଫରି ଭାବେ ଦୀପକ କୁମାର ସାମନ୍ତରା ଓ ଦେବେନ୍ଦ୍ର ରାଣା ପ୍ରତିନିଧିତ୍ୱ କରିଥିବା ବେଳେ କୋଚ୍ ଭାବେ ସୁଶାନ୍ତ କୁମାର ପଣ୍ଡା , ବି. ଗୋପାଳ ରାଓ , ସାଇ



ସୁନ୍ଦର ବାରିକ ଓ ଭାଲୀନ ଭାଲେଣ୍ଟିନା ଅଂଶ ଗ୍ରହଣ କରିଥିଲେ । ପ୍ରତିଯୋଗୀ ମାନଙ୍କର ସଫଳତା ପାଇଁ ଓଡ଼ିଶା ରାଜ୍ୟ କରାଟେ ସଂଘର ସଭାପତି ହା ନ୍ ସି ଡ. ହରି ପ୍ରସାଦ ପଟ୍ଟନାୟକ , ସମ୍ପାଦକ ଡ. ଗୌରୀ ମହାନ୍ତି, ରାଜ୍ୟ କରାଟେ ସଂଘର କର୍ମକର୍ତ୍ତା ଓ ପ୍ରଶିକ୍ଷକ ମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ୯ ରୁ ରାଜ୍ୟ ସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର, ୬।୧୦(ସବ୍ୟୁ) : ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟାର୍ସ ଆସୋସିଏସନ ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକ ରାଜ୍ୟ ସ୍ତରୀୟ ଆନ୍ତଃ ସ୍କୁଲ ଫୁଟବଲ ପ୍ରତିଯୋଗିତା ଆସନ୍ତା ୯ରୁ ୧୩ ଅକ୍ଟୋବର ପର୍ଯ୍ୟନ୍ତ ସ୍ଥାନୀୟ ୟୁନିଟ୍-୧ ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେବ। କ୍ରୀଡ଼ା ନିର୍ଦ୍ଦେଶାଳୟ, ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଏବଂ ଭୁବନେଶ୍ୱର ଆଥଲେଟିକ ଆସୋସିଏସନର ମିଳିତ ସହଯୋଗରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ନକ୍-ଆଉଟ୍ ପଦ୍ଧତିରେ ଖେଳାଯିବ। ପ୍ରତିଦିନ ଦୁଇଟି ଲେଖାଏଁ ମ୍ୟାଚ୍ ହେବାକୁ ଥିବା ବେଳେ ଫାଇନାଲ୍ ମୁକାବିଲା ଦିବାରାତ୍ର ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ରାଜ୍ୟର ୮ଟି ପ୍ରମୁଖ ବିଦ୍ୟାଳୟ ଅଂଶଗ୍ରହଣ କରୁଛନ୍ତି। ଅଂଶଗ୍ରହଣକାରୀ ଦଳଗୁଡ଼ିକ ହେଲେ: ୟୁନିଟ୍-୧ ହାଇସ୍କୁଲ: ବିକାଶ ରେସିଡେନ୍ସିଆଲ ସ୍କୁଲ, ଖାନନଗର ହାଇସ୍କୁଲ (କଟକ), ଓଡିଏମ୍ ପବ୍ଲିକ ସ୍କୁଲ, କ୍ୟାପିଟାଲ ହାଇସ୍କୁଲ ନୂଆମାଟି ହାଇସ୍କୁଲ (ଜଟଣୀ), ଡିସି ସ୍କୁଲ, ଟାଟା ଷ୍ଟିଲ୍ ଲୋୟାଲ ହାଇସ୍କୁଲ (କଳିଙ୍ଗନଗର), ଉଦ୍ଘାଟନୀ




ମ୍ୟାଚରେ ୟୁନିଟ୍-୧ ହାଇସ୍କୁଲ ଓ ବିକାଶ ରେସିଡେନ୍ସିଆଲ ସ୍କୁଲ ପରସ୍ପରକୁ ଭେଟିବେ। ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ନଗଦ ୧୫,୦୦୦ ଟଙ୍କା ଏବଂ ରନର୍ସଅପ୍ ଦଳକୁ ନଗଦ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲକାରୀ ଦଳକୁ ଯଥାକ୍ରମେ ୭,୦୦୦ ଏବଂ ୫,୦୦୦ ଟଙ୍କା ପୁରସ୍କାର ମିଳିବ। ଏହା ସହିତ ଶ୍ରେଷ୍ଠ ଚାରୋଟି ଦଳକୁ କ୍ରୀଡ଼ା ଉପକରଣ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଆସୋସିଏସନର ପୂର୍ବତନ ସହ-ସମ୍ପାଦକ ସ୍ୱର୍ଗତ ଚିନ୍ମୟ କୁମାର ଦାସଙ୍କ ସ୍ମୃତିରେ ପ୍ରତ୍ୟେକ ମ୍ୟାଚର ଶ୍ରେଷ୍ଠ ଖେଳାଳି (ମ୍ୟାନ୍ ଅଫ୍ ଦି ମ୍ୟାଚ୍) ପୁରସ୍କୃତ ହେବେ। ୧୪ରେ ଦିବାରାତ୍ର ଭେଟେରାନ ଫୁଟବଲ ମ୍ୟାଚ୍ : ଟୁର୍ଣ୍ଣାମେଣ୍ଟ ଶେଷ ପରେ ଅକ୍ଟୋବର ୧୪ ତାରିଖରେ ସ୍ୱର୍ଗତ କେଦାର ନାଥ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଦିବାରାତ୍ର ବନ୍ଧୁତ୍ୱପୂର୍ଣ୍ଣ ଭେଟେରାନ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭୁବନେଶ୍ୱର ଭେଟେରାନ, ଜାଗମରା ଭେଟେରାନ, କଟକ ବିଡ଼ାନାସୀ ଭେଟେରାନ ଓ କଟକ ରେଭେନ୍ସା ମର୍ଣ୍ଣିଂ ଭେଟେରାନ ଦଳ ଭାଗନେବେ। ଏହି ଅବସରରେ ପୂର୍ବତନ କ୍ରୀଡ଼ା ପ୍ରଶାସକ ସ୍ୱର୍ଗତ ଅଶୋକ ମହାନ୍ତିଙ୍କ ସ୍ମୃତିରେ ବରିଷ୍ଠ ଭେଟେରାନ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ସମ୍ପର୍କରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ନବରଞ୍ଜନ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ଉପ-ସଭାପତି ବିରାଞ୍ଚି ନାରାୟଣ ମହାନ୍ତି, ପର୍ଯ୍ୟବେକ୍ଷକ ଦେବବ୍ରତ ମହାନ୍ତି, କୋଷାଧ୍ୟକ୍ଷ ଶ୍ରୀମନ୍ତ କୁମାର ମହାନ୍ତି ଓ ମଧୁସୂଦନ ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସୂଚନା ଦେଇଥିଲେ।

### କଲଣ୍ଡା ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦଯାପିତ

## ନୁଥୁରିପଶିକୁ ୨-୦ ଗୋଲରେ ପରାସ୍ତ କରି ବ୍ରଜନାଥପୁର ଚାମ୍ପିଅନ

ଖମାର,(ସବ୍ୟୁ) : ଯୁଗ ଜ୍ୟୋତି ଯୁବକ ସଂଘ, କଲଣ୍ଡା ପକ୍ଷରୁ ଆୟୋଜିତ ଫୁଟବଲ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ଉତ୍ସାହ ଓ ଆନନ୍ଦର ସହ ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଶ୍ରୀ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ଫାଇନାଲ ମ୍ୟାଚ୍ରେ ବ୍ରଜନାଥପୁର ଦଳ ଓ ନୁଥୁରିପଶି ଦଳ ମଧ୍ୟରେ ରୋମାଞ୍ଚକର ମୁକାବିଲା ହୋଇଥିଲା । ଉଭୟ ଦଳ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ବେଳେ ବ୍ରଜନାଥପୁର ଦଳ ନିଜର ଚମତ୍କାର ପ୍ରଦର୍ଶନ ବଳରେ ନୁଥୁରିପଶି ଦଳକୁ ୨-୦ ଗୋଲ ବ୍ୟବଧାନରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା । ପ୍ରତିଯୋଗିତାର ବିଜେତା ବ୍ରଜନାଥପୁର ଦଳକୁ ଟ୍ରଫି ସହ ୨୦,୦୦୦ ଟଙ୍କା ଏବଂ ଉପବିଜେତା ନୁଥୁରିପଶି ଦଳକୁ ଟ୍ରଫି ସହ ୨୦,୦୦୦ ଟଙ୍କା ମୁଖ୍ୟ ଅତିଥି ଅଶୋକ ମହାନ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଶ୍ରୀ ମହାନ୍ତି ଖେଳାଳିମାନଙ୍କୁ ଉତ୍ସାହିତ କରି କହିଥିଲେ ଯେ, ଗ୍ରାମାଞ୍ଚଳରେ ଏଭଳି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ଦ୍ୱାରା ଅନେକ ପ୍ରତିଭାବାନ ଖେଳାଳି ସୁଯୋଗ ପାଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ । ଖେଳ ସମୟରେ ଆହତ ହୋଇଥିବା ଜଣେ ଖେଳାଳିଙ୍କୁ ମୁଖ୍ୟ ଅତିଥି ଶ୍ରୀ ମହାନ୍ତି ଆର୍ଥିକ ସହାୟତା ସ୍ୱରୂପ ୫,୦୦୦ ଟଙ୍କା ପ୍ରଦାନ କରିଥିଲେ । ତାଙ୍କର ଏହି ମାନବିକ ପଦକ୍ଷେପ ଉପସ୍ଥିତ କ୍ରୀଡ଼ାପ୍ରେମୀ ଓ ଆୟୋଜକମାନଙ୍କ ମଧ୍ୟରେ ପ୍ରଶଂସାର ପାତ୍ର ହୋଇଥିଲା । କାର୍ଯ୍ୟକ୍ରମରେ ପରାଛାଟ ପଞ୍ଚାୟତ ସରପଞ୍ଚ ବବିତା ଘଟୁଆରି, ଜିଲ୍ଲା ସମ୍ପାଦକ ପ୍ରହ୍ଲାଦ ସାମଲ, ପୂର୍ବତନ ବିଜେପି ମଣ୍ଡଳ ସଭାପତି ଗୌରଚନ୍ଦ୍ର ପ୍ରଧାନ, ସରୋଜ ସାହୁ, ମଣ୍ଡଳ ସଭାପତି କାର୍ତ୍ତିକ ହୃଦୟ ଚନ୍ଦନ ପ୍ରଧାନ, ଡିଲେଶ୍ୱର ବେହେରା, ଦିଲୀପ ସାହୁ, ମନୋଜ ସାହୁ ଓ ସୁଭସ୍ମିତା ଜେନା ପ୍ରମୁଖ ଯୋଗଦେଇଥିଲେ । ସେହିପରି ଯୁଗ ଜ୍ୟୋତି ଯୁବକ ସଂଘର ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ସଞ୍ଜୟ କୁମାର ମାଝୀ ଓ କୋଷାଧ୍ୟକ୍ଷ କାଳନ୍ଦୀ ଚରଣ ନାୟକଙ୍କ ସମେତ ସଂଘର ସଦସ୍ୟ, ଖେଳାଳି ଓ ବହୁ ସଂଖ୍ୟକ କ୍ରୀଡ଼ାପ୍ରେମୀ ଉପସ୍ଥିତ ରହି ପ୍ରତିଯୋଗିତାକୁ ସଫଳ କରିଥିଲେ ।




**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଡ଼ା. କୃଷ୍ଣଚନ୍ଦ୍ର ମହାରଣା**

କଲେଜ ଛକ, ପାରଳାଖେମୁଣ୍ଡି

ଆବିର୍ଭାବ - ୧୫.୭.୧୯୪୭

ତିରୋଧାନ - ୧୭.୦୯.୨୦୨୫

ଭାଇ ଆମକୁ ଛାଡ଼ି ଏକ ବର୍ଷ ବିତିଗଲା । ଆପଣଙ୍କର ଆଶୀର୍ବାଦ ଆମ ମୁଣ୍ଡ ଉପରେ ସେମିତି ରହିଥାଉ । ତୁମେ ଆମକୁ ସାହାସ, ଧୈର୍ଯ୍ୟ ଦେଉଥାଅ । ଯେଉଁଠି ଥାଅ ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ପବିତ୍ର ଆତ୍ମାକୁ ଶାନ୍ତି ଦିଅନ୍ତୁ ।

ଶୋକସନ୍ତପ୍ତ ପରିବାର : ଭାଇ: ବନମାଳି, ସୀମାଞ୍ଚଳ ଓ ସୁରେଶ ପୁତୁରା, ଝିଆରୀ, ନାତି, ନାତୁଣୀ ଅଶୋକ, ଆଲୋକ, ଦୀପକ, ରୂପକ, ସୁଶାନ୍ତ, ସତ୍ୟଜିତ, ଅଂଶୁମାନ, ଗାୟତ୍ରୀ, ଧରିତ୍ରୀ, ସୌମିତ୍ରୀ, ଜୟଜ୍ୟୋତି, ମାନସ୍ୱିନୀ, ମୋନାଲିସା, ଶତାବ୍ଦୀ ଓ ସମସ୍ତ ମହାରଣା ପରିବାର ।

### ରାଜ୍ୟସ୍ତରୀୟ କ୍ୟାରମ ଟୁର୍ଣ୍ଣାମେଣ୍ଟ

## ଚିଲିକା ଟିମ ପ୍ରଥମ , ନିରାକାରପୁର ୨ୟ

ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ସହରସ୍ଥିତ ପଠାଣି ସାମନ୍ତ ସ୍ମୃତିମନ୍ଦିର ଓ ପାଠାଗାର ସମ୍ମିଳନୀ କକ୍ଷରେ ୮ ତମ ରାଜ୍ୟସ୍ତରୀୟ ଏକ ଦିବସୀୟ କ୍ୟାରମ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



ହୋଇ ଯାଇଛି । ଟୁର୍ଣ୍ଣାମେଣ୍ଟର ଫାଇନାଲ ରାଉଣ୍ଡରେ ଖୋର୍ଦ୍ଧା ଜିଲ୍ଲା ଅଧୀନ ଚିଲିକା ଅଂଚଳର ହରିଶ ଓ ସୁରଜିତ ଯୋଡି ପ୍ରଥମ, ନିରାକାରପୁର ଅଞ୍ଚଳର କାଳୁ ଭାଇନା ଓ ଲିଙ୍ଗାଙ୍କ ଯୋଡି ୨ୟ, ଭୁବନେଶର ବରମୁଣ୍ଡା ଅଞ୍ଚଳର ମଣ୍ଟୁଆ ଓ ରିଙ୍କୁ ଯୋଡି ୩ୟ ଓ ଭାପୁର ବ୍ଲକ ଅଧୀନ ଚକ୍ରଧରପ୍ରସାଦ ଗ୍ରାମର ଶିବୁଲ ଓ ଜିଲୁଙ୍କ ଯୋଡି ୪ର୍ଥ ସ୍ଥାନ ଅଧିକାର କରି ଅତିଥିଙ୍କ ଠାରୁ ପୁରସ୍କାର ବାବଦରେ ଅର୍ଥ ରାଶି ସହ ଟ୍ରଫି ଗ୍ରହଣ କରିଥିଲେ । ଚଳିତ ବର୍ଷ ସୁଦୁର କଳାହାଣ୍ଡି ,ଅନୁଗୁଳ ବଲାଙ୍ଗୀର, ଭୁବନେଶର, କଟକ, ଖୋର୍ଦ୍ଧା, ପୁରୀ, ନିମାପଡା, ହାଡପଦା, ଯଦୁପୁର, ଜଟଣୀ, ନୟାଗଡ, ଓଡଗାଁ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସର୍ବମୋଟ ୩୨ଟି ଦଳ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୁପେ ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ଯୋଗଦେଇ ପ୍ରଥମ,୨ୟ,୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିବା ଯୋଡିଙ୍କୁ ନଗଦ ୬ ହଜାର, ୪୫୦୦,୨୫୦୦ ଓ ୧୫୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ଶ୍ରେଷ୍ଠ ଟିମ ଭାବେ ଅନୁଗୁଳ କ୍ୟାରମ ଆସୋସିଏସନ ପୁରସ୍କୃତ ହୋଇଥିବା ବେଳେ ଶ୍ରେଷ୍ଠ ବରିଷ୍ଠ ଖେଳାଳୀ ଭାବେ ନୟାଗଡ ଜିଲ୍ଲା ଅଧୀନ ଇଟାମାଟି ଅଞ୍ଚଳର ଅଶୋକ କୁମାର ନାୟକ ଓ କଟକ ଜିଲ୍ଲାର ସାଲେପୁର ନିବାସୀ ଅଶୋକ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ଜାତୀୟ ତାଇକୋଣ୍ଡୋ ଚାମ୍ପିଅନସିପ

## ହାନା ତାଏକୋଣ୍ଡୋ ଏକାଡେମୀର ୪ ପଦକ ହାସଲ

ସାକ୍ଷୀଗୋପାଳ, (ସବ୍ୟୁ): ମଧ୍ୟପ୍ରଦେଶର ଇନ୍ଦୋରଠାରେ ଅନୁଷ୍ଠିତ ଜାତୀୟ ତାଇକୋଣ୍ଡୋ ଚାମ୍ପିଅନସିପ



୨୦୨୬ରେ ସାକ୍ଷୀଗୋପାଳର ହାନା ତାଇକୋଣ୍ଡୋ ଏକାଡେମୀର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ୩ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ସହ ମୋଟ ୪ଟି ପଦକ ହାସଲ କରିଛନ୍ତି। ଜୁନିୟର ଗାର୍ଲ୍ସ ୬୮ କିଲୋଗ୍ରାମରୁ ଉର୍ଦ୍ଧ୍ୱ ବର୍ଗରେ ସ୍ମୃତି ରେଖା ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଜୁନିୟର ଗାର୍ଲ୍ସ ୫୫ କିଲୋଗ୍ରାମ ବର୍ଗରେ ପ୍ରଜ୍ଞାଶ୍ରୀ ପ୍ରାରମ୍ଭିକା ବିଶ୍ୱାଳ ରୌପ୍ୟ ପଦକ ଜିତିଛନ୍ତି। ସେହିପରି ସବ-ଜୁନିୟର ୮ରୁ ୧୧ ବର୍ଷ ବୟସ ବାଳକ ପୁନେ ଦଳରେ ଆର୍ଯ୍ୟ ଅଭିଜ୍ଞାନ ମିଶ୍ର, ରୁଦ୍ରାଦିତ୍ୟ ନାୟକ ଓ ଚିନ୍ମୟ ମେକାପଙ୍କ ଟିମ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହା ସହିତ ଏକାଡେମୀର ପଦକ ସଂଖ୍ୟା ୩ ସ୍ୱର୍ଣ୍ଣ ଓ ୧ ରୌପ୍ୟ ସହ ମୋଟ ୪ରେ ପହଞ୍ଚିଛି । ଖେଳାଳିମାନଙ୍କ ଏହି ସଫଳତା ପାଇଁ ଏକାଡେମୀ ପକ୍ଷରୁ କୋଚ ଦୀପକ କୁମାର ପ୍ରଧାନ ଓ ଓଡ଼ିଶା ତାଇକୋଣ୍ଡୋ ଆସୋସିଏସନ ସଚିବ ମନମୋହନ ଭଞ୍ଜଙ୍କୁ କୃତଜ୍ଞତା ଜଣାଯାଇଛି ।




Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି